


▶ପୃଷ୍ଠା 9 ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-185 ◆WEDNESDAY ◆31 DECEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୮୫ ◆ବୁଧବାର ◆୩୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

## ଦୁଇ ସପ୍ତାହ ମଧ୍ୟରେ ତୃତୀୟ ଘଟଣା



**ହାଇକମିସନରଙ୍କୁ ଆଲୋଚନା ପାଇଁ ଡାକିଲା ବାଂଲାଦେଶ**

■ ଢାକା, ୩୦।୧୨ (ଏଜେନ୍ସି): ବାଂଲାଦେଶରେ ଗତ କିଛି ସପ୍ତାହ ଧରି ଅରାଜକତା ଚଳାଇଛନ୍ତି ବିଭିନ୍ନ ଚରମପନ୍ଥୀ ସଂଗଠନ। ସେମାନଙ୍କ ଟାର୍ଗେଟରେ ରହିଛନ୍ତି ବିତାଡ଼ିତ ପ୍ରଧାନମନ୍ତ୍ରୀ ହସିନାଙ୍କ ସମର୍ଥକ ଏବଂ ହିନ୍ଦୁ ସଂପ୍ରଦାୟ। ଦେଶବ୍ୟାପୀ ଏହାକୁ ନେଇ ବିରୋଧ କରାଯାଉଛି। ଭାରତ ମଧ୍ୟ ଏହାର ପ୍ରତିବାଦ କଲାଣି। ଏହାସତ୍ତ୍ୱେ ବାଂଲାଦେଶରେ ହିନ୍ଦୁମାନଙ୍କ ବିରୋଧରେ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ହେଉଛି ଏହାର ଆଉ ଏକ ପ୍ରମାଣ। ହତ୍ୟାକାରୀ ଧରାପଡ଼ିଥିଲେ ମଧ୍ୟ ୟୁନୁସ ସରକାରଙ୍କ ଅପରାଗତାକୁ ନେଇ ବାଂଲା ହିନ୍ଦୁ ସଂପ୍ରଦାୟ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସେମାନେ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ଅପରାଗତାର ସୁଯୋଗ ନେଇ ଚରମପନ୍ଥୀଙ୍କ ଅତ୍ୟାଚାର ସମସ୍ତ ସୀମା ଅତିକ୍ରମ କଲାଣି।

ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟା ବେଳେ ଏକ କପଡ଼ା କାରଖାନାରେ ଜଣେ ହିନ୍ଦୁ ଶ୍ରମିକଙ୍କୁ ତାଙ୍କର ଜଣେ ସହଯୋଗୀ ଗୁଳି କରି ହତ୍ୟା କରିଛି। ମୃତ ଶ୍ରମିକ ହେଉଛନ୍ତି ବଜେନ୍ଦ୍ର ବିଶ୍ୱାସ (୪୨) ଏବଂ ହତ୍ୟା ଅଭିଯୁକ୍ତ ହେଲା ନୋମାନ। ଦୁହେଁ ଏହି କାରଖାନାରେ ସିକୁରିଟି ଗାର୍ଡ ରୂପେ କାମ କରୁଥିଲେ। ଦୁହେଁ ଏକୁଟିଆ ବସିଥିବା ବେଳେ ନୋମାନ ତା ବନ୍ଧୁକରୁ ବଜେନ୍ଦ୍ରଙ୍କୁ ଗୁଳିମାଡ଼ କରିଥିଲା। ଡାକ୍ତରଖାନା ନିଅଯିବା ସମୟରେ ବଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ନୋମାନକୁ ଗିରଫ କରିବା ସହିତ ତା ଠାରୁ ବନ୍ଧୁକ ଜବତ କରିଛି। ତେବେ ହତ୍ୟାର ▶ପୃଷ୍ଠା-୭

# ଆରାବଳୀ କ୍ଷତିଗ୍ରସ୍ତ ହେଲେ ବିଗିଡ଼ିଯିବ ଓଡ଼ିଶାର ଜଳବାୟୁ

■ ଭୁବନେଶ୍ୱର, ୩୦।୧୨ (ସମିସ): ଆରାବଳୀ ପର୍ବତମାଳାର ସଂରକ୍ଷଣକୁ ନେଇ ଏବେ ସାରାଦେଶରେ ଆରମ୍ଭ ହୋଇଛି ଆନ୍ଦୋଳନ। ଯଦିଓ ଏହାର ଖନନ ନେଇ ପୂର୍ବ ନିର୍ଦ୍ଦେଶନାମା ଉପରେ ସୁପ୍ରିମକୋର୍ଟ ସାମୟିକ ରହିତାଦେଶ ଦେଇଛନ୍ତି, ମାତ୍ର ଏହି ପର୍ବତମାଳା ଉପରୁ ବିପଦ ଶତପ୍ରତିଶତ ଟଳିଯାଇ ନାହିଁ। ତେଣୁ ଆରାବଳୀର ସୁରକ୍ଷାକୁ ନେଇ ଏବେ ବି ସଂଶୟ ଲାଗି ରହିଛି। ଅନ୍ୟପଟେ ଆରାବଳୀ ପର୍ବତମାଳା ସହ ଓଡ଼ିଶାର ସିଧାସଳଖ ସମ୍ପର୍କ ନ ଥିଲେ ହେଁ ଏହି ପର୍ବତମାଳା ପରୋକ୍ଷରେ ଓଡ଼ିଶାର ଜଳବାୟୁ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛି। ତେଣୁ ଆରାବଳୀ ପର୍ବତମାଳା କ୍ଷତିଗ୍ରସ୍ତ ହେଲେ ଓଡ଼ିଶାର ପାଣିପାଗ ସମ୍ପୂର୍ଣ୍ଣ ବିଗିଡ଼ିଯିବାର ଆଶଙ୍କା ରହିଛି।

- **ଖରାଦିନେ ସୃଷ୍ଟି ହେବ ରାଜସ୍ଥାନ ପରି ସ୍ଥିତି**
- **ପଶ୍ଚିମ ଦିଗରୁ ରାଜ୍ୟକୁ ସିଧା ବହିବ ଶୁଷ୍କ ବାୟୁ**
- **ଆଗକୁ ବଢ଼ିବ ନାହିଁ ବଙ୍ଗୋପସାଗର ଲଘୁଚାପ**
- **ବଢ଼ିବ ବଜ୍ରପାତ, ବାରମ୍ବାର ଡରାଇବ ବନ୍ୟା**
- **ଅଧିକ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଲାଗି ରହିବ**

ଆରାବଳୀ ପର୍ବତମାଳା ଦକ୍ଷିଣପଶ୍ଚିମରୁ ଉତ୍ତରପୂର୍ବ ଦିଗକୁ ବ୍ୟାପିଛି। ଉତ୍ତର ଗୁଜରାଟରୁ ବାହାରି ପୂର୍ବ ରାଜସ୍ଥାନ ମଧ୍ୟ ଦେଇ ଦକ୍ଷିଣ ପଞ୍ଜାବର ପାଦଦେଶ ଯାଏଁ ଲମ୍ବିଛି। ▶ପୃଷ୍ଠା-୭



## ୨୦୨୭ ପାଇଁ ୨୦୨୬ରୁ ପ୍ରସ୍ତୁତି

# ୩ ଦଳ ପାଇଁ ଆହ୍ୱାନ — କଳି-କନ୍ଦଳ-ସଙ୍ଗଠନ

■ ଭୁବନେଶ୍ୱର, ୩୦।୧୨ (ସମିସ): ରାଜ୍ୟ ରାଜନୀତି ବେଶ୍ ଘଟଣାବହୁଳ ରହିଛି ୨୦୨୫। ରାଜନୈତିକ ଛକାପଞ୍ଝା, ପତିଆରା ଲଢ଼େଇ, ଆଭ୍ୟନ୍ତରୀଣ କନ୍ଦଳ ଚା' କପ୍‌ର ଝଡ଼ ପରି ବିଭିନ୍ନ ରାଜନୈତିକ ଦଳରେ ସାମୟିକ କମ୍ପନ ସୃଷ୍ଟି କରିଛି। କଥିତ ଶୃଙ୍ଖଳାର ବେଡି ଅସନ୍ତୋଷକୁ କିଛି ପରିମାଣରେ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇଛି। ମାତ୍ର ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ରାଜ୍ୟର ତିନି ଦଳ ବିଜେପି, ବିଜେଡି ଓ କଂଗ୍ରେସ ପାଇଁ ଭିନ୍ନଭିନ୍ନ ଆହ୍ୱାନ ନେଇ ଆସୁଥିବା ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି। ୨୦୨୬ ଦ୍ୱିତୀୟାର୍ଦ୍ଧରେ ଛାତ୍ରସଂସଦ, ୨୦୨୭ ପ୍ରଥମାର୍ଦ୍ଧରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତିନିଦଳ ବର୍ଷ ଆରମ୍ଭରୁ ପ୍ରସ୍ତୁତି ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରତ୍ୟେକ ରାଜନୈତିକ ଦଳ ନିଜ ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ଚଳିତ ବର୍ଷ ଆରମ୍ଭ କରିଥିବା ଯୋଜନା ୨୦୨୬ରେ କାର୍ଯ୍ୟାନ୍ୱୟନ ସମୟରେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବେ ଓ ଏହା ହିଁ ତିନି ଦଳର ବାସ୍ତବ ସାମର୍ଥ୍ୟକୁ ପ୍ରଦର୍ଶନ କରିବ।



୨୦୨୪ରେ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ବିଜୟ ଓ ୨୦୨୫ରେ ନୂଆପଡ଼ା ଉପ ନିର୍ବାଚନରେ ବୃହତ୍ ବିଜୟକୁ ନେଇ ବିଜେପି ବେଶ ଉତ୍ସାହିତ ଅଛି। ଏବେଠାରୁ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଜେପି ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଛି। ବିଭିନ୍ନ ଜିଲ୍ଲାରେ ଅନ୍ୟ ଦଳରୁ ନେତା ଓ କର୍ମୀମାନଙ୍କୁ ଆମଦାନୀ କରି ବିଜେପି ନେତାମାନେ ଦଳରେ ମିଶାଉଛନ୍ତି। ଦଳର ସାଂଗଠନିକ ଶକ୍ତିକୁ ବହୁଗୁଣା କରିବାକୁ ନେତା ଆମଦାନୀ ଉପରେ ବିଜେପି ଗୁରୁତ୍ୱ ଦେଉଛି। ତେବେ ବିଜେପିର ଏହି ରାଜନୈତିକ ଗୋଟି ଚାଳନା ଦଳର ତୃଣମୂଳସ୍ତରରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ପୁରୁଣା କର୍ମୀ ଆମଦାନୀ ନେତାଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି, ନୂଆ ନେତାମାନେ ମଧ୍ୟ ପୁରୁଣା କର୍ମୀ ଓ ନେତାଙ୍କ ସହ ମିଶି ପାରୁନାହାନ୍ତି। ଫଳରେ ବିଜେପିରେ ନୂଆ-ପୁରୁଣାଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଶୀତଳ ଯୁଦ୍ଧ ଦଳର ଆଭ୍ୟନ୍ତରୀଣ ରାଜନୀତିକୁ ପ୍ରଭାବିତ କରିପାରେ ▶ପୃଷ୍ଠା-୭

## ଶ୍ରୀମନ୍ଦିରରେ ନୂଆବର୍ଷ ପ୍ରସ୍ତୁତି

# ମହାପ୍ରଭୁ ଶୋଇବେ ମାତ୍ର ୩ ଘଣ୍ଟା



**୧୧ଟା ସୁଦ୍ଧା ପହୁଡ଼, ୨ଟାରେ ଦ୍ୱାରଫିଟା**

■ ପୁରୀ, ୩୦।୧୨ (ସମିସ): ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହୋଇଯାଇଛି ପୁରୀ ସହର। ହୋଟେଲ, ଲଜ୍, ଭକ୍ତନିବାସ, ହଲିଡେ ହୋମ୍‌ଗୁଡିକ ପୂରା ପ୍ୟାକ୍। ବୁଧବାର ରାତି ୧୨ଟାରେ ଜିରୋ ନାଇଟ୍ ସେଲିବ୍ରେଶନ କରି ମଉଜ, ମସ୍ତିରେ ସ୍ୱାଗତ କରିବେ ନୂଆବର୍ଷ ୨୦୨୬କୁ। ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ପ୍ରସ୍ତୁତି ହୋଇଯାଇଛି ଜିଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିରରେ ନୂଆବର୍ଷ ଲାଗି ସ୍ୱତନ୍ତ୍ର ଭାବେ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ନୂଆବର୍ଷରେ ସାଧାରଣ ଲୋକଙ୍କ ଦର୍ଶନ ପାଇଁ ମହାପ୍ରଭୁଙ୍କୁ ଅଧା ▶ପୃଷ୍ଠା-୭





*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 22 ଡିସେମ୍ବର ଠାରୁ 31 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଘଣ୍ଟିତ ଲେବର୍ ଚାର୍ଜେସ୍ ଉଦ୍ଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍‌ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

**Authorised Dealers for BAJAJ Auto Ltd.: Jeypore:** DURRANI TRADERS 9124212491 • **Nabarangapur** DURRANI TRADERS 9124212490 , • Raighar DURRANI TRADERS 8260225498• **Bhawanipatna** KALINGA AUTO SERVICE 8763863692 • **Bolangir** URBASI BAJAJ 7381052046. • **Rayagada** SITA RAMA BAJAJ 7205631185, • **Gunupur** SITA RAMA BAJAJ 9437771070.

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୭୮୧- ଆମେରିକାରେ ପ୍ରଥମ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ନର୍ଥ ଆମେରିକା' ଖୋଲିଲା।
- ୧୯୨୯- ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଲାହୋରରେ ପୂର୍ଣ୍ଣ ସ୍ୱରାଜ ପାଇଁ ସଂକଳ୍ପ ନେଲେ।
- ୧୯୬୪- ଇଣ୍ଡୋନେସିଆ ଜାତିସଂଘରୁ ବହିଷ୍କୃତ।
- ୧୯୯୯- ଆଫଗାନିସ୍ତାନର କାନ୍ଦାହର ବିମାନ ବନ୍ଦରରେ ଅପହୃତ ଭାରତୀୟ ବିମାନ ସହ ୧୯୦ ଯାତ୍ରୀ ମୁକ୍ତ।
- ୨୦୦୪- ବୁଏନସ୍ ଆଇରିସସ୍‌ର ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୧୭୫ ଲୋକଙ୍କ ପ୍ରାଣହାନି।



## 'ଟକ୍ସିକ୍'ରେ ହୁମାଙ୍କ କିଲର୍ ଲୁକ୍

ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍'କୁ ନେଇ ଅନେକ ଦିନରୁ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି। ଏଥିପାଇଁ ଫିଲ୍ମ ନିର୍ମାତା ମଝିରେ ମଝିରେ ଏସମ୍ପର୍କିତ ଅପଡେଟ୍ ସେୟାର୍ କରୁଛନ୍ତି। କିଛି ଦିନ ପୂର୍ବରୁ ଏଥିରେ କିଆରା ଆଡଭାନୀଙ୍କ ଲୁକ୍ ସାମ୍ନାକୁ ଆସିଥିଲା। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏବେ ଏଥିରେ ହୁମା କ୍ୟୁରେସିଙ୍କ ଲୁକ୍ ସାମ୍ନାକୁ ଆସିଛି। ଇନ୍‌ଷ୍ଟାଗ୍ରାମ୍‌ରେ ଫିଲ୍ମ ନିର୍ମାତା ତାଙ୍କ ଲୁକ୍ ସେୟାର୍ କରିଛନ୍ତି। କଳାରଙ୍ଗର ଏକ ଗାଡ଼ି ପାଖରେ ହୁମା ଏକ ମଡର୍ଣ୍ଣ ଗାଉନ୍ ପିନ୍ଧି ଠିଆ ହୋଇଥିବାର ଦେଖାଯାଇଛନ୍ତି। ତାଙ୍କ ପଛପଟରେ ଏକ ପରି ମୂର୍ତ୍ତି ସହ କବରସ୍ତାନ ଦେଖାଯାଉଛି। ଏହା ଦେଖିବାକୁ ବେଶ୍ ଭୟାନକ ଲାଗୁଛି। ହୁମାଙ୍କ ଲୁକ୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି- 'ପ୍ରସ୍ତୁତ କରୁଛୁ 'ଟକ୍ସିକ୍: ଫ୍ୟାରି ଟେଲସ୍ ଫର୍ ଗ୍ରୋନ୍‌ଅପ୍ସ'ରେ ଏଲିଜାବେଥ୍‌ଙ୍କ ଭୂମିକାରେ ହୁମା କ୍ୟୁରେସି।' ହୁମାଙ୍କ ଏହି ଲୁକ୍ ସୋସିଆଲ ମିଡିଆରେ ଏବେ ବେଶ୍ ଭାଇରାଲ ହେଉଛି। ଗୀତୁ ମୋହନଦାସ 'ଟକ୍ସିକ୍'ର ନିର୍ଦ୍ଦେଶନା ଦେଇଛନ୍ତି। ଏହାକୁ ଇଂରାଜୀ ଓ କନ୍ନଡ଼ ଭାଷାରେ ସୁଟ୍ କରାଯାଇଛି। ଏହା ଆସନ୍ତା ମାର୍ଚ୍ଚ ୧୯ରେ ପରଦାକୁ ଆସିବ।



## ଭିଡିଓ ଗେମ୍ ନିଶା
## ହୋଟେଲ ସାଜିଲା ଅଳିଆ ଗଦା

ସାଧାରଣତଃ ବୁଲାବୁଲି କରିବାକୁ ବାହାରକୁ ଗଲେ ଲୋକେ ହୋଟେଲରେ ରହିଥାନ୍ତି। ଅତିବେଶୀରେ ଲୋକେ ସପ୍ତାହେ ଧରି ଏଠାରେ ରୁହନ୍ତି। ଜରୁରି ପରିସ୍ଥିତିରେ ଲୋକେ ହୋଟେଲରେ ମାସେ ଦୁଇମାସ ପର୍ଯ୍ୟନ୍ତ ରହିଥାନ୍ତି। ହେଲେ ଚୀନ୍‌ରୁ ଏକ ବିଚିତ୍ର ମାମଲା ସାମ୍ନା ଆସିଛି। ଏଠାରେ ଜଣେ ବ୍ୟକ୍ତି ଗୋଟିଏ ହୋଟେଲରେ ଦୀର୍ଘ ଦୁଇ ବର୍ଷ ଧରି ରହିଥିଲେ। ଉଲ୍ଲେଖନୀୟ କଥାଟି ହେଲା, ଯେତେବେଳେ ସେ ଏହି ହୋଟେଲ ଭିତରୁ ବାହାରିଲେ ସେ ରହୁଥିବା ରୁମ୍‌ଟିକୁ ଦେଖି କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥଲେ। ଘର ସାରା ଅଳିଆ ଆବର୍ଜନା ସହ ଏହା ଏକ ପରିତ୍ୟକ୍ତ ଘର ଭଳି ଲାଗୁଥିଲା। ଏହି ଘଟଣାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଅଧିକାଂଶ ଏହାକୁ ଭିଡିଓ ଗେମ୍ ନିଶାର ଏକ ବିପଜ୍ଜନକ ଉଦାହରଣ ବୋଲି କହିଛନ୍ତି। ତେବେ ଏହି ହୋଟେଲଟି ଭିଡିଓ ଗେମ୍ ଖେଳାଳିଙ୍କ ପାଇଁ ତିଆରି କରାଯାଇଥିଲା। ହୋଟେଲର ଏକ ରୁମ୍‌ରେ ଉକ୍ତ ବ୍ୟକ୍ତି ଜଣକ ଦୀର୍ଘ ଦୁଇ ବର୍ଷ ଧରି ରହି ଆସୁଥିଲେ। ଏହି ଦୁଇ ବର୍ଷ ମଧ୍ୟରେ ସେ ଆଦୌ ହୋଟେଲ ବାହାରକୁ ବାହାରି ନ ଥିଲେ। ଏନେଇ ହୋଟେଲ କର୍ମଚାରୀଙ୍କ କହିବା କଥା, ବ୍ୟକ୍ତି ଜଣକ ଦିନରାତି ବସି ରୁମ୍ ଭିତରେ ଭିଡିଓ ଗେମ୍ ଖେଳୁଥିଲେ। ଦୁଇ ବର୍ଷ ପରେ ଏହି ବ୍ୟକ୍ତି ଜଣକ ହୋଟେଲ ଛାଡ଼ିଥିଲେ। ଏହାପରେ ସଫେଇ କର୍ମଚାରୀ ରୁମ୍‌କୁ ସଫା କରିବାକୁ ଯିବାରୁ ଭିତରେ ଖାଇବା ଡବା, ଖାଲି ବୋତଲ, ଅଳିଆ ଆବର୍ଜନା ଘରର ଚଟାଣଠାରୁ ନେଇ ବିଛଣା, ଟେବୁଲ ଚଉକି ସବୁଠି ଏଣେତେଣେ ପଡ଼ିଥିଲା। ଏପରିକି ବ୍ୟବହାର କରାଯାଇଥିବା ଟଏଲେଟ୍ ପେପର୍‌ଗୁଡ଼ିକ ଟଏଲେଟ ସିଟ୍‌ଠାରୁ ଅଧିକ ଉଚ୍ଚାରେ ରହିଥିଲା। ଘର ଦୁର୍ଗନ୍ଧରେ ଫାଟି ପଡୁଥିଲା। ହୋଟେଲ କର୍ମଚାରୀଙ୍କ କହିବାନୁସାରେ, ବ୍ୟକ୍ତି ଜଣକ ଏହି ରୁମ୍‌ରେ ରହିବା ସତ୍ତ୍ୱେ ବି ଖୁବ୍ କମ୍ ନଜର ଆସୁଥିଲେ। ସେ ଜଣେ ହାର୍ଡକୋର ଖେଳାଳି। ସାମାଜିକ ଗଣମାଧ୍ୟମରେ ହୋଟେଲ ରୁମ୍‌ର ଭିଡିଓ ଭାଇରାଲ ହେବା ପରେ କେହି କେହି ଏଭଳି ନିଶାକୁ ବିପଜ୍ଜନକ ରୂପ କହୁଥିବାବେଳେ ଆଉ କେହି କେହି ହୋଟେଲର ଅବହେଳା ଉପରେ ପ୍ରଶ୍ନ ଉଠାଇଛନ୍ତି।

## ଜୀବନ ରକ୍ଷା କରିବ ଉଡ଼ନ୍ତା ରୋବଟ୍

କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (କାଲଟେକ୍) ଏମିତି ଏକ ରୋବଟ୍‌କୁ ପରିଚିତ କରାଇଛି, ଯାହାର ନାଁ 'ଏକ୍ସ ୧'। ତେବେ ଏହା ଗୋଟିଏ ରୋବଟ୍ ନୁହେଁ, ବରଂ ଦୁଇଟି ରୋବଟ୍‌ର ଏକ ଟିମ୍। ଏହି ଦୁଇଟି ରୋବଟ୍ ପରସ୍ପର ସହିତ ମିଶି କାମ କରିଥାଏ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏଥିରେ ମଣିଷ ଭଳି ଚାଲୁଥିବା ଏକ ହ୍ୟୁମାନଏଡ୍ ରୋବଟ୍ ଅଛି ଏବଂ ଏହା ପିଠି ଉପରେ ଥିବା ଆଉ ଏକ ରୋବଟ୍ ଆବଶ୍ୟକ ପଡ଼ିଲେ ଡ୍ରୋନ୍‌ରେ ରୂପାନ୍ତରିତ ହୋଇପାରିବ। 'ଏକ୍ସ ୧'କୁ ଉଦ୍ଧାର କାର୍ଯ୍ୟ ଲାଗି ନିର୍ମାଣ କରାଯାଇଛି। ଯେଉଁ ସ୍ଥାନକୁ ମଣିଷ ଯିବା ବିପଜ୍ଜନକ ସେହିସ୍ଥାନଗୁଡ଼ିକୁ ଏହି ରୋବଟ୍‌କୁ ପଠାଇ ହେବ। ସେହିପରି ଏକ୍ସ ୧ ପ୍ରୋଜେକ୍ଟ ଉପରେ କାଲଟେକ୍ ଏବଂ ଆବୁଧାବିର ଟେକ୍ନୋଲୋଜି ଇନୋଭେସନ ଇନଷ୍ଟିଚ୍ୟୁଟ୍ ମିଳିତ ଭାବେ ପ୍ରାୟ ତିନି ବର୍ଷ ପର୍ଯ୍ୟନ୍ତ କାମ କରିଛନ୍ତି। ଏହି ସମୟ ମଧ୍ୟରେ ଇଞ୍ଜିନିୟରମାନେ ଦୁଇଟି ରୋବଟ୍‌କୁ ଏମିତି ପ୍ରଶିକ୍ଷିତ କରିଛନ୍ତି ଯେ, ଯେମିତି ଆବଶ୍ୟକ ପଡ଼ିଲେ ଉଭୟ ଉଭୟଙ୍କୁ ଶକ୍ତି ଯୋଗାଇ ପାରିବେ। ଏପ୍ରକାର ସିଷ୍ଟମକୁ 'ମଲ୍ଟି ରୋବଟ୍ ସିଷ୍ଟମ୍' ବୋଲି କୁହାଯାଏ। ତେବେ ଏକ୍ସ ୧ର ମୁଖ୍ୟ ୟୁନିଟ୍ରି ଜି ୧ ହ୍ୟୁମାନଏଡ୍ ରୋବଟ୍ ଦୁଇ ଗୋଡ଼ରେ ଚାଲିବ ଏବଂ ଭାରି ଜିନିଷ ଉଠାଇ ପାରିବ। ସେହିଭଳି ଏହା ଉପରେ ଥିବା ଏମ୍ ୪ ରୋବଟ୍ ଆବଶ୍ୟକତା ଅନୁସାରେ ନିଜର ଆକାର ବଦଳାଇପାରେ। ଏମ୍ ୪ କେତେବେଳେ ଚକ ସଦୃଶ ରୋବଟ୍ ପାଲଟି ଯିବ ତ ପୁଣି ଡ୍ରୋନ୍ ହୋଇ ଉଡ଼ିବ। ଏଥିରେ କ୍ୟାମେରା ତଥା ଅନ୍ୟ ସେନ୍ସର୍‌ଗୁଡ଼ିକ ଲାଗିଛି। ଯଦ୍ୱାରା ଏହା ଆଖପାଖର ସ୍ଥିତି ବିଷୟରେ ଜାଣିପାରିବ। ତେବେ ଆଜିର ସମୟରେ ଅନେକ ରୋବଟ୍ କିଛି କାମ ଲାଗି ସୀମିତ ଥିବାବେଳେ ଏକ୍ସ ୧ ଏବଂ ଏମ୍ ୪ ରୋବଟ୍ ଚାଲିପାରିବ, ଉଡ଼ିପାରିବ, ସନ୍ତୁଳନ ରକ୍ଷା କରିବାକୁ ସକ୍ଷମ। ଏହି କ୍ଷମତାକୁ ବୈଜ୍ଞାନିକମାନେ ଲୋକୋମୋସନ ପ୍ଲାଷ୍ଟିସିଟି ବୋଲି କହିଛନ୍ତି। ପରିସ୍ଥିତି ବଦଳିଲେ ରୋବଟ୍ ବି ତା'ର ତରିକା ବଦଳାଇପାରେ। ଅନ୍ୟପଟେ ଏହି ରୋବଟ୍ ଆବଡ଼ାଖାବଡ଼ା ସ୍ଥାନ, ଶିଢ଼ିରେ ବି କାମ କରିପାରିବ। ତେବେ ଏବେ ଏହା ସ୍କ୍ରିପ୍ଟେଡ୍ ମିଶନରେ କାମ କରୁଛି। ଏହାର ଟିମ୍ ଏହାକୁ ଅଧିକ ବିଶ୍ୱାସଯୋଗ୍ୟ ଓ ସୁରକ୍ଷିତ ଭାବେ ତିଆରି କରିବା ଦିଗରେ ପ୍ରଚେଷ୍ଟା ଚଳାଇଛନ୍ତି। ଭବିଷ୍ୟତରେ ଏହି ରୋବଟ୍ ନିଆଁ ଲାଗିଥିବା ସ୍ଥାନ, ଭୂମିକମ୍ପରେ ଧ୍ୱଂସ ହୋଇଯାଇଥିବା ଅଟ୍ଟାଳିକା ମଧ୍ୟରେ ମଣିଷଙ୍କ ବଦଳରେ ଉଦ୍ଧାର କାର୍ଯ୍ୟ କରିପାରିବ। ଭବିଷ୍ୟତରେ ଏହି ରୋବଟ୍ ରେସକ୍ୟୁ ଅପେରସନ୍ ଦିଗରେ ଏକ କ୍ରାନ୍ତି ଆଣିବ ବୋଲି କୁହାଯାଉଛି।





## ଏଆଇ ପାଇଁ କୋର୍ସ

**ଦିନକୁ ଦିନ ଏଆଇର ଚାହିଦା ବୃଦ୍ଧି ପାଉଛି। ତେଣୁ ଏହାକୁ ନେଇ ଓପନଏଆଇ ଏଆଇ ସାର୍ଟିଫିକେସନ କୋର୍ସ ଆରମ୍ଭ କରିଛି। ପ୍ରଫେସନାଲଙ୍କୁ ଏଆଇ ସହିତ ପରିଚିତ କରାଇବା ଏହାର ଉଦ୍ଦେଶ୍ୟ। ଏବେ ବଡ଼ ବଡ଼ କମ୍ପାନି ପାଇଲଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ପରୀକ୍ଷା କରୁଛନ୍ତି।**

**ବଢୁଛି ଏଆଇର ଚାହିଦା:** ଏଆଇ ଯୋଗୁଁ ବିଶ୍ୱରେ ଅନେକ ନିଯୁକ୍ତି ସୁଯୋଗ ବଦଳୁଛି। ଓପନଏଆଇ ଅନୁସାରେ, ୮୦ କୋଟିରୁ ଅଧିକ ଲୋକ ଏବେ ଚାଟ୍‌ଜିପିଟିର ବ୍ୟବହାର କରୁଛନ୍ତି। ତେବେ ସାଧାରଣ କର୍ମଚାରୀଙ୍କ ତୁଳନାରେ ଏଆଇରେ ପ୍ରବୀଣ ଲୋକ ଅଧିକ ରୋଜଗାର କରୁଛନ୍ତି। ତେଣୁ ଓପନଏଆଇର ଲକ୍ଷ୍ୟ ଲକ୍ଷାଧିକ ଲୋକଙ୍କୁ ଏଆଇ ଆଧାରିତ ଅର୍ଥବ୍ୟବସ୍ଥା ଲାଗି ପ୍ରସ୍ତୁତ କରିବା।

**ସ୍ୱତନ୍ତ୍ର କୋର୍ସ କାହିଁକି:** ଏଆଇ ସାର୍ଟିଫିକେସନ୍‌ରେ ଅଛି ଏଆଇ ଫାଉଣ୍ଡେସନ କୋର୍ସ। ଏହା ମାଧ୍ୟମରେ ବ୍ୟବହାରକାରୀ ଏଆଇ ସହିତ ଜଡ଼ିତ ଅଲଗା ଅଲଗା କାମର ଅଭ୍ୟାସ କରିପାରିବେ। ସେହିପରି ତୁରନ୍ତ ଶିଖିବା ଦ୍ୱାରା ଫିଡ୍‌ବ୍ୟାକ୍ ପାଇପାରିବେ, ଶିଖିବା ଅଭ୍ୟାସକୁ ମଧ୍ୟ ଟ୍ରାକ୍ କରିପାରିବେ। କୋର୍ସ ପୂରା ହେବା ପରେ ବ୍ୟବହାରକାରୀଙ୍କୁ ସାର୍ଟିଫିକେଟ୍ ମିଳିବ, ଯାହାକି ଇଣ୍ଡଷ୍ଟ୍ରି ଲେବଲର ଏଆଇ ସ୍କିଲକୁ ପ୍ରଦର୍ଶନ କରିବ। ଯଦି ଅତିରିକ୍ତ କୋର୍ସ ଏବଂ ପ୍ରୋଜେକ୍ଟ ପୂରା କଲେ, ଏକ ଅଫିସିଆଲ ସାର୍ଟିଫିକେଟ୍ ମଧ୍ୟ ହାସଲ କରିପାରିବେ।


**ବିଦ୍ୟାର୍ଥୀଙ୍କୁ ପ୍ରଥମ ଅଗ୍ରାଧିକାର:** କଲେଜ ଛାତ୍ରଛାତ୍ରୀଙ୍କୁ ଚାଟ୍‌ଜିପିଟି ଲ୍ୟାବ୍ ମାଧ୍ୟମରେ ଏହି କୋର୍ସ କରିବାର ପ୍ରଥମ ସୁଯୋଗ ମିଳିବ। ଓପନଏଆଇ ଏରିଜୋନା ଷ୍ଟେଟ୍ ୟୁନିଭର୍ସିଟି ଏବଂ କାଲିଫର୍ଣ୍ଣିଆ ଷ୍ଟେଟ୍ ୟୁନିଭର୍ସିଟି ସିଷ୍ଟମ ସହିତ ପାର୍ଟନରସିପ୍ କରିଛି। ଯେଭଳି ଏହି କୋର୍ସ ମାଧ୍ୟମରେ ବିଦ୍ୟାର୍ଥୀ ଉତ୍ତମ ଚାକିରିର ସୁଯୋଗ ପାଇପାରିବେ।

**ଶିକ୍ଷକଙ୍କ ପାଇଁ କୋର୍ସ:** ଓପନଏଆଇ ସ୍କୁଲ ଶିକ୍ଷକଙ୍କ ଲାଗି 'ଚାଟ୍‌ଜିପିଟି ଫାଉଣ୍ଡେସନ ଫର୍ ଟିଚର' ନାମରେ ଏକ ସହଜ କୋର୍ସ ଆରମ୍ଭ କରିଛି। ଏହା ଦ୍ୱାରା ଶିକ୍ଷକମାନେ ଶିଖିପାରିବେ ଚାଟ୍‌ଜିପିଟି କିଭଳି କାମ କରେ, ଏହାକୁ ଆବଶ୍ୟକତା ଅନୁସାରେ କିଭଳି ସେଟ୍ କରିବା ଏବଂ ଶ୍ରେଣୀଗୃହ ଏବଂ ଆଡମିନିଷ୍ଟ୍ରେଟିଭ୍ ଲାଗି କିଭଳି ବ୍ୟବହାର କରାଯିବ। କମ୍ପାନି ଅନୁସାରେ, ପୂର୍ବରୁ ୬୦ ପ୍ରତିଶତ ଶିକ୍ଷକ ଏଆଇ ଟୁଲ୍‌ର ଉପଯୋଗ ପୂର୍ବରୁ କରିଆସୁଛନ୍ତି। ତା'ସହ ଏହି କୋର୍ସ ସେମାନଙ୍କୁ ଶିଖାଇବ ଯେ, ଏହି ଟୁଲ୍‌ର ବ୍ୟବହାର ସହଜରେ କିଭଳି କରାଯିବ। ଏହି କୋର୍ସ ଏବେ କୋରସେରାରେ ଉପଲବ୍ଧ।

**ଚାକିରି ଲାଗି ନୂତନ ସୁଯୋଗ:** ଏହି ସମସ୍ତ କୋର୍ସ ଭବିଷ୍ୟତରେ ଓପନଏଆଇ ଜବ୍ ପ୍ଲାଟଫର୍ମ ପାଇଁ ମୂଳଦୂଆ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଏହି ପ୍ଲାଟଫର୍ମର ଉଦ୍ଦେଶ୍ୟ ଏଆଇ ସାର୍ଟିଫାଇଡ୍ ଲୋକଙ୍କୁ ସିଧା ବାସ୍ତବିକ ଚାକିରି ସହିତ ଯୋଡ଼ିବା। ଏ ଲାଗି ଓପନଏଆଇ ଜବ୍ ସର୍ଚ୍ଚ ପ୍ଲାଟଫର୍ମ ଇନଡିଡ୍ ସହିତ ଏକ ନୂଆ ପାର୍ଟନରସିପ୍ କରୁଛି। ସେହିପରି ଏହା ଅପ୍‌ୱାର୍କ ସହିତ ନିଜର ସହଯୋଗ ବୃଦ୍ଧି କରୁଛି। ଏହା ଦ୍ୱାରା କମ୍ପାନି ପାଇଁ ଏଆଇ କୌଶଳ ଯୁକ୍ତ ଲୋକଙ୍କୁ ଖୋଜିବା ସହଜ ହେବ। ସେହିପରି ଏହି ସମସ୍ତ ପଦକ୍ଷେପ ଚାକିରି ଲାଗି ନୂଆ ସୁଯୋଗ ସୃଷ୍ଟି କରିବ।



## ସମ୍ଭାବନା



## ସଫଳତାର ରହସ୍ୟ

**ପ୍ରତ୍ୟେକ ବ୍ୟକ୍ତି ସଫଳ ହେବାକୁ ଚାହାନ୍ତି। ତେବେ ପ୍ରଶ୍ନ ଉଠେ ସଫଳ ହେବା ପାଇଁ ପ୍ରଥମେ କ'ଣ କରିବାକୁ ପଡ଼ିବ। ବିଶେଷଜ୍ଞଙ୍କ ଅନୁସାରେ, ବଡ଼ ସଫଳତା ପଛରେ ଛୋଟ ଛୋଟ ଅଭ୍ୟାସ ସାମିଲ ଥାଏ। ମଣିଷ ଯଦି ନିଜ ଭିତରେ କିଛିଦିନ ସକାରାତ୍ମକ ପରିବର୍ତ୍ତନ ଆଣିବ, ତାହାଲେ ନିଜ ଲକ୍ଷ୍ୟପଥରେ ପହଞ୍ଚିପାରିବ।**

ସକାଳୁ ଉଠି ପ୍ରଥମେ ନିଜ ମନରୁ ସ୍ଥିର କରନ୍ତୁ, ଆଜି କ'ଣ ହାସିଲ କରିବାକୁ ପଡ଼ିବ। ଆଖି ବନ୍ଦ କରି ସେହି ଲକ୍ଷ୍ୟକୁ ହାସିଲ କରିବା ଦିଗରେ ଅଗ୍ରସର ହୁଅନ୍ତୁ। ଏଭଳି କରିବା ଦ୍ୱାରା ସଫଳତା ଦିଗକୁ ଅଗ୍ରସର ହେବାକୁ ଉତ୍ସାହିତ ହେବେ। ତେବେ ଯେଉଁ କ୍ଷେତ୍ରରେ ସଫଳ ହେବାକୁ ଚାହୁଁଛନ୍ତି, ତାହା ସହ ସମ୍ବନ୍ଧିତ ଜିନିଷର ଫଟୋକୁ ନିଜ ଘର ତଥା ମୋବାଇଲ ୱାଲପେପର୍‌ରେ ରଖନ୍ତୁ। ଏହି ଫଟୋ ସବୁଦିନ ମନେ ପକାଇବ ଯେ, କେଉଁ ଦିଗରେ ଆଗକୁ ଯିବାକୁ ପଡ଼ିବ। ଚିନ୍ତାଧାରା ହିଁ ଜୀବନକୁ ସଫଳ କରାଏ। ତେଣୁ ମନକୁ ଯେତେବେଳେ ବି କିଛି ନକାରାତ୍ମକ ଚିନ୍ତାଧାରା ଆସୁଛି, ତାହାକୁ ସକାରାତ୍ମକ ବିଚାରରେ ପରିଣତ କରନ୍ତୁ। ଏହା ଦ୍ୱାରା ମନ ହାଲୁକା ରହିବ ଏବଂ ଆତ୍ମବିଶ୍ୱାସ ବଢ଼ିବ। ନିଜ ପାଖରେ ଥିବା ପ୍ରତ୍ୟେକ ଜିନିଷ ଲାଗି ନିଜକୁ କୃତଜ୍ଞତା ଜ୍ଞାପନ କରନ୍ତୁ। କେବେ ବି ଠିକ୍ ସମୟର ଅପେକ୍ଷା କରନ୍ତୁ ନାହିଁ। ଯାହା ବି କିଛି କରିବାର ଅଛି, ଆଜିଠୁ କରିବାର ନିର୍ଣ୍ଣୟ ନିଅନ୍ତୁ। ଏହିପରି ଛୋଟ ଛୋଟ ପ୍ରୟାସ ଜୀବନରେ ସଫଳତା ଆଣିଥାଏ।

## ଗୁଗଲ୍‌ର 'ଇମରଜେନ୍ସି ଲାଇଭ୍ ଭିଡିଓ' ଫିଚର୍

ଗୁଗଲ୍ ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ଲାଗି ଏକ ନୂଆ ଫିଚର୍ ଆରମ୍ଭ କରିଛି। ଏହାର ନାଁ 'ଇମରଜେନ୍ସି ଲାଇଭ୍ ଭିଡିଓ' ଫିଚର୍। ଏହା ହେଉଛି ଏକ ସୁରକ୍ଷାତ୍ମକ ଫିଚର। ଏହା ବ୍ୟବହାରକାରୀଙ୍କୁ ବିପଦଜନ ପରିସ୍ଥିତିରେ ଲାଇଭ୍ ଭିଡିଓ ଷ୍ଟ୍ରିମ୍ କରିବା ସୁବିଧା ପ୍ରଦାନ କରିବ। ଏହି ଗୁଗଲ ଫିଚର ମାଧ୍ୟମରେ କାର୍ ଦୁର୍ଘଟଣା, ନିଆଁ ଲାଗିବା ଭଳି ମେଡିକାଲ ଇମରଜେନନ୍ସି ପରିସ୍ଥିତିରେ ଉଦ୍ଧାରକର୍ତ୍ତାଙ୍କୁ ସ୍ପଷ୍ଟ ତଥ୍ୟ ମିଳିପାରିବ। ଏହି ଫିଚର୍‌କୁ ବ୍ୟବହାର କରିବା ମଧ୍ୟ ଖୁବ୍ ସହଜ। ଏହାକୁ ବ୍ୟବହାର କରିବା ଲାଗି ଫୋନ୍‌ର କୌଣସି ସେଟିଂକୁ ଚାଲୁ କରିବାକୁ ପଡ଼ିବ ନାହିଁ। କୌଣସି ଅସୁବିଧା ପାଇଁ ପୋଲିସ୍, ଆମ୍ବୁଲାନ୍ସ ବା ଫାୟର ବ୍ରିଗେଡ୍‌ଙ୍କୁ ଇମରଜେନ୍ସି କଲ୍ ମେସେଜ କରୁଥିଲେ, ଏହି ପରିସ୍ଥିତିରେ ଉପସ୍ଥିତ ଥିବା ଅଧିକାରୀଙ୍କ ପାଖକୁ ଏକ ଭିଡିଓ ଅନୁରୋଧ ପଠା ଯାଇପାରିବ। ଅନୁରୋଧ ସ୍ୱୀକାର କରିବା ମାତ୍ରେ ଗୋଟିଏ କ୍ଲିକ୍‌ରେ ମୋବାଇଲ କ୍ୟାମେରା ଅନ୍ ହୋଇଯିବ। ଏହା ଦ୍ୱାରା ସୁରକ୍ଷାଦଳ ଭିଡିଓ ମାଧ୍ୟମରେ ସ୍ଥିତିକୁ ସିଧା ଦେଖିପାରିବେ। ଏହା ଦ୍ୱାରା ଏକଥା ବୁଝିବା ସହଜ ହେବ ଜଣେ ବ୍ୟକ୍ତିଙ୍କୁ କେଉଁ ପ୍ରକାର ମେଡିକାଲ ସାହାଯ୍ୟ ଓ ସୁରକ୍ଷା ଉପକରଣ ଆବଶ୍ୟକ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗୁଗଲ ଏହାକୁ ଜର୍ମାନୀ, ଆମେରିକା ଏବଂ ମେକ୍ସିକୋରେ ଜାରି କରିବ। ଅନ୍ୟପଟେ ଏହି ଫିଚର୍‌କୁ ଭାରତ ସମସ୍ତେ ଅନ୍ୟ ଦେଶରେ ବି ଉପଲବ୍ଧ କରାଯିବ।




## ପଢ଼ା ଫାଙ୍କେ ବ୍ରେକ୍...

**ପଢ଼ା ମଝିରେ ବ୍ରେକ ନେବା ଅର୍ଥ ଫଟାଫଟ୍ ଫ୍ରେସ୍ ହୋଇ ପୁଣି ଥରେ ପଢ଼ିବାକୁ ବସିବା। ତେବେ ଏହି ବ୍ରେକ୍ ସମୟରେ ଅନେକ କାର୍ଯ୍ୟ ମଧ୍ୟ ଚାହିଁଲେ କରିପାରିବେ।**



- ୨୫-୪୫ ମିନିଟ୍ ଲଗାତାର ବସି ପଢ଼ିବା ପରେ ୧୦ ମିନିଟ୍‌ର ଛୋଟ ବ୍ରେକ୍ ନେବା ଭଲ। ଏହାରି ଭିତରେ କିଛି ସମୟ ପାଇଁ ଚଲାବୁଲା ଏବଂ ପ୍ରାଣାୟମ କରିପାରିବେ।
- ପଢ଼ା ମଝିରେ ବ୍ରେକ୍ ନେଇ ନିଜ ମନପସନ୍ଦର ଗୀତ ଶୁଣିପାରିବେ। ଏହା ଦ୍ୱାରା ଚାପ ଲାଘବ ହୁଏ।
- ପଢ଼ା ମଝିରେ ବ୍ରେକ୍ ନେଇ ନିଜର କିଛି ଛୋଟ ମୋଟ ଅଧୁରା କାମ ପୂରା କରିପାରିବେ।
- ପଢ଼ିବା ବେଳେ ବ୍ରେକ୍ ନେଉଥିଲେ କିଛି ହାଲକା ଖାଦ୍ୟ ଖାଇପାରିବେ। ଜୁସ୍, କଫି କିମ୍ବା ଫଳ ଆଦି ଖାଇପାରିବେ।
- ପଢ଼ା ମଝିରେ ବ୍ରେକ୍ ନେଇ ପରିବାର ସଦସ୍ୟଙ୍କ ସହିତ କଥାବାର୍ତ୍ତା କରନ୍ତୁ। ପଢ଼ା ପ୍ରତି ଅଧିକ ଆଗ୍ରହ ବଢ଼ିବ।

# ଭୁବନେଶ୍ୱର ବିମାନବନ୍ଦରରୁ ୪ କୋଟିର ମାରିଜୁଆନା ଜବତ

## ପୁରୁଷ ବନ୍ଧୁଙ୍କ ସହ ମହିଳା ଅଟକ

ଭୁବନେଶ୍ୱର,୩୦।୧୨(ସମିସ): ଭୁବନେଶ୍ୱର ଏୟାରପୋର୍ଟରୁ ପୁଣି ମାରିଜୁଆନା ଜବତ ହୋଇଛି। ଏହାର ମୂଲ୍ୟ ୪ କୋଟି ଟଙ୍କା ବୋଲି ଜଣାପଡ଼ିଛି। ବ୍ୟାଙ୍କକ୍‌ରୁ ମାରିଜୁଆନା ଚାଲାଣ ବେଳେ ଡାଇରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ(ଡିଆର୍‌ଆଇ) ଦ୍ୱାରା ମାରିଜୁଆନା ଜବତ ହୋଇଛି। ଡିଆର୍‌ଆଇ ଜଣେ ମହିଳା ଏବଂ ତାଙ୍କ ପୁରୁଷବନ୍ଧୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଦୁଇ ଅଭିଯୁକ୍ତ ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ସପ୍ଲାୟର୍ସ ବୋଲି ଜଣାପଡ଼ିଛି। ଏମାନେ ଭାରତକୁ ଗଞ୍ଜେଇ, ଡ୍ରଗ୍ସ ଭଳି ଏକାଧିକ ନିଶା ସାମଗ୍ରୀ ଚାଲାଣ କରନ୍ତି। ମିଳିଥିବା ସୂଚନା ମୁତାବକ ମାରିଜୁଆନା ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଡିଆର୍‌ଆଇ ଜଣେ ମହିଳା ଏବଂ ପୁରୁଷଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ହ୍ୟାଣ୍ଡବ୍ୟାଗରୁ ବିପୁଳ ପରିମାଣରେ ମାରିଜୁଆନା ମିଳିଲା। ଯାହକୁ ଡିଆର୍‌ଆଇର କଷ୍ଟମ ବିଭାଗ ଜବତ କରିବା ସହ ଦୁଇ ଜଣଙ୍କୁ ହେପାଜତକୁ ନେଇ ପଚରାଉଚରା ଚଳାଇଛି। ତେବେ ଏମାନେ ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ସପ୍ଲାୟର୍ସ ବୋଲି ଜଣାପଡ଼ିଛି। ଏକାଧିକ ବାର ବ୍ୟାଙ୍କକରୁ ଭାରତ ମାରିଜୁଆନା ସପ୍ଲାଏ କରିଛନ୍ତି। ହେଲେ ଧରାପଡ଼ି ନ ଥିଲେ। ଯାହାଫଳରେ ଏମାନେ ବାରମ୍ବାର ସପ୍ଲାଏ କରି ଚାଲିଥିଲେ। ଏହି ଦୁଇ ଅଭିଯୁକ୍ତ କେରଳର ଜଣେ ସପ୍ଲାୟର୍ସଙ୍କୁ ଦେଇଥାନ୍ତେ। ଅଭିଯୁକ୍ତଙ୍କ ଘର ଗୁଜରାଟରେ ବୋଲି ଜଣାପଡ଼ିଛି।

# ବିଦ୍ୟୁତ୍ ଆଘାତରେ ଦମ୍ପତି ମୃତ

ବଆଁରପାଲ,୩୦।୧୨(ସମିସ): ବଆଁରପାଲ ଥାନା ବୁଢ଼ାପଙ୍କ ଗ୍ରାମରେ ଘଟିଛି ଅଘଟଣ। ବିଦ୍ୟୁତ୍ ଆଘାତରେ ଦମ୍ପତିଙ୍କର ମୃତ୍ୟୁ ଘଟିଛି। ଏହି ଦମ୍ପତି ହେଲେ ବୁଢ଼ାପଙ୍କ ଗ୍ରାମର ରଥ ନାଏକ ଏବଂ ତାଙ୍କ ସ୍ତ୍ରୀ କାଗଜ ନାଏକ। ସୂଚନା ଯୋଗ୍ୟ ଯେ, ବୁଢ଼ାପଙ୍କ ଗ୍ରାମର ରଥ ନାଏକ ଏବଂ ତାଙ୍କ ସ୍ତ୍ରୀ କାଗଜ ନାଏକ ଘର ବାହାରେ ଏକ ଘର ତିଆରି କରୁଛନ୍ତି। ଆଜି ଅପରାହ୍ଣ ସମୟରେ ନୂଆ ଘରେ ପାଣି ପକାଇ ସଫା କରୁଥିଲେ। ସେହି ଘର ଭିତରେ ଏକ ବିଦ୍ୟୁତ୍ ତାର ପଡ଼ିଥିବାବେଳେ ସେଥିରେ ବିଦ୍ୟୁତ୍ ଚାର୍ଜ ହୋଇ ରହିଥିଲା। ଶ୍ରୀ ରଥ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିବାବେଳେ ଏହା ଦେଖି କାଗଜ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଯାହା ଫଳରେ ଦୁହେଁ ଗୁରୁତର ହୋଇ ଯାଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବଆଁରପାଲ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।



ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରୁଛନ୍ତି ନବନିଯୁକ୍ତ ବିଜୁ ଯୁବ ଓ ଛାତ୍ରଜନତା ଦଳର କର୍ମକର୍ତ୍ତା

**ସରକାରଙ୍କୁ ଡେଡ୍‌ଲାଇନ ଦେଲା ଓମ୍‌ସା**

# ଦାବି ପୂରଣ ନ ହେଲେ ସମୂହ ଇସ୍ତଫା ଦେବେ ଡାକ୍ତର

ଭୁବନେଶ୍ୱର,୩୦।୧୨(ସମିସ): ଆସନ୍ତା ୫ ତାରିଖ ସୁଦ୍ଧା ରାଜ୍ୟ ସରକାର ଯଦି ଦାବି ପୂରଣ ନ କରନ୍ତି, ତାହେଲେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଘଣ୍ଟିକିଆ ପରିବର୍ତ୍ତେ ପ୍ରତିଦିନ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରିବ ବୋଲି ଧମକ ଦେଇଛି। ଏପରିକି ଓମସାର ଡାକ୍ତରମାନେ ଆଗାମୀ ଦିନରେ ସମୂହ ଇସ୍ତଫା ଦେବାକୁ ମଧ୍ୟ ବାଧ ହେବେ। ମଙ୍ଗଳବାର ଓମ୍‌ସା ବୈଠକରେ ଏପରି ଚରମ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ନିଜ ଦାବିକୁ ନେଇ ଓମସା ଅଟଳ ଥିବାବେଳେ ଗତ ୨୬ ତାରିଖରୁ ଦୈନିକ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କରିଆସୁଛି। ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ମଙ୍ଗଳବାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓମସା ଭବନରେ ହୋଇଥିଲା। ବୈଠକ ପରେ ଓମସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଏବଂ ସମ୍ପାଦକ ଡାକ୍ତର ସଞ୍ଜୀବ ପ୍ରଧାନ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି ଯେ ସରକାର ଏଯାଏଁ ଡାକ୍ତରଙ୍କ ଦାବି ଉପରେ ଆଲୋଚନା ଆରମ୍ଭ କରିନାହାନ୍ତି। ବର୍ତ୍ତମାନ ଓମ୍‌ସା ପକ୍ଷରୁ ରାଜ୍ୟବ୍ୟାପୀ ଦିନ ୧୦ଟାରୁ ୧୧ଟା ଯାଏଁ ଓପିଡି ସେବାରେ ସହଯୋଗ କରାଯାଉ ନାହିଁ। ଆମେ ସରକାରଙ୍କୁ ଆସନ୍ତା ୫ ତାରିଖ ଯାଏଁ ସମ ଦେଲୁ। ଏହି ସମୟସୀମା ମଧ୍ୟରେ ଆମ ଦାବି ଯଦି ନଶୁଣାଯାଏ, ତାହେଲେ ଦୈନିକ ଏକ ଘଣ୍ଟା ପରିବର୍ତ୍ତେ ୨ ଘଣ୍ଟା, ଅର୍ଥାତ୍ ସକାଳ ୯ଟାରୁ ଦିନ ୧୧ଟା ଯାଏଁ ଓପିଡି ସେବା ବନ୍ଦ୍ ରଖାଯିବ। ଏହାର ପରବର୍ତ୍ତୀ ସପ୍ତାହ ଗୁଡ଼ିକରେ ପ୍ରତି ସପ୍ତାହରେ ଏକ ଘଣ୍ଟା ଲେଖାଏଁ ଓପିଡି ବନ୍ଦ ସମୟସୀମା ବଢ଼ିବ ବୋଲି ସେମାନେ ସୂଚନା ଦେଇଛନ୍ତି। ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ସରକାର ଆମ

**ଆସନ୍ତା ୫ରୁ ଦୁଇ ଘଣ୍ଟିଆ ଓପିଡି ବନ୍ଦ**

ଦାବି ପୂରଣ ପ୍ରତି କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ବାଧହୋଇ ଆମେ ଚରମ ପଦକ୍ଷେପ ନେବୁ। ନୂଆବର୍ଷ ପରେ ଓମସା ଡାକ୍ତରମାନେ ସମୂହ ଇସ୍ତଫା ପତ୍ର ସଂଘ ପାଖରେ ଦାଖଲ କରିବେ। ପରବର୍ତ୍ତୀ ସମୟରେ ଏହି ଇସ୍ତଫା ପତ୍ର ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳି, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି। ଗତ ୨୬ ତାରିଖରୁ ସେମାନେ ଏକ ଘଣ୍ଟିଆ ଓପିଡି ବନ୍ଦ ପ୍ରତିବାଦ ଜାରି ରଖିଛନ୍ତି। ଏପଟେ ସେମାନଙ୍କ ଦାବି ଉପରେ ବିଚାର କରିବା ପାଇଁ ସରକାର ଏକ କମିଟି ଗଠନ କରିଛନ୍ତି।

# ସରକାରୀ ଅଫିସ୍‌ରେ ନୂଆବର୍ଷ ମନା

## ଭେଟଘାଟ୍, ଭୋଜିଭାତ ଉପରେ କଟକଣା

ଭୁବନେଶ୍ୱର,୩୦।୧୨(ସମିସ): ରାଜ୍ୟ ସରକାର ଇଂରାଜୀ ନବବର୍ଷ ପାଳନ କରିବେ ନାହିଁ। ଅର୍ଥାତ୍ ଜାନୁଆରୀ ପହିଲା ସରକାରୀ କାର୍ଯ୍ୟଦିବସ ରହୁ ଥିବାରୁ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଜାରି ରହିବ। ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂରାଜୀ ନୂଆବର୍ଷ ପାଳନର ସ୍ଥଳୀ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପରାମର୍ଶ ଦେଇଛି।

**ଜାନୁଆରୀ ୧ ସାଧାରଣ କାର୍ଯ୍ୟଦିବସ, ଅଫିସ୍‌କୁ ଅଭିନନ୍ଦନ ଜଣାଇବାକୁ ଆସନ୍ତୁନାହିଁ: ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଏକ୍ସରେ ସୂଚନା ଦେଇ କହିଛନ୍ତି ଯେ ନୂଆବର୍ଷର ପ୍ରଥମ ଦିନ ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ, ଏହି ଦିନ ମୋର କାର୍ଯ୍ୟାଳୟ ଗୋଟିଏ ସାଧାରଣ କାର୍ଯ୍ୟଦିବସ ଭଳି ଚାଲିବ ଏବଂ ନିୟମିତ ଭାବେ ସରକାରୀ କାର୍ଯ୍ୟ ହେବ। ତେଣୁ ମୋ କାର୍ଯ୍ୟାଳୟକୁ ନୂଆବର୍ଷର ଅଭିନନ୍ଦନ କିମ୍ବା ଶୁଭେଚ୍ଛା ଜଣାଇବା ପାଇଁ କେହି ନ ଆସିବାକୁ ଅନୁରୋଧ। ସେହିପରି ସରକାରୀ କର୍ମଚାରୀମାନେ ମଧ୍ୟ ଅଫିସ ସମୟରେ ଶୁଭେଚ୍ଛା ଓ ଅଭିନନ୍ଦନ କାର୍ଯ୍ୟକ୍ରମରେ ସାମିଲ ନ ରହି ଅଫିସ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଅନୁରୋଧ। ମୋର ସରକାରୀ ବାସଭବନକୁ ଯେଉଁମାନେ ଶୁଭେଚ୍ଛା ଜଣାଇବାକୁ ଆସିବେ, ସମସ୍ତଙ୍କୁ ନିବେଦନ, କୌଣସି ଉପହାର କିମ୍ବା ପୁଷ୍ପଗୁଚ୍ଛ ଧରି ଆସିବେ ନାହିଁ। କେବଳ ଆପଣଙ୍କ ସଦିଚ୍ଛା ଓ ଆଶୀର୍ବାଦ ମୋର ଏକାନ୍ତ କାମ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସମ୍ଭାଷଣ ବ୍ୟତୀତ କୌଣସି ପ୍ରକାର ଉତ୍ସବ, ଭେଟଘାଟ୍, ଭୋଜିଭାତ, ପାର୍ଟି ଇତ୍ୟାଦି ରାଜ୍ୟ ସରକାରୀ କାର୍ଯ୍ୟାଳୟ ପରିସର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡାକଡି ଭାବେ ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

# ଅତିରିକ୍ତ ତହସିଲଦାରଙ୍କ ଶ୍ୱଶୁରଘରୁ ୭୫ ଲକ୍ଷ ଜବତ

କଟକ,୩୦।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାରଙ୍ଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଏକାଧିକ ଠିକଣାରେ ଆଜି ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି। ମଙ୍ଗଳବାର ହୋଇଥିବା ଏହି ତଲାସୀ ଅଭିଯାନରେ ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ଜିତେନ୍ଦ୍ରଙ୍କ ଶ୍ୱଶୁରଙ୍କ ଘରୁ ଭିଜିଲାନ୍ସ ପ୍ରାୟ ୭୫ ଲକ୍ଷ ଟଙ୍କା ନଗଦ ଅର୍ଥ ଜବତ କରିଛି। ଅତିରିକ୍ତ ତହସିଲଦାର ନିଜର ବେଆଇନ ଉପାର୍ଜିତ ଅର୍ଥକୁ ଶଯ୍ୟାଶାୟୀ ଶାଶୂଙ୍କ ବନ୍ଦ କୋଠରୀରେ ଲୁଚାଇ ରଖିଥିଲେ। ଭିଜିଲାନ୍ସ ଟିମ୍ ଜିତେନ୍ଦ୍ରଙ୍କ ଭୁବନେଶ୍ୱର ଓ ଖୋର୍ଦ୍ଧାରେ ଏକାଧିକ ବହୁତଳ କୋଠା ଠାବ କରିଛି। ବଡ଼ଗଡ଼ ଗୋପାଳୁଣୀ ନଗର ଏବଂ ବ୍ରିଟ୍ କଲୋନୀରେ ଦୁଇଟି ତିନି ମହଲା ବିଶିଷ୍ଟ ପ୍ରାସାଦ ସମେତ



ଖୋର୍ଦ୍ଧା ସାନପଲ୍ଲୀରେ ଏକ ଦୁଇ ମହଲା କୋଠା ଓ ଭୁବନେଶ୍ୱର ଉତ୍ତରାରେ ଏକ ଆଧୁନିକ ଫ୍ଲାଟ୍ ରହିଥିବା ଜଣାପଡ଼ିଛି। ଏହାବ୍ୟତୀତ ଭୁବନେଶ୍ୱର ଓ ଖୋର୍ଦ୍ଧାର ମୁଖ୍ୟ ସ୍ଥାନରେ ୪ଟି ଅତି ମୂଲ୍ୟବାନ ପ୍ଲଟ୍‌କୁ ମଧ୍ୟ ଭିଜିଲାନ୍ସ ଚିହ୍ନଟ କରିଛି। ନଗଦ ୭୫ ଲକ୍ଷ ଟଙ୍କା ବ୍ୟତୀତ, ଘରୁ ଅଲଗା ଭାବେ ୬.୨୦ ଲକ୍ଷ ଟଙ୍କା, ୧୦୦ ଗ୍ରାମର ସୁନା ଅଳଙ୍କାର, ଏକ ବିଳାସପୂର୍ଣ୍ଣ କିଆ ସେଲ୍ଟୋସ କାର୍ ଏବଂ ୪ଟି ଦୁଇଚକିଆ ଯାନ ଜବତ କରିଛି।

## ଭିଜିଲାନ୍ସ ଜାଲରେ ପିଇଓ



ହାଟଡିହୀ,୩୦।୧୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକରେ କାର୍ଯ୍ୟରତ ପିଇଓ ଜିତେନ୍ଦ୍ର ଜେନାଙ୍କ ମରେିଗାଁସ୍ଥିତ ଘର ଓ ବସନ୍ତିଆ ବଜାରରେ ପତ୍ନୀଙ୍କ ନାମରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଉପରେ ଭିଜିଲାନ୍ସ ଚଢ଼ଉ କରିଛି। ମୋଟ ୬ଟି ସ୍ଥାନରେ ଏହି ଚଢ଼ଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଯାଞ୍ଚ ଚାଲିଥିଲା ବେଳେ ଜିତେନ୍ଦ୍ରଙ୍କ ଭୁବନେଶ୍ୱରରେ ୨ଟି ବହୁମହଲା କୋଠା, ଉତ୍ତରା ଭୁବନେଶରରେ ଗୋଟିଏ ଫ୍ଲାଟ ଏବଂ ଖୋର୍ଦ୍ଧା ଟାଉନରେ ଗୋଟିଏ ବହୁମହଲା କୋଠା ସହ ୪ଟି ଉଚ୍ଚ ମୂଲ୍ୟର ପ୍ଲଟ, ୧୦୦ ଗ୍ରାମ ସୁନା, ନଗଦ ୬.୨୦ ଲକ୍ଷ ଟଙ୍କା, ଗୋଟିଏ ଚାରିଚକିଆ ଗାଡ଼ି ଏବଂ ୪ଟି ଦୁଇଚକିଆ ଗାଡ଼ି ରହିଥିବା ନେଇ ସୂଚନା ମିଳିଛି। ଖବର ଲେଖାଯିବା ଯାଏଁ ଜିତେନ୍ଦ୍ରଙ୍କ ଭୁବନେଶ୍ୱରରସ୍ଥିତ ଏସବିଆଇ ବ୍ୟାଙ୍କରେ ଗୋଟିଏ ଲକର୍ ଏବଂ ବିଭିନ୍ନ ବ୍ୟାଙ୍କ, ପୋଷ୍ଟାଲ ଆଦିରେ ଜମା ଏବଂ ଅନ୍ୟାନ୍ୟ ନିବେଶ ଇତ୍ୟାଦି ଯାଞ୍ଚ କରାଯାଉଥିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି।

## ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ

ଭୁବନେଶ୍ୱର,୩୦।୧୨(ସମିସ): ତାମିଲନାଡୁରେ ଜଣେ ଓଡ଼ିଆ ଯୁବକଙ୍କ ଉପରେ ହୋଇଥିବା ଅମାନୁଷିକ ଆକ୍ରମଣ ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟ ବାହାରେ କର୍ମରତ ପ୍ରତ୍ୟେକ ଓଡ଼ିଆ ଭାଇଭଉଣୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଉଦବେଗ**

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଣେ ନିରୀହ ଓଡ଼ିଆ ପୁଅ ଉପରେ ଏଭଳି ବର୍ବରୋଚିତ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି। ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୨୨ ଆଇଏଏସ୍, ୧୨ ଆଇପିଏସ୍‌ଙ୍କୁ ପଦୋନ୍ନତି

## ପଦୋନ୍ନତି ପାଇଁ ଯୋଗ୍ୟ ସତ୍ତ୍ୱେ ୨ ବରିଷ୍ଠ ଆଇପିଏସ୍‌ଙ୍କ ପାଇଁ ପଦ ନାହିଁ

ଭୁବନେଶ୍ୱର,୩୦।୧୨(ସମିସ): ବିଭିନ୍ନ ବ୍ୟାଚର ୨୨ ଜଣ ଆଇଏସ ଓ ୧୨ ଆଇପିଏସ୍‌ଙ୍କୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ତେବେ ପଦୋନ୍ନତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ସତ୍ତ୍ୱେ ପଦ ଖାଲି ନ ଥିବାରୁ ଦୁଇ ବରିଷ୍ଠ ଆଇପିଏସ୍‌ଙ୍କ ପଦୋନ୍ନତିକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

୨୦୧୦ ବ୍ୟାଚର ୬ ଜଣ ଆଇଏଏସ ଯଥା ସୁଧାଂଶୁ ମୋହନ ସାମଲ, ରଶ୍ମିତା ପଣ୍ଡା, ବୃନ୍ଦା ଡି., ଏମ୍‌ଡି ସାଦିକ ଆଲାମ, ମାନସୀ ନିମ୍ଭାଲ ଓ ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ବର୍ଗ -୧୪କୁ ପଦୋନ୍ନତି ମିଳିଛି। ୨୦୧୩ ବ୍ୟାଚର ୧୧ ଜଣ ଆଇଏଏସ ମଧୁସ୍ମିତା ସାହୁ, ଶୁଭମ ସାକ୍ସେନା, ମନୀଷା ବାନାର୍ଜୀ, ବିଜୟ ଅମୃତା କୁଲାଙ୍ଗେ, କଲ୍ୟାଣ କୁମାର ରଥ, ଶୁଭଶ୍ରୀ ନନ୍ଦ, ବିଜୟ କୁମାର ପୃଷ୍ଟି, କାଳୀପ୍ରସନ୍ନ ମହାପାତ୍ର, ରଘୁରାମ ଆର୍. ଆୟର, ସତ୍ୟବ୍ରତ ରାଉତ, ଦୀପକ ରଞ୍ଜନ ଦାସଙ୍କୁ ଲେବୁଲ-୧୩କୁ ପଦୋନ୍ନତି ଦିଆଯାଇଛି। ସେହିପରି ୨୦୨୨ ବ୍ୟାଚର ୫ ଜଣ ଆଇଏଏସ ଆକାଭରମ ଏସ୍. ରେଡ୍ଡି, ଅକ୍ଷୟ ପିଲୟ, ଅରୁଗୁଲା ସ୍ନେହା, ସମୀର କୁମାର ଜେନା ଓ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ବର୍ଗ-୧୧କୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଅନୁରୂପ ଭାବରେ ଡ଼ିଜି ପାହ୍ୟାକୁ ପଦୋନ୍ନତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱା। ମାତ୍ର ଡିଜି ପଦବୀ ଖାଲି ନ ଥିବାରୁ ସେମାନଙ୍କ ପଦୋନ୍ନତି ସ୍ଥଗିତ ରଖାଯାଇଛି। ସେହିପରି ଡଃ. ସତ୍ୟଜିତ୍ ନାୟକ ଓ ଡଃ. ଉମାଶଙ୍କର ଦାସ ଆଇଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ମଦକର୍ ସନ୍ଦୀପ ସମ୍ପଦ ଓ କେନ୍ଦ୍ରୀୟ ଡେପୁଟେସନରେ ଥିବା ସୁଧାଂଶୁ ଶେଖର ମିଶ୍ରଙ୍କୁ ଡିଆଇଜି ପାହ୍ୟା, ଡେପୁଟେସନ୍‌ରେ ଥିବା ବରିଷ୍ଠ ଆଇପିଏସ୍ ଡଃ. ସୋରୟା ଥାଙ୍ଗପାନ୍ ଏବଂ ସାଇନୀ ଏସ୍‌ଙ୍କୁ ଅତିରିକ୍ତ ଡିଜି ପ୍ୟାହ୍ୟାକୁ ପଦୋନ୍ନତି ପାଇଛନ୍ତି। ଅନୁରୂପ ଭାବରେ ଜଗମୋହନ ମିନା, ମୁକେଶ କୁମାର ଭାମୋ, ପରମାର ସ୍ମିତ୍ ପରୋଷତମ୍ମଦାସ, ରାହୁଲ ପିଆର୍, ଅନୁପମା ଜେମ୍ସ ଏବଂ ଏଲ୍. ଦିବ୍ୟା ଭିଙ୍କୁ ଲେବୁଲ୍ ୧୩କୁ ପଦୋନ୍ନତି ମିଳିଛି। ଏମାନଙ୍କ ମଧ୍ୟରୁ କିଛି ଅଧିକାରୀ ବର୍ତ୍ତମାନ ରାଜ୍ୟରେ କାମ କରୁଥିଲା ବେଳେ ଆଉ କିଛି କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି।

# ୧୧ ବିଭାଗରେ ୧୫୪୩ ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର,୩୦।୧୨(ସମିସ): ୧୪ତମ ନିଯୁକ୍ତି ମେଳା ମଙ୍ଗଳବାର ଭୁବନେଶ୍ୱର ରେଳ ଅଡିଟୋରିଅମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୧ଟି ବିଭାଗର ସମୁଦାୟ ୧୫୪୩ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୮୧ଜଣ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ, ୭୪ଜଣ ସ୍ନାତକୋତ୍ତର ଶିକ୍ଷକ, କୃଷି ଓ କୃଷି ସଶକ୍ତୀକରଣ ବିଭାଗର ୭୭ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ୩୧୫ ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ, ରାଜସ୍ୱ ଓ ବିପର୍ଯ୍ୟୟ




ପରିଚାଳନା ବିଭାଗର ୮୬ ଜଣ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଏବଂ ୩୦ ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେହିପରି ଅର୍ଥ ବିଭାଗର ୬୫ ଜଣ ଓଡ଼ିଶା ଟିକସ ଓ ହିସାବ ସେବା ଅଧିକାରୀ, ୫୬ ଜଣ ଓଡ଼ିଶା ଅର୍ଥସେବା ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ୧୦୫ ଜଣ ଓଡ଼ିଶା ଶ୍ରମସେବା ଅଧିକାରୀ, ଜଣେ ପରିସଂଖ୍ୟାନ ସହାୟକ, ସମବାୟ ବିଭାଗର ୧୨ ଜଣ ଓଡ଼ିଶା ସମବାୟ ସେବା ଅଧିକାରୀ ଏବଂ ୩ ଜଣ ଓଡ଼ିଶା ସମବାୟ ସମୀକ୍ଷା ସେବା ଅଧିକାରୀ, ପର୍ଯ୍ୟଟନ ବିଭାଗର ୧୮ ଜଣ ଓଡ଼ିଶା ପର୍ଯ୍ୟଟନ ସେବା ଅଧିକାରୀ, ଗୃହ ବିଭାଗର ୬ ଜଣ ଓଡ଼ିଶା ପୋଲିସ ସେବା ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୫ ଜଣ ମାର୍କେଟ ଇଣ୍ଟେଲିଜେନ୍‌ସ ଅଫିସର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଜଣେ ଓଡ଼ିଶା କର୍ମ ନିୟୋଜନ ସେବା ଅଧିକାରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ୮ଜଣ ସହକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପତ୍ର ପାଇଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଧାନକିଣା; ସମ୍ପୂର୍ଣ୍ଣ ବାଟବଣା: ବିଜେଡି

ଭୁବନେଶ୍ୱର,୩୦।୧୨(ସମିସ): ରାଜ୍ୟର ୧୩ଟି ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଏହି ଧାନ କିଣା ବ୍ୟବସ୍ଥା ଚଳିତ ବର୍ଷ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି। ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ପ୍ରଦାନ କରି ବାହାବା ନେଉଥିବା ରାଜ୍ୟ ସରକାର ବାସ୍ତବରେ ଚାଷୀଙ୍କ ପ୍ରତି ପ୍ରତାରଣା କରୁଛନ୍ତି ବୋଲି କହିଛି ବିଜେଡି। ମଙ୍ଗଳବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ଉପନେତା ତଥା ବିଜେଡି କୃଷକ ସେଲର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଓ ଉପସଭାପତି ସଞ୍ଜୟ କୁମାର ଦାସବର୍ମା ରାଜ୍ୟର ଚାଷୀକୁଳଙ୍କୁ ରାଜ୍ୟ ସରକାର ହତାଶ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଯେ ଡବଲ ବିକାଶ ନାରା ଦେଇ ଆସିଥିବା ସରକାର ବାସ୍ତବରେ ଚଳିତ ବର୍ଷ ଧାନ କିଣା ବ୍ୟାପାରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଧାନ କିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ନିକଟରେ କେନ୍ଦ୍ର ସରକାରଙ୍କ ବୈଠକରେ ଧାନ କିଣା ପାଇଁ ରଖାଯାଇଥିବା ଲକ୍ଷ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ଓଡିଶା ଠାରୁ ଛତିଶଗଡ଼ରେ ଅଧିକ ରହିଛି। ଛତିଶଗଡ଼



ଓଡ଼ିଶାଠାରୁ କମ୍ ଧାନ ଉତ୍ପାଦନ କରୁଛି। ମାତ୍ର ଓଡ଼ିଶା ପାଇଁ ୭୩ ଲକ୍ଷ ମେଟ୍ରିକ ଟନ ଧାନକିଣା ଲକ୍ଷ୍ୟ ଥିବାବେଳେ ଛତିଶଗଡ଼ରେ ଏହି ପରିମାଣ ୮୦ ଲକ୍ଷ ଟନ୍। ଓଡ଼ିଶା ସରକାର ଏ ପ୍ରସଙ୍ଗରେ ନିରବ ରହିଛନ୍ତି। ଛତିଶଗଡ଼ରେ ଧାନ ସଂଗ୍ରହ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳେ ଓଡ଼ିଶାରେ ଧାନ କିଣା ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ରାଜ୍ୟ ଯୋଗାଣ ନିଗମ ଉପରେ ଋଣ ଭାର ୧୮,୮୮୬ କୋଟି ଟଙ୍କା ଓ ଧାନ କିଣା ବାବଦରେ କେନ୍ଦ୍ର ସରକାରଙ୍କ ନିକଟରୁ ୮୧୨୧ କୋଟି ଟଙ୍କା ଓଡ଼ିଶା ପାଇବାର ଅଛି। ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ

**■ ଛତିଶଗଡ଼ରେ ୪୦%, ଓଡ଼ିଶାରେ ମାତ୍ର ୮ ପ୍ରତିଶତ**
**■ ଚାଷୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି**


ଜଟିଳ କରିବା ଦ୍ୱାରା ରାଜ୍ୟର ସମସ୍ତ ଚାଷୀଙ୍କର ପଞ୍ଜିକରଣ ହୋଇପାରିଲା ନାହିଁ। ପଞ୍ଜିକରଣ ନହେଲେ ଚାଷୀ ଧାନ ମଣ୍ଡିରେ ବିକ୍ରି କରିପାରିବ ନାହିଁ। ସରକାର ଦାରୁଭୂତ ମୁରାରୀ ହୋଇ ବସି ରହିଛନ୍ତି। ଚାଷୀଙ୍କୁ ଶୋଷଣ କରିବାର ସମସ୍ତ ଉପାୟ ସରକାର ଅବଲମ୍ବନ କରୁଛନ୍ତି ବୋଲି ସେ କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଯେଉଁ ୮୦୦ ଟଙ୍କା ଇନପୁଟ ସବସିଡି କଥା କହିଥିଲେ ତାହା ପ୍ରଦାନ ନକରିବା ଉଦ୍ଦେଶ୍ୟରେ ଧାନ କିଣାରେ ଟାଳଟୁଳ ନୀତି ରାଜ୍ୟ ସରକାର ଅବଲମ୍ବନ କରୁଛନ୍ତି। ଯୋଗାଣ ମନ୍ତ୍ରୀ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଧାନ କିଣା ଯିବ ନାହିଁ ବୋଲି କହିଥିବା ବେଳେ କ୍ୟାବିନେଟ ବୈଠକରେ ସମସ୍ତ ବଳକା ଧାନ କିଣାଯିବା ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ମାତ୍ର ୮ ପ୍ରତିଶତ ଚାଷୀ ଧାନ ବିକିବା ପାଇଁ ସକ୍ଷମ ହୋଇଥିଲା ବେଳେ ଛତିଶଗଡ଼ରେ ୪୦ ପ୍ରତିଶତ ଚାଷୀ ଧାନ ବିକ୍ରି କରିସାରିଲେଣି। କିନ୍ତୁ ରାଜ୍ୟ ସରକାର ନିଦାବିଷ୍ଟ। ରାଜ୍ୟର କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜେଡି ସ୍ୱର ଉଠାଇବ ଓ ଖୁବଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ବଆଁରପାଳରେ ନକଲି ମଦ କାରଖାନା

ବଆଁରପାଳ, ୩୦।୧୨(ସମିସ) : ବଆଁରପାଳ ବ୍ଲକ ମହୀଧର ପୁର ଗ୍ରାମରେ ଅନୁଗୋଳ ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା। ଅନୁଗୋଳ ସ୍ପେଶାଲ ସ୍କ୍ୱାଡ ପୁଲିସ ତଳମୂଳ ଗ୍ରାମରେ ଚଢ଼ଉ କରି ୫୦୦ ଲିଟର ନକଲି ମଦ ଜବତ କରିଛି। ନାମୀ ଦାମୀ ମଦ ବ୍ରାଣ୍ଡକୁ ନକଲ କରାଯାଇ ଏଠାରେ ମଦ ପ୍ରସ୍ତୁତ କରାଯାଉଥିଲା। ମଦ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା ୮୦୦ ଲିଟର ସ୍ପିରିଟ୍ ମଧ୍ୟ ଜବତ ହୋଇଛି। ଏ ନେଇ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଲିକ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ ତଳମୂଳରେ ନକଲି ମଦ ପ୍ରସ୍ତୁତ ହେଉଥିବା ଖବର ମିଳିବା ପରେ ଚଢ଼ଉ କରିବା ପାଇଁ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏକ ଟିମ ଗଠନ ହୋଇଥିଲା। ଏହି ଟିମ୍‌ରେ ଏସ୍‌ଡିପିଓ ଏବଂ ବଆଁରପାଳ ଥାନାଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ସାମିଲ ଥିଲେ। ଚଢ଼ଉ ବେଳେ ମଦ ପ୍ରସ୍ତୁତିରେ ସଂପୃକ୍ତ ଥିବା ଲୋକମାନେ ପୁଲିସ ଭୟରେ ସ୍ଥାନ ଛାଡ଼ି ପଳାଇଥିଲେ। ଫଳରେ ସେମାନଙ୍କୁ ଗିରଫ କରାଯାଇପାରିନାହିଁ। ନକଲି ମଦ, ନକଲି ମଦ ପ୍ରସ୍ତୁତ ପାଇଁ ବ୍ୟବହୃତ ସାମଗ୍ରୀ, ଲେବୁଲ ଲେବଲିଂ ମେସିନ, ଠିପି ଇତ୍ୟାଦି ବିପୁଳ ପରିମାଣର ଜବତ କରାଯାଇଛି। ସଂପୃକ୍ତ ମଦ ବେପାରୀଙ୍କ ଘରେ ଚଢ଼ଉ ଜାରି ରହିଛି। ଆହୁରି ଅଧିକ ମଦ ପ୍ରସ୍ତୁତି ସାମଗ୍ରୀ ଜବତ ହେବା ସମ୍ଭାବନା ରହିଛି ବୋଲି ଏସ୍‌ଡିପିଓ

**୫୦୦ ଲିଟର ନକଲି ମଦ, ୮୦୦ ଲିଟର ସ୍ପିରିଟ୍ ଜବତ**



ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମଦ ଫ୍ୟାକ୍ଟ୍ରି ଏଭଳି ସ୍ଥାନରେ କରାଯାଇଥିଲା, ଯାହା ଉପରେ ପୁଲିସ କି ସାଧାରଣ ଜନତାଙ୍କ ନଜର ପଡ଼ିବା ଅସମ୍ଭବ। ଏଠାକୁ ସାଧାରଣ ଜନତାଙ୍କ ଯାତାୟାତ ନଥିବାବେଳେ କେବଳ ମଦ ପ୍ରସ୍ତୁତକାରୀ, ଫାକ୍ଟ୍ରି କର୍ମଚାରୀ ଏଠାକୁ ଯିବା ଆସିବା କରୁଥିଲେ। ନକଲି ମଦକୁ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ହୋଟେଲ, ଢାବା, ପାନ ଦୋକାନ, ଜଳଖିଆ ଦୋକାନ ଇତ୍ୟାକୁ ଚାଲାଣ କରାଯାଉଥିଲା।

## 'ଚଇତି'ରେ ଚଉକି ଖାଲି
# କାର୍ଯ୍ୟକ୍ରମ କାହାର; ପ୍ରଶାସନ ନା ଲୋକଙ୍କର ?

**ରାୟଗଡ଼ା, ୩୦।୧୨(ସମିସ)**

ଚଳିତ ବର୍ଷ ରାୟଗଡ଼ା ଜିଲ୍ଲା ଲୋକ ମହୋତ୍ସବ 'ଚଇତି ଓ ପଲ୍ଲିଶ୍ରୀ ମେଳା-୨୦୨୫'ସ୍ଥାନୀୟ ଜିସିଡି ହାଇସ୍କୁଲ ପଡ଼ିଆ ଠାରେ ଗତ ଡିସେମ୍ବର ୨୬ ତାରିଖ ଠାରୁ ୩୦ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି। 'ଚଇତି'ମହୋତ୍ସବରେ ସ୍ଥାନୀୟ ଜନସାଧାରଣ, ଜନ ପ୍ରତିନିଧିଙ୍କ ସମ୍ପୃକ୍ତି ଓ ଉପସ୍ଥିତିକୁ ନେଇ ସହରରେ ବିଭିନ୍ନ ମହଲରୁ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଉଛି। ୫ଟି ସଂଧ୍ୟାର ସାଂସ୍କୃତିକ ମହୋତ୍ସବ ପାଇଁ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏହାକୁ ଉପଭୋଗ କରିବାକୁ ଆଶାତୀତ ଦର୍ଶକ ନ ଥିବାରୁ ସେମାନଙ୍କ ବସିବା ପାଇଁ ବ୍ୟବସ୍ଥା କରାଯାଇଥିବା ସିଟ୍‌ଗୁଡିକ ଖାଲି ପଡ଼ି ରହୁଛି ବୋଲି ଚର୍ଚ୍ଚା ଜୋର ଧରିଛି। ଏ ନେଇ ରାୟଗଡ଼ା ସହରର ବିଶିଷ୍ଟ ଶିକ୍ଷାବିତ୍ ଡଃ.ଦୁଷ୍ମନ୍ତ କୁମାର ମହାନ୍ତି ନିଜ ପ୍ରତିକ୍ରିୟାରେ ପୂର୍ବରୁ ଚଇତି ଲୋକ ମହୋତ୍ସବରେ ଲୋକଙ୍କ ସମ୍ପୃକ୍ତି ରହୁଥିଲା। ଚଇତି କିଭଳି ସମସ୍ତଙ୍କୁ ନେଇ ପାଳନ ହେବ ସେ ନେଇ ଚଇତି ଉତ୍ସବ କମିଟି ଗଠନ କରାଯାଇ ସମସ୍ତଙ୍କ ନିଷ୍ପତିକୁ ଗ୍ରହଣ କରାଯାଉଥିଲା। ପୂର୍ବରୁ ଜିଲ୍ଲାସ୍ତରୀୟ ଚଇତି ଶୋଭାଯାତ୍ରାରେ ଲୋକଙ୍କ ସମର୍ଥନ ଅଧିକ ରହୁଥିବା ବେଳେ ଚଳିତ ବର୍ଷ ଲୋକଙ୍କ ସମ୍ପୃକ୍ତି ନ ଥିବାରୁ ସେଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଲା ନାହିଁ। ଏହି ବର୍ଷ ଲୋକ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରିନାହିଁ। ଏହା ଏକ ସରକାରୀ କାର୍ଯ୍ୟକ୍ରମ ଭଳି ଅନୁଭବ ହୋଇଛି। ରାୟଗଡ଼ା ଜିଲ୍ଲାବାସୀଙ୍କ ହସଖୁସି ଓ ଯୋଗଦାନରେ ଚଇତି ମହୋତ୍ସବ ସମାପନ ହେବା ଉଚିତ। ସେହିପରି ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଉଥିବା ସ୍ୱାଗତ ଯୋଗ୍ୟ ହୋଇଥିଲେ ମଧ୍ୟ ଆହୁରି ଭଲ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀଙ୍କୁ ନିମନ୍ତ୍ରଣର ଆବଶ୍ୟକତା ଥିଲା। ଯେଉଁମାନେ ପୁରସ୍କାର ଓ ସମ୍ମାନ ପାଇବା ପାଇଁ ଯୋଗ୍ୟ ସେମାନଙ୍କୁ ବଛା ଯାଇ ପୁରସ୍କୃତ କରିବା ଆବଶ୍ୟକ ଥିଲା। ତେଣୁ ଆଗାମୀ ଦିନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକଙ୍କୁ ସମ୍ପୃକ୍ତି ଯେମିତି ଅଧିକ ରହିବ ସେ ନେଇ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି ଡଃ.ମହାନ୍ତି।

ସେହିପରି ବିଜେଡି ନେତ୍ରୀ ଅନୁସୂୟା ମାଝି ନିଜ ପ୍ରତିକ୍ରିୟାରେ ରାୟଗଡ଼ା ଜିଲ୍ଲାବାସୀଙ୍କ କଳା, ସଂସ୍କୃତି ଓ ପରମ୍ପରାର ମହୋତ୍ସବ ହେଉଛି ଚଇତି। କିନ୍ତୁ ଲୋକଙ୍କ ବିନା ଜିଲ୍ଲା ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ଏଠି ରାଜ ଚାଲିଛି ବୋଲି କହିଛନ୍ତି। ଜନସାଧାରଣଙ୍କୁ ଚଇତି ଠାରୁ ଦୂରେଇ ରଖାଯାଇଛି, ଅଧିକାଂଶଙ୍କୁ ପାସ ଦିଆଯାଇନାହିଁ। ଜିଲ୍ଲାର ବୁଦ୍ଧିଜୀବୀ, ସମାଜସେବୀମାନଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବା ବେଳେ କେବଳ ଶାସକ ଦଳ ନେତୃବୃନ୍ଦ ଉପସ୍ଥିତ ରହୁଛନ୍ତି। ଫଳରେ ଏଠି ଭାଇଚାରାକୁ ନଷ୍ଟ କରାଯାଉଛି। ଚଇତି କାହାର, ପ୍ରଶାସନର ନା ଜିଲ୍ଲାବାସୀଙ୍କର ବୋଲି ପ୍ରଶ୍ନ କରିଛନ୍ତି। ସ୍ଥାନୀୟ କଳାକାରଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି ଏବଂ ଚଇତି ମଞ୍ଚରୁ ଦୂରେଇ ରଖାଯାଇଥିବା କହିଛନ୍ତି ଶ୍ରୀମତି ମାଝି। ଚଇତିରେ ସମସ୍ତ ବର୍ଗଙ୍କୁ ସମ୍ମାନ ଦେଇ ସେମାନଙ୍କ ଉପସ୍ଥିତିକୁ ଗୁରୁତ୍ୱ ଦେଇ ଚଇତି ପାଳନ କରାଯାଉ ବୋଲି ଶ୍ରୀମତି ମାଝି କହିଛନ୍ତି। ସେହିପରି ଚଇତି ସମ୍ପୂର୍ଣ୍ଣ ଅବ୍ୟବସ୍ଥାରେ ଚାଲିଥିବା ବେଳେ ଲୋକ ପ୍ରତିନିଧି ବୋଲି ପରିଚୟ ଦେଲେ ମଧ୍ୟ ବସିବା ପାଇଁ ମୁତୟନ ହୋଇଥିବା ପୋଲିସ ବାବୁମାନେ ଭିତରକୁ ଛାଡୁ ନାହାନ୍ତି। ଫଳରେ ଜଣେ ନିର୍ବାଚିତ ଲୋକ ପ୍ରତିନିଧି ଉପସ୍ଥିତ ଜନସାଧାରଣଙ୍କ ସମ୍ମୁଖରେ ହଟହଟା ହେବାକୁ ପଡୁଛି ବୋଲି ସମିତି ସଭ୍ୟ ଭୂଷଣ ବିଡିକା କହିଛନ୍ତି। ବିନା ପ୍ରଟୋକଲରେ ପ୍ରଶାସନିକ ଅଧିକାରୀମାନେ ନିଜ ବନ୍ଧୁବାନ୍ଧବ, ପରିବାର ଲୋକଙ୍କୁ ନେଇ ସିଟ୍‌ରେ ବସାଉଛନ୍ତି ବୋଲି କହିଛନ୍ତି। ସେହିପରି ଚଳିତ ବର୍ଷ ଆୟୋଜିତ ହୋଇଥିବା ଚଇତି ସମ୍ପୂର୍ଣ୍ଣ ଭିନ୍ନ। ଏଠାରେ ଲୋକଙ୍କ ସମ୍ପୃକ୍ତି ସମ୍ପୂର୍ଣ୍ଣ ଜିରୋ ବୋଲି କହିଛନ୍ତି ସାହିତ୍ୟକ ଶିବ ପ୍ରସାଦ ମିଶ୍ର। ଚଇତି ଏକ ଲୋକପର୍ବ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଲୋକଙ୍କୁ ସମ୍ପୂର୍ଣ୍ଣ ଦୂରେଇ ରଖିଛନ୍ତି। ହାଡଭଙ୍ଗା ଶୀତରେ ବିଳମ୍ବିତ ରାତ୍ରରେ କଳାକାରମାନଙ୍କ ନୃତ୍ୟଗୀତ ପରିବେଷଣ ହେଉଛି। ଫଳରେ ସହରବାସୀ ଏବଂ ବାହାର ଗାଁରୁ ଆସୁଥିବା ଲୋକେ କାର୍ଯ୍ୟକ୍ରମକୁ ଉପଭୋଗ କରିପାରୁ ନାହାନ୍ତି। ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜୋର ଶବ୍ଦରେ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଲୋକେ ଭଲ ନିଦ୍ରାରେ ଶୋଇ ପାରୁନାହାନ୍ତି। ଚଇତିକୁ ଜିଲ୍ଲାବାସୀ ସ୍ୱାଗତ କରୁଥିବା ବେଳେ ବ୍ୟବସ୍ଥାକୁ ଆମେ ନିନ୍ଦା କରୁଛୁ ବୋଲି ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ଡ.ଦୁର୍ଗା ପ୍ରସାଦ ପଣ୍ଡା କହିଛନ୍ତି। ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ବେଳେ ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ କୁମାର ବଛା, ରାୟଗଡ଼ା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ ତାଣ୍ଡି ଭଳି ଅନ୍ୟାନ୍ୟ ବିକେଏସଏସର ପଦାଧିକାରୀଙ୍କୁ କୌଣସି ନିମନ୍ତ୍ରଣ ପତ୍ର ଖଣ୍ଡିଏ ଦିଆଯାଇ ନାହିଁ ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି।

## ମନ୍ଦିରରୁ ରୁପା ମକୁଟ ଚୋରିକରି ଧରାପଡ଼ିଲେ ମହିଳା



**ସୁନାବେଡ଼ା, ୩୦।୧୨ (ସମିସ):** ସୁନାବେଡା-୧ ଏଇଏଫ ବଜାର ସ୍ଥିତ ତ୍ରିନାଥ ମନ୍ଦିର ଠାକୁରଙ୍କ ରୁପା ମୁକୁଟ ଚୋରି ହେବାର ଦିନକ ପରେ ଚୋର ଧରା ପଡ଼ିଛି। ସୂଚନା ଯୋଗ୍ୟ ଯେ ରବିବାର ଦିନ ପ୍ରାୟ ୨.୩୦ ମିନିଟ୍ ସମୟରେ ମନ୍ଦିରର ପୂଜାରୀ ମନ୍ଦିର ବାହାରେ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଠାକୁରଙ୍କ ରୂପା ମୁକୁଟ ଟି ଚୋରି ହୋଇଥିଲା। ଏହାର ଦିନକ ପରେ ମଙ୍ଗଳବାର ଦିନ ପୂଜାରୀ ସେଠାରେ ଥିବା ଗଣେଶ ମୂର୍ତ୍ତୀରେ ଥିବା ରୂପା ମୁକୁଟଟି ନ ଥିବା ଦେଖିବାକୁ ପାଇଥିଲେ। ସେ ସଙ୍ଗେ ସଙ୍ଗେ ମନ୍ଦିର କମିଟିକୁ ଏହାର ଖବର ଦେଇଥିଲେ। ଆଜି ମନ୍ଦିରରେ ଲଗାଯାଇଥିବା ସିସିଟିଭିରେ ସ୍ଥାନୀୟ ମହିଳା ଜଣେ କେହି ନ ଥିବାର ସୁଯୋଗ ନେଇ ଚୋରି କରିଥିବା ଦେଖିବାକୁ ପାଇଲେ। ପରେ ମନ୍ଦିର କମିଟି ସଦସ୍ୟ ମାନେ ମଙ୍ଗଳବାର ସନ୍ଧ୍ୟାରେ ସମ୍ପୃକ୍ତ ମହିଳାଙ୍କ ଘରୁ ମୁକୁଟକୁ ବାହାର କରି ମନ୍ଦିରକୁ ହସ୍ତାନ୍ତର କରିଛନ୍ତି।

## ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍

**କୋରାପୁଟ, ୩୦।୧୨ (ସମିସ):** ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ଠାରୁ ଦୁର୍ବୃତ୍ତ ମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ତିନି ଜଣ ଯୁବକ ବାଇକ୍‌ରେ ଆସି ଖଣ୍ଡା ଦେଖାଇ ମହିଳା କର୍ମଚାରୀଙ୍କ ଠାରୁ ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ କରିଛନ୍ତି ସମ୍ପୃକ୍ତ କର୍ମଚାରୀ। କୋରାପୁଟ ରାୟଗଡ଼ା ଜାତୀୟ ରାଜପଥର କୋରାପୁଟ ଚିନ୍ଦ୍ରି ନିକଟରେ ଏଭଳି ଘଟଣା ଘଟିଛି। ମହିଳା



କର୍ମଚାରୀ ଜଣକ ୧ ଲକ୍ଷ ୧୪ ହଜାର ଋଣ ଟଙ୍କା ଆଦାୟ କରି କୋରାପୁଟ ଅଫିସକୁ ଫେରୁଥିଲା ବେଳେ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ତେବେ ୫୦ ହଜାର ଉଜାର ଟଙ୍କା ନେଇ ଯିବାକୁ ହେଲେ ତିନିଜଣ କର୍ମଚାରୀ ଯିବା ନିୟମ ଥିଲାବେଳେ ଲକ୍ଷାଧିକ ଟଙ୍କା ନେଇ ଜଣେ ମହିଳା କର୍ମଚାରୀ କିପରି ଯାଉଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟ ପକ୍ଷରେ ଅଭିଯୋଗକୁ ଭିତ୍ତି କରି ପୁଲିସ ସମ୍ପୃକ୍ତ କମ୍ପାନୀର ଶାଖା ପରିଚାଳକ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଡାକି ବିସ୍ତୃତ ବିବରଣୀ ସଂଗ୍ରହ କରିବା ପରେ ତଦନ୍ତ ଆରମ୍ଭ କରିବ ବୋଲି ଜଣାପଡ଼ିଛି।


## ବୃଦ୍ଧାଶ୍ରମରେ ଶୀତବସ୍ତ୍ର ବାଣ୍ଟିଲେ ଜଗନ୍ନାଥ ମହାପାତ୍ର

● ଆହୁରି ଶୀତବସ୍ତ୍ର ବଣ୍ଟନ ହେବ



**ନବରଙ୍ଗପୁର, ୩୦।୧୨(ସମିସ):** ନବରଙ୍ଗପୁରର ଭୀଷଣ ଶୀତର ଲହରୀ ଜାରି ରହିଛି। ଶୀତରେ ଗରିବ, ଅସହାୟ, ବୃଦ୍ଧବୃଦ୍ଧା ଶୀତବସ୍ତ୍ର କିଣି ନ ପାରି ହନ୍ତସନ୍ତ ହେଉଛନ୍ତି। ସେମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା ଲାୟନ୍ସ କ୍ଲବ୍ ସଭାପତି ଜଗନ୍ନାଥ ମହାପାତ୍ର। ପ୍ରତିବର୍ଷ ଭଳି ଚଳିତ ବର୍ଷ ତେନ୍ତୁଳିଖୁଣ୍ଟି ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଶୀତ ବସ୍ତ୍ର ସହିତ ଲୁଗା ଓ ସୁସ୍ୱାଦୁ ଖାଦ୍ୟ ବଣ୍ଟନ କରଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ତଥା ସମାଜସେବୀ ଶ୍ରୀ ମହାପାତ୍ରଙ୍କ ସମେତ ସମ୍ପାଦକ ଲାୟନ୍ସ କ୍ଲବ୍ ଭୁବନେଶ୍ୱର ସୁରଙ୍କ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ଇଞ୍ଜିନିୟର ଲାୟନ ଦିଲୀପ ଦାସ, ଲାୟନ ଶ୍ରୀକାନ୍ତ ମହାନ୍ତି, ଉପସଭାପତି ପି.ଶେଖର, ଦିନେଶ ଜୈନ, ରବି ରେଡ୍ଡୀ, ପିଣ୍ଟୁ ପଣ୍ଡାଙ୍କ ସହ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ସହ ସ୍ଥାନୀୟ ବୃଦ୍ଧାଶ୍ରମର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ମହାପାତ୍ର ଉପସ୍ଥିତ ରହି ଚଳିତ ବର୍ଷ ପ୍ରବଳ ଥଣ୍ଡାକୁ ଅନୁଭବ କରି କ୍ଲବ୍ ତରଫରୁ ସହରରେ ଥିବା ଅନ୍ୟାନ୍ୟ ସ୍ଥାନରେ ଶୀତ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଛନ୍ତି।

## ନୂଆବର୍ଷ ପାଇଁ ପୁଲିସର ବ୍ୟାପକ ଯାଞ୍ଚ



**ଜୟପୁର, ୩୦।୧୨(ସମିସ):** କୋରାପୁଟ ଜିଲ୍ଲାକୁ ଚଳିତ ବର୍ଷ ଖ୍ରୀଷ୍ଟମାସ ଛୁଟିରେ ବାହାର ଜିଲ୍ଲା ଓ ରାଜ୍ୟରୁ ପର୍ଯ୍ୟଟକ ମାନେ ଆସୁଥିବା ଯୋଗୁଁ ସେମାନଙ୍କ ଏବଂ ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ଜୟପୁରୁ ଟାଉନଥାନା ପୁଲିସ ପକ୍ଷରୁ ସହରର ପ୍ରବେଶ ପଥ ଗୁଡିକରେ ମୁଖ୍ୟତଃ ରାତିରେ ବ୍ୟାପକ ଯାଞ୍ଚ କରାଯାଉଛି। ଏହିପରି ଆଗାମୀ ନୂତନ ବର୍ଷ ପାଇଁ ଏହି ଯାଞ୍ଚକୁ ଅଧିକ କଡାକଡି କରାଯାଇଛି। ଜିଲ୍ଲା ଏସ.ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲ୍ଲାର ପ୍ରବେଶ ପଥ ଗୁଡିକରେ ଯାଞ୍ଚ କାର୍ଯ୍ୟ ଚାଲିଥିବା ବେଳେ। ଜିଲ୍ଲା ବଡ ଓ ମୁଖ୍ୟ ସହର ଜୟପୁର ସହରର ବିଭିନ୍ନ ହୋଟେଲ ଏବଂ ଗେଷ୍ଟ ହାଉସରେ ପର୍ଯ୍ୟଟକ ମାନେ ଆସି ରହୁଥିବା ଯୋଗୁଁ ଜିଲ୍ଲା ଏସ.ପିଙ୍କ ନିର୍ଦ୍ଦେଶକ୍ରମେ ସହରର ପ୍ରବେଶ ପଥ ବାରିଣିପୁଟ, ଜିଲ୍ଲା ଚିକିତ୍ସାଳୟ ଛକ, ଗ୍ଲୋକାଲ ଛକ ଏବଂ ଭୁତନାଥ ମନ୍ଦିର ଛକରେ ପୁଲିସ ପକ୍ଷରୁ ଅସ୍ଥାୟୀ ବେରିକୋଟ ନିର୍ମାଣ କରାଯାଇଛି। ଏଠାରେ ସହରକୁ ପ୍ରବେଶ କରୁଥିବା ବିଭିନ୍ନ ଦୁଇ, ଚାରି ଏବଂ ଭାରୀଯାନ ଗୁଡିକ ଯାଞ୍ଚ କରୁଛନ୍ତି। ସେହିପରି ବିଭିନ୍ନ ହୋଟେଲ ଓ ଗେଷ୍ଟ ହାଉସରେ ମଧ୍ୟ ବିନ୍ନ ଆଧାରକାର୍ଡ ଏବଂ ପରିଚୟ ପତ୍ରରେ ଭଡାରେ କକ୍ଷ ଦେବାକୁ ଦୃଢ ନିର୍ଦ୍ଦେଶ ଦିଆଯାଇଛି ବୋଲି ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ନୂତନ ବର୍ଷ ପାଇଁ ଏହି ଯାଞ୍ଚ ଗତକାଲି ରାତିରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଜାରୀ ରହିବ ବୋଲି ପୁଲିସ ପକ୍ଷରୁ ପ୍ରକାଶ କରାଯାଇଛି।

## ଛାତ୍ରଛାତ୍ରୀଙ୍କ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ




**ବୈପାରୀଗୁଡା, ୩୦।୧୨(ସମିସ):** ବୈପାରିଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର କେ. ଦିଶାରିଗୁଡା ବିଦ୍ୟାଳୟ ଓ ଇକୋ କ୍ଲବ୍ ପକ୍ଷରୁ ଗାଁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ତଥା ପ୍ରକୃତି ପ୍ରେମୀ କାହ୍ନୁ ଚରଣ ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ସହଯୋଗ କରିଥଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ଅଭିମନ୍ୟୁ ନାୟକ ଓ ସମିତି ସଭ୍ୟା ପୁଷ୍ପାଞ୍ଜଳୀ ଫାଲମ୍ ଉଦଘାଟନ କରିଥିଲେ। ଗାଁ ସଫେଇ କାର୍ଯ୍ୟକ୍ରମ ବ୍ୟତୀତ କାହ୍ନୁ ସାର୍‌ଙ୍କ ପରିବେଶ ସୁରକ୍ଷା, ବୃକ୍ଷ ରୋପଣ, ପ୍ଲାଷ୍ଟିକ ବିରୋଧୀ ଅଭିଯାନ ପାଇଁ ସମସ୍ତେ ପ୍ରଶଂସା କରିଛନ୍ତି।

## ମା' କଣ୍ଟାବାଉଁଶୁଣୀଙ୍କ 'ପୁଷ ପୁନେଇଁ' ପରବ

**ଦାମନଯୋଡ଼ି, ୩୦।୧୨(ସମିସ):** ଦାମନଯୋଡିର ଆରାଧ୍ୟା ଦେବୀ ମା' କଣ୍ଟାବାଉଁଶୁଣୀଙ୍କ ପୁଷ ପୁନେଇଁ ପରବ ମଙ୍ଗଳବାର ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପ୍ରତିବର୍ଷ ପୌଷ ପୂର୍ଣ୍ଣମୀ ନିକଟବର୍ତ୍ତୀ ମଙ୍ଗଳବାର ଦିନ ମା'ଙ୍କର ଏହି ପର୍ବ ପାଳିତ ହୋଇଥାଏ। ଆଜି ସକାଳଠାରୁ ମାଆଙ୍କର ବାପଘର ଥିବା ଗାଁ ସିନ୍ଧିପାର ସହିତ କଣ୍ଟାଗୁଡା, ଗାଦିପାବିଲି ଓ ଡୁମୁରିଗୁଡାର ଯୁବକମାନେ ମା'ଙ୍କ ପୀଠକୁ ସଫାସୁତୁରା କରି ସାଜସଜ୍ଜା କରିଥିଲେ। ଗ୍ରାମବାସୀ ଅତ୍ୟନ୍ତ ନିଷ୍ଠାର ସହିତ ଉପବାସ ରହି ଖାଲି ପାଦରେ ଛଅ କିଲୋମିଟର ଦୂର ମା'ଙ୍କ ପୀଠକୁ ଆସିଥିଲେ। ଉଲ୍ଲେଖଯୋଗ୍ୟ, ଏଠାରେ ନାଲକୋ ପ୍ରତିଷ୍ଠା ବେଳେ ଏହିସବୁ ଗାଁ ବିସ୍ଥାପିତ ହୋଇଥିଲା। ମାଆ କିନ୍ତୁ ନିଜ ଇଚ୍ଛାରେ ଏଠାରେ ରହିଗଲେ। ଅପରାହ୍ନରେ ମା'ଙ୍କ ପିତୁଳାକୁ ସ୍ୱତନ୍ତ୍ର ପୋଖରୀରେ ସ୍ନାନ କରାଯାଇ ନାଭିକୁଣ୍ଡରେ(ଜନ୍ମସ୍ଥାନ) ସ୍ଥାପନ କରାଯାଇଥିଲା। ମା'ଙ୍କ ଅସ୍ତ୍ର ଖକୋଟି ଓ ଗୋଠଖଣ୍ଡିକୁ ମଧ୍ୟ ନାଭିକୁଣ୍ଡରେ ସ୍ଥାପନ କରାଯାଇଥିଲା। ପରମ୍ପରା ମୁତାବକ ସ୍ୱତନ୍ତ୍ରଭାବେ ସଦ୍ୟପ୍ରସ୍ତୁତ ଜଡାତେଲ, ଚନ୍ଦନ, ଘିଅ, ଚୁନା, ହଳଦୀ, ସିନ୍ଦୁର ଆଦି ମା'ଙ୍କୁ ଲାଗି କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ବାପଘରୁ ପାଟଖଣ୍ଡା ଅଣାଯିବାପରେ ମା'ଙ୍କୁ ଶିମ୍ବଫୁଲ, ମନ୍ଦାର, ଗେଣ୍ଡୁ ଫୁଲ, ଅରୁଆ ଚାଉଳ ଆଦି ସହିତ ନାଲି ଶଙ୍ଖା, ସିନ୍ଦୂର ଓ ବସ୍ତ୍ର, ନଡ଼ିଆ, କଦଳୀ ଆଦି ଲାଗିକରାଯାଇ ପୂଜା କରାଯାଇଥିଲା। ଭକ୍ତଙ୍କ ସମର୍ପିତ ଭୋଗ ସହିତ ଆଜି ଅନ୍ନଭୋଗ ମଧ୍ୟ ଲାଗି କରାଯାଇଥିଲା। ପାରମ୍ପରିକ ଗୀତ ନାଚ ଓ ବାଦ୍ୟ ମା'ଙ୍କ ପୀଠକୁ ଅତ୍ୟନ୍ତ ଭକ୍ତି ଭାବମୟ ପରିବେଶ ସୃଷ୍ଟି କରିଥିଲା। ଗୁରୁମାଇଙ୍କ ସହ ପୁରୋଧା ରାମ ମୁଦୁଲି, ଧନୁର୍ଜୟ ମୁଦୁଲି, ମଦନ ମୁଦୁଲି ଓ ଦୀନବନ୍ଧୁ ମୁଦୁଲି ପୂଜା ନୀତି କରିଥିଲେ। ନିୟମିତ ପୂଜକ ଅର୍ଜୁନ ଦାମି, ବାସୁ ବଡ଼ନାୟକ ଓ ଜର ବଡ଼ନାୟକଙ୍କ ସହିତ ଗୋପୀ ମୁଦୁଲି, ପୀତୁ ବଡନାୟକ, ରାମ ନାୟକ, ତ୍ରିଲୋଚନ ମାଳି, ଭକ୍ତରାମ ପୂଜାରୀ, ତ୍ରିନାଥ ମାଳି, ମୂରଲୀ ନାୟକ, ଦିବାକର ଗୁଣ୍ଟା, ରାଜେଶ ପୂଜାରୀ, ମୂରଲୀ ଲମତା, ଅରୁଣ ପ୍ରଧାନ, ନୀଳକଣ୍ଠ



ଗୁଣ୍ଟା, ରଘୁ ଗୁଣ୍ଟା, ଭାଗିରଥି ଗୁଣ୍ଟା, ରତ୍ନାକର ନାୟକ, ଦଶରଥ ମାଳି, ଦୁର୍ଯ୍ୟୋଧନ ମାଳି, ନରେଶ ପାତ୍ର, ପବିତ୍ର ଲମତା, ସଦା ଗାଦବା, ଦୀନବନ୍ଧୁ ଲମତା, ବଳଭଦ୍ର ମାଳି, ଚୈତନ୍ୟ ମାଳି, ହରିହର ନାୟକ, ଗୌତମ ରାଜୁ, ଦେବେନ୍ଦ୍ର ରାଜୁ, ବୃନ୍ଦାବନ ଦଳେଇ ଓ ବ୍ରିଜେଶ ପୂଜାରୀ ପ୍ରମୁଖ ନୀତିକାନ୍ତିରେ ସହଯୋଗ କରିଥିଲେ। ଆୟୋଜକ କମିଟିର ସଭାପତି ସନ୍ତୋଷ କୁମାର ସ୍ୱାଇଁ ଓ ସମ୍ପାଦକ ଦୈତାରୀ କୁଳଦୀପ, ମା'କଣ୍ଟାବାଉଁଶୁଣୀ ସେବାୟତ ମଣ୍ଡଳୀ ସଭାପତି ଜେ.କେ.ନାହାକ, ସମ୍ପାଦକ କୃତିବାସ ରାଜୁ ଓ କୋଷାଧ୍ୟକ୍ଷ ଆର.ଏନ.ମୁଦୁଲିଙ୍କ ସହ କର୍ମକର୍ତ୍ତା ପି କେ ମୁନୀ, ଲୋକନାଥ କୁଳଦୀପ, ଶଙ୍କର୍ଷଣ ବିଶ୍ୱାଳ, ପ୍ରେମଜିତ ବୋଷ, ସଦା ଦାମି, ଧନୁର୍ଜୟ ଦାମି ଓ ଖଦାଳ ନାୟକ ପ୍ରମୁଖ ବିଭିନ୍ନ ବ୍ୟବସ୍ଥାରେ ସହଯୋଗ କରିଥିଲେ।

## ରକ୍ତଦାନ କରି ପୁଅର ଜନ୍ମଦିନ ପାଳିଲେ ଦମ୍ପତି

**କୋରାପୁଟ, ୩୦।୧୨(ସମିସ):** ପୁରୁଣା ବର୍ଷକୁ ବିଦାୟ ଦେବା ସହିତ ନୂତନ ବର୍ଷକୁ ସ୍ୱାଗତ କରିବା ଅବସରରେ ରକ୍ତଦାନ କରି ପୁଅର




ଜନ୍ମ ଦିନ ପାଳନ କରିଛନ୍ତି କୋରାପୁଟ ସହରର ଏକ ଦମ୍ପତି। ପୁଅ ରୋନକର ଜନ୍ମ ଦିନରେ ପିତା ବିଲସେନ୍ ସତ୍ୟ ଓ ମାତା ଅର୍ଚ୍ଚନା ପ୍ରଧାନ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସପିଟାଲ ରକ୍ତ କେନ୍ଦ୍ରରେ ନିଜେ ରକ୍ତଦାନ କରିବା ସହ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍ ର ସହଯୋଗ ରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ବିଲସେନ୍ ପରିବାରର ଏଭଳି ମହତ୍ କାର୍ଯ୍ୟକୁ ଉତ୍ସାହିତ କରିବା ସକାଶେ ଉକ୍ତ ଶିବିରରେ ତାଙ୍କ ପରିବାରର ନିର୍ମଳ ଚନ୍ଦ୍ର ବାଘ୍‌ଙ୍କ ସମେତ ସୁବାସ ଚନ୍ଦ୍ର ଜେନା, ଅରୁଣ କୁମାର ସାହୁ, ଶାଶ୍ୱତ ପାତ୍ର, ଅମରେଶ ଦାସ ପ୍ରଦୀପ କୁମାର ବେହେରା ଓ ଅନ୍ୟାନ୍ୟ ରକ୍ତଦାତା ରକ୍ତଦାନ କରିଥିଲେ। କୋରାପୁଟ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍ ର ବରିଷ୍ଠ କର୍ମକର୍ତ୍ତା ଶେଖ ଇବ୍ରାହିମ୍, ଶାହେଦା ପରୱିନ, ସ୍ୱରାଜ ରାୟ, ପ୍ରମୋଦ ସେଠି, ପ୍ରିୟଦର୍ଶୀ ସାହୁ, ପ୍ରବୀଣ କୁମାର ବେହେରା ପ୍ରମୁଖ ଶିବିର ପରିଚାଳନା କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଡି ବି ଡି ଏମ ଏଫ୍ ତରଫରୁ ସତ୍ୟଙ୍କ ପରିବାରକୁ ଫୋରମ୍ ର ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

● ସାମାଜିକ ନିରାପତ୍ତା ପେନସନ୍‌ଧାରୀ ମହାସଂଘର ଶୋଭାଯାତ୍ରା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

**ଚନ୍ଦାହାଣ୍ଡି, ୩୦।୧୨(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ସଦର ଠାରେ ସମବାର ଦିନ ଓଡ଼ିଶା ସାମାଜିକ ନିରାପତ୍ତା



ପେନସନଧାରୀ ମହାସଙ୍ଘ ଆନୁକୂଲ୍ୟରେ ଚନ୍ଦାହାଣ୍ଡି ବ୍ଲକ କମିଟି ପକ୍ଷରୁ ବ୍ଲକ ସମ୍ପାଦିକା ସୁଶ୍ରୀ ପାର୍ବତୀ ଧ୍ରୁଆଙ୍କ ନେତୃତ୍ୱ ରେ ଚନ୍ଦାହାଣ୍ଡି ହାଟପଦା ଠାରୁ ବହୁ ସଂଖ୍ୟାରେ ସାମାଜିକ ନିରାପତ୍ତା ପେନସନଧାରୀ ନିଜ ବିଭିନ୍ନ ସମସ୍ୟାକୁ ନେଇ ଶୋଭାଯାତ୍ରା ଦ୍ୱାରା ଚନ୍ଦାହାଣ୍ଡି ବିଡ଼ିଓ ଚଇନୁ ଗଣ୍ଡ ଏବଂ ତାଙ୍କ ଜରିଆରେ ରାଜ୍ୟପାଳ ଓଡ଼ିଶା, ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳ ନବରଙ୍ଗପୁରଙ୍କ ନିକଟକୁ ଏକ ୬ ଦଫା ଦାବୀପତ୍ର ପ୍ରଦାନ କରାଗଲା। ଏହି ଦାବିପତ୍ର ପ୍ରଦାନ ସମୟରେ ଚନ୍ଦାହାଣ୍ଡି ବ୍ଲକ ମଧ୍ୟର ୧୪ ଗୋଟି ପଞ୍ଚାୟତର ପେନସନଧାରୀ ମାନଙ୍କ ସହ ମହାସଂଘର ବ୍ଲକ ସଭାପତି ସବିତା ନାଗ, ରାଜ୍ୟ ମୁଖ୍ୟ ଉପଦେଷ୍ଟା ରାଜେଶ ଜାନି, ଘମେ ଗୌଡ, ଲଚେନି ଭୋଇ, ଝନକଦେଇ ମାଝୀ, ମହନ ମାଝୀ, ଗସ୍ତମ୍ ପୁଜାରୀ, ପିଲାବାଇ ମାଝୀ, ଦେବକୀ ନାଗ, ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ, ସେଶମଲ୍ ହରପାଲ, ଭାନୁମତୀ ମାଝୀ, , କମଳା ମାଝୀ, ନୂଆଖାଉ ଭତରା, ଅଲେଖ କୁଳଦୀପ, ସମିତି ସଭ୍ୟ ସନ୍ତଶ ପଟ୍ଟନାୟକ, ଦାସ ସାଣ୍ଟା, ଧନମତି ଗୌଡ, ରମବତି ଘଇତା, ମଞ୍ଜୁଳା ମାଝୀ, ଜିଲ୍ଲା ସଙ୍ଗଠକ ଦେବରାଜ ନାଗ, ଦୟାନିଧି ସୁନା, ଜେମାଦେଇ ସୁନାନି, ଉର୍ମିଳା ସାହୁ, ସୂର୍ଯ୍ୟ ସନ୍ତା, ମୁକ୍ତା ଦଳାଇ ଓ ଅନ୍ୟାନ୍ୟ ପ୍ରାୟ ୫୦୦୦ରୁ ଅଧିକ ପେନସେନଧାରୀ ଉପସ୍ଥିତ ଥିଲେ। ୬ ଗୋଟି ଦାବି ଯଦି ରାଜ୍ୟ ସରକାର ପୂରଣ ନ କରନ୍ତି ତାହେଲେ ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲ୍ଲାରେ ଓ ରାଜ୍ୟ ସ୍ତରରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଓଡ଼ିଶା ସାମାଜିକ ନିରାପତ୍ତା ପେନସେନାଧାରୀ ମହାସଂଘର ରାଜ୍ୟ ମୁଖ୍ୟ ଉପଦେଷ୍ଟା ଶ୍ରୀଜାନି ଚେତାବନୀ ଦେଇଛନ୍ତି।

# ବ୍ୟକ୍ତିଗତ ଜାଗାରେ ରାସ୍ତା ନିର୍ମାଣକୁ ବିରୋଧ





**ବୈପାରିଗୁଡା, ୩୦।୧୨(ସମିସ)**

ବ୍ୟକ୍ତିଗତ ପଟ୍ଟା ଜାଗାରେ ରାସ୍ତା ନିର୍ମାଣ କୁ ବିରୋଧ, ଏନେଇ ବିଡ଼ିଓ ଏବଂ ତହସିଲଦାର ନିକଟରେ ଫେରାଦ ହେଲେ ଜମି ମାଲିକ। ବୈପାରୀଗୁଡା ସଦର ମହକୁମା ସ୍ଥିତ ଚାରି ନମ୍ବର ୱାର୍ଡ ମଇନାପଡ଼ା ଗାଁ ରେ ପଞ୍ଚାୟତ ପକ୍ଷରୁ ମୋନେରେଗା ଯୋଜନାରେ ଅମୃତ ସରବର ପୋଖରୀ ଠାରୁ ମଇନାପଡ଼ା ଗାଁ ପର୍ଯ୍ୟନ୍ତ ନଅ ଲକ୍ଷ ଟଙ୍କା ବ୍ୟୟରେ ୮୦୦ ମିଟର ମାଟି ରାସ୍ତା ସହ କଲଭର୍ଟ ନିର୍ମାଣ ଚାଲିଛି। ହେଲେ ଏହି କାମକୁ ବିରୋଧ କରିଛନ୍ତି ଜମି ମାଲିକ ସରତ ଜଗଦେବ ଏବଂ ସାବିତ୍ରୀ ମହାପାତ୍ର। ଉଭୟ ଜମି ମାଲିକ ଆଜି ସ୍ଥାନୀୟ ବିଡ଼ିଓ ଶକ୍ତି ମହାପାତ୍ର ଏବଂ ତହସିଲଦାର ସିଂଗ୍ଧା ଚୌଧୁରୀ ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାଇ, ବୈପାରିଗୁଡା ଆରଆଇ ଙ୍କ ଟ୍ରେସ ମ୍ୟାପ ଅନୁଯାଇ ସେହି ୫୪ ନଂ ପ୍ଲଟରେ ରାସ୍ତା କରିବା ପାଇଁ ଦର୍ଶାଯାଇଛି। କିନ୍ତୁ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟମଣି ନାୟକ ନିଜ ଇଛା ମୁତାବକ ସାବିତ୍ରୀ ମହାପାତ୍ରଙ୍କ ପ୍ଲଟ ନମ୍ବର ୧୪ ଓ ୫୦ ଏବଂ ସରତ ଜଗଦେବ ଙ୍କ ପ୍ଲଟ ନମ୍ବର ୫୧, ୫୨, ୪୮ /୧୦୫୫, ୪୯/୧୦୫୬ ରେ ରାସ୍ତା ନିର୍ମାଣ ଚାଲିଛି। ଯାହାକୁ ନେଇ ବିଡ଼ିଓ ଏବଂ ତହସିଲଦାର ନିକଟରେ ଫେରାଦ ହୋଇଛନ୍ତି। ସେପଟେ ସରପଞ୍ଚ କହିଛନ୍ତି ଯେ, ରାସ୍ତା କାମ ନିୟମ ଅନୁଯାଇ ଠିକ ଜାଗାରେ କରାଯାଇଛି। ବୈପାରିଗୁଡା ଆରଆଇ ଙ୍କ ଟ୍ରେସ ମ୍ୟାପ ଅନୁଯାଇ ପ୍ଲଟ ନମ୍ବର ୫୪ ନଂ ରେ ରାସ୍ତା କରିବା ପାଇଁ ତତ୍କାଳୀନ ତହସିଲଦାରଙ୍କ ଠାରୁ ଅନୁମତି ମିଳିଛି। ନିୟମ ଅନୁଯାଇ ସରକାରୀ ଜାଗାରେ ରାସ୍ତା ନିର୍ମାଣ ହେଉଛି। ଏନେଇ ବିଡ଼ିଓ କହିଛନ୍ତି ଅଭିଯୋଗ ପରେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଉ ତହସିଲଦାର କହିଛନ୍ତି ଡିମାର୍କେସନ କଲେ ଜମି ସମସ୍ୟା କଉଠି ଅଛି ଜଣାପଡ଼ିବ ଏଣୁ ଅତି ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

## ଇଲେକ୍ଟ୍ରିକାଲ ୱାର୍କର ସଂଘର ବୈଠକ



**ମାଲକାନଗିରି, ୩୦।୧୨(ସମିସ):** ମା ଭୈରବୀ ଇଲେକ୍ଟ୍ରିକାଲ ୱାର୍କର ସଂଘର ଏକ ଜରୁରୀ ବୈଠକ ସ୍ଥାନୀୟ ଆଶୀର୍ବାଦ କଲୋନୀ ସ୍ଥିତ ଆମ୍ବତୋଟାରେ ସଂଘର ପ୍ରତିଷ୍ଠାତା ହେମନ୍ତ ଜୈନଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବିଶିଷ୍ଟ ଆଇନଜୀବୀ ଭବାନୀ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସଂଘର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସଂଘରେ ଯୋଗଦାନ କରି ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ପାଙ୍ଗି ସଂଘର କାର୍ଯ୍ୟକ୍ରମ ଉପରେ ଆଲୋକ ପାତ କରିଥିଲେ। ସମ୍ମାନିତ ଅତିଥି ଦିବାକର ଭଗବାନ ସଂଘ ଦ୍ୱାରା ନିଆଯାଇଥିବା ବିଭିନ୍ନ ପ୍ରକାରର ଉନ୍ନତୀ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ଜିଲ୍ଲାର ଉନ୍ନତିରେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। ସଂଘର ଉପଦେଷ୍ଟା ରତ୍ନାକର ଦାସ ୱର୍କାର ମାନଙ୍କର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ସଭାରେ ଉପସ୍ଥିତ ୱାର୍କର ସଭ୍ୟମାନଙ୍କୁ ୧ଲକ୍ଷ ଟଙ୍କାର ବୀମା ପ୍ରମାଣପତ୍ର ଭବାନୀ ମିଶ୍ର ଏବଂ ରତ୍ନାକର ଦାସଙ୍କ ଦ୍ୱାରା ବିତରଣ କରାଯାଇଥିଲା। ସଂଘର ପ୍ରତିଷ୍ଠାତା ହେମନ୍ତ ଜୈନ ନବବର୍ଷର ଶୁଭେଚ୍ଛା ବାର୍ତ୍ତା ସହ ସଂଘକୁ ଆଗେଇ ନେବାପାଇଁ ନୂତନ ସଭ୍ୟ ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ। ସଂଘର ସଭାପତି ଡମ୍ବରୁଧର ଜାନି ଉପସ୍ଥିତ ସମୁଦାୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ସଂଘର ଉପଦେଷ୍ଟା ଜୟଦେବ ପଣ୍ଡା କରିଥିବାବେଳେ ସମ୍ପାଦକ ଭି. ରାମା ରାଓ ଖାଦ୍ୟପେୟର ସୁବ୍ୟବସ୍ଥା କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ଇଲେକ୍ଟ୍ରିକାଲ୍ ୱାର୍କର ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

### ଟୋକନ୍ ଆସିନି, ଋଣ ପରିଶୋଧ ଚିନ୍ତାରେ ଚାଷୀ

# ଡିଆର୍‌ସିଏସ୍‌ଙ୍କୁ ଘେରିଲେ ନବରଙ୍ଗପୁର ଚାଷୀ

**ନବରଙ୍ଗପୁର, ୩୦।୧୨(ସମିସ)**



ନବରଙ୍ଗପୁର ବ୍ଲକର ସମସ୍ତ ପ୍ରକୃତ ଭାଗଚାଷୀ ମାନଙ୍କ ନାମ ଧାନ ବିକ୍ରୟ ନିମନ୍ତେ କରିଥିବା ରେଜିଷ୍ଟ୍ରେସନରୁ ବାଦ୍ ପଡ଼ିବା ଏବଂ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଚାଷୀଙ୍କ ଧାନ ବିକ୍ରୟ ନିମନ୍ତେ ଟୋକନ ନ ଆସିବା ଅଭିଯୋଗ କରି ମଙ୍ଗଳବାର ନବରଙ୍ଗପୁର ଡିଆର୍‌ସିଏସଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଚାଷୀ। ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ନବରଙ୍ଗପୁର ବ୍ଲକ ଅଞ୍ଚଳର ବହୁ ଚାଷୀ। ଚାଷୀଙ୍କ ଅଭିଯୋଗ ପ୍ରକାରେ ନବରଙ୍ଗପୁର ବ୍ଲକର ବହୁ ଚାଷୀ ଚଳିତ ୨୦୨୫-୨୬ ଖରିଫ ଚାଷର ଧାନ ବିକ୍ରୟ ନିମନ୍ତେ ଉଭୟ ଚାଷୀ ଓ ଭାଗଚାଷୀ ମାନେ ଲ୍ୟାମ୍ପ୍‌ସ ଏବଂ ବିଭିନ୍ନ ଏସ୍‌ଏଚ୍‌ଜିରେ ରେଜିଷ୍ଟ୍ରେସନ କରିଥିଲେ। ବିଳମ୍ବିତ ହେଲେ ମଧ୍ୟ ଗତ ଚାରିପାଞ୍ଚ ଦିନ ହେବ ଚାଷୀମାନଙ୍କ ପାଖକୁ ଧାନ ବିକ୍ରୟ ନିମନ୍ତେ ଟୋକନ ଆସିଛି। କିନ୍ତୁ ଟୋକନ୍ ବହୁତ କମ୍ ଚାଷୀଙ୍କୁ ମିଳିଛି। ଚଳିତ ବର୍ଷ ମଣ୍ଡି ଆରମ୍ଭ ହେବାରେ ବହୁତ ବିଳମ୍ବ ହୋଇଛି। ତେଣୁ ଚାଷୀମାନେ ଧାନ ବିକ୍ରୟ ପାଇଁ ଟୋକନ୍‌କୁ ଚାହିଁ ବସିଛନ୍ତି। ଯେତିକି ଚାଷୀକୁ ଟୋକେନ ଆସିଛି, ତାହା ମଧ୍ୟ ଜମି ପରିମାଣ ଅନୁଯାୟୀ ନୁହେଁ। ଏପଟେ ଜେତେଜଣ ଭାଗଚାଷୀ ଭାଗଚାଷ ପାଇଁ ଆବଶ୍ୟକୀୟ କାଗଜପତ୍ର ସହ ଫର୍ମ ପୂରଣ କରି ଧାନ ବିକ୍ରୟ ନିମନ୍ତେ ଆବେଦନ କରିଥିଲେ, ସେମାନଙ୍କର ନାମ ସମ୍ପୂର୍ଣ୍ଣ ଭାବେ ରେଜିଷ୍ଟ୍ରେସନରୁ ବାଦ୍ ଦିଆଯାଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଭାଗଚାଷୀ ମାନଙ୍କର ସତ୍ୟାସତ୍ୟ ଜାଣିବା ପାଇଁ ଅମିନ, ଆର୍‌ଆଇ ମାନଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇ ବିଭାଗକୁ ତଥ୍ୟ ଯୋଗାଇ ଦିଆଯାଇଥିଲା। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ କେତେକ ଜମି ମାଲିକ ମାନଙ୍କୁ ଭାଗଚାଷ ବିଷୟରେ ସଠିକ ତଥ୍ୟ ଜାଣିବା ପାଇଁ ଫୋନ କଲ ଦ୍ୱାରା ମଧ୍ୟ ତଥ୍ୟ ମଗାଯାଇଥିଲା। ତଥାପି ଭାଗଚାଷୀ ମାନଙ୍କର ନାମ ରେଜିଷ୍ଟ୍ରେସନରୁ ବାଦ ଦିଆଯାଇଛି। ଏଣୁ ଭାଗଚାଷୀ ମାନେ ଧାର କରଜ କରି ଯେଉଁ ଚାଷ କରିଛନ୍ତି, ସେହି ଅମଳ ଧାନ କେଉଁଠାରେ ବିକ୍ରୟ କରିବେ ଏବଂ କିପରି ଋଣ ପରିଶୋଧ କରିବେ ସେହି ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେମାନଙ୍କୁ ଧାନ ବିକ୍ରୟ କରିବାର ବ୍ୟବସ୍ଥା କରାନଗଲେ ସେମାନେ ବାଧହୋଇ ବେପାରୀ ମାନଙ୍କୁ ୧୫ ଶହ ଟଙ୍କାରେ ଧାନ ବିକ୍ରି କରିବେ। ସମାଧାନ ନହେଲେ ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଆସି ବ୍ୟାପକ ଆନ୍ଦୋଳନ କରିବାକୁ ବାଧହେବେ ବୋଲି ଆଜିର ପ୍ରଦାନ କରାଯାଇଥିବା ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଯେତେବେଳେ ସମସ୍ତ ଚାଷୀ ଡିଆର୍‌ସିଏସ, ଏଆରସିଏସ ଏବଂ ସିଏସଓଙ୍କୁ ଭେଟି ଏହି ବିଷୟ ନେଇ ଆଲୋଚନା କରିଥିଲେ ସେତେବେଳେ ବ୍ଲକ ଏବଂ ଜିଲ୍ଲା ସ୍ତରରେ ଯେଉଁ ମାନେ ପଞ୍ଜିକରଣ କରିଛନ୍ତି, ସେହି ସମସ୍ତ କାଗଜପତ୍ର ରାଜ୍ୟ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଥିବା କୁହାଯାଇଥିଲା। ଏ ନେଇ ତାଙ୍କ ହାତରେ କିଛି ନାହିଁ ବୋଲି ନବରଙ୍ଗପୁର ଡିଆର୍‌ସିଏସ ସଦାନନ୍ଦ ବେହେରା କହିଥିବା ଚାଷୀ ବୈଦ୍ୟନାଥ ଦାଶ ସୂଚନା ଦେଇଛନ୍ତି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ବିଶିଷ୍ଟ ଚାଷୀ ବୈଦ୍ୟନାଥ ଦାଶଙ୍କ ସମେତ କାଶୀ ନାଥ ଦାଶ, କବିରାଜ ସ୍ୱାଇଁ, ସନ୍ତୋଷ ପରିଡ଼ା, ଅରୁଣ କୁମାର ଦାସ, ଡମ୍ବୁ ଦିଶାରୀ, ହରେକୃଷ୍ଣ ଦାସ, ଶିବରାମ ଦାସ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ● ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅସ୍ଥାୟୀ କର୍ମଚାରୀଙ୍କ ଧାରଣା ଜାରି

## ସ୍ଥାୟୀତ୍ୱ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଅଭିଯୋଗ

**ଜୟପୁର, ୩୦।୧୨(ସମିସ) :** ଜୟପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିନରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କ ପକ୍ଷରୁ ଗତକାଲି ଠାରୁ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଆଜି ୨ୟ ଦିବସରେ ମଧ୍ୟ ଧାରଣା ଜାରି ରହିଥିଲା ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଅସ୍ଥାୟୀ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଧାରଣାରତ ଅସ୍ଥାୟୀ କର୍ମଚାରୀ ମାନେ ଦାବି କରିଛନ୍ତି। ଏହିପରି ଆସନ୍ତା ବୁଧବାର ସୁଦ୍ଧା ସମସ୍ତ ବିଭାଗର ଜୟପୁର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ତଥା ସର୍କଲ କାର୍ଯ୍ୟାଳୟ ଅଧିନରେ ରହିଥିବା ସମସ୍ତ ଡିଭିଜନ ଓ ସବ୍ ଡିଭିଜନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଏହି କର୍ମଚାରୀ ମାନଙ୍କୁ ସମସ୍ତ ବିବରଣୀ ଏବଂ କାଗଜପତ୍ର ପ୍ରାପ୍ତ ହେଲେ ତୁରନ୍ତ ଏହାକୁ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଦାଖଲ କରାଯିବ ବୋଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବିଶ୍ୱନାଥ ମରାଣ୍ଡି ପ୍ରକାଶ କରିଛନ୍ତି। ଗତକାଲି ଠାରୁ ନିଖିଳ ଓଡ଼ିଶା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଠିକା କର୍ମଚାରୀ ଜୟପୁର ସର୍କଲ ପକ୍ଷର ଜୟପୁର ସ୍ଥିତ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ଦେଇଥିଲେ। ଏହିପରି ଅସ୍ଥାୟୀ ତଥା ଠିକା କର୍ମଚାରୀଙ୍କ ଅଭିଯୋଗ ଯେ ନିଖିଳ ଓଡ଼ିଶା ରାସ୍ତା ଓ ଗୃହ ନିର୍ମାଣ ଠିକା ଶ୍ରମିକ ସଂଘ ପକ୍ଷରୁ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ଏବଂ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଏହି କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଏଥିନେଇ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିନେଇ ସମସ୍ତ ଅସ୍ଥାୟୀ କର୍ମଚାରୀ ବିବରଣୀ ଓ କାଗଜପତ୍ର ପ୍ରଦାନ କରିବାକୁ ଜୟପୁର ସର୍କଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସର୍କଲ କାର୍ଯାଳୟ ପକ୍ଷରୁ ଏଥିନେଇ କୌଣସି ବ୍ୟବସ୍ଥା କରାଯାଇନଥିବା ନେଇ ଅସ୍ଥାୟୀ କର୍ମଚାରୀ ମାନେ ଧାରଣା ଆରମ୍ଭ କରିଛନ୍ତି। ଏହି ଧାରଣାରେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ସତୀଶ ଚନ୍ଦ୍ର ନାୟକ, ତିରୁପତି ନାୟକ, ଜି. ରାମାରାଓ, ସଞ୍ଜୟ ବେହେରା, ଅଜୟ କୁମାର ବିଶ୍ୱାଳ. ସୁଧିର ପଣ୍ଡା ପ୍ରମୁଖ ସାମିଲ ହୋଇଛନ୍ତି।



## ବିଧାନସଭା ମଣ୍ଡଳୀସ୍ତରୀୟ ଅଟଳ ସ୍ମୃତି ସମ୍ମିଳନୀ

**ତେନ୍ତୁଳିଖୁଣ୍ଟି, ୩୦।୧୨(ସମିସ):** ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପ ସ୍ଥିତ ସ୍ଥାନୀୟ ଅଫିସର୍ସ କ୍ଲବ୍ ପରିସରରେ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଅଟଳ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଡାକ୍ତର ଡ. ପ୍ରଦୀପ୍ତ କୁମାର ପ୍ରହରାଜ ଯୋଗଦେଇ ବାଜପେୟୀଙ୍କ ସଂଘର୍ଷର କାହାଣୀ ବିସ୍ତୃତ ଭାବରେ ବର୍ଣ୍ଣନା କରି ଦେଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଶୋଇ, ଅନ୍ୟତମ ଅତିଥି ଭାବେ ତେନ୍ତୁଳୀଖୁଣ୍ଟି ବ୍ଲକ ଅଧକ୍ଷା, ଉପାଧକ୍ଷ ରାଜେନ୍ଦ୍ର ବିଶୋଇ, ବିଜେପି ଜିଲ୍ଲା ସମ୍ପାଦକ ଅଚ୍ୟୁତାନନ୍ଦ ବିଶୋଇ, ଦେବଦାସ ମାହାଙ୍କୁଡ, ତେନ୍ତୁଳିଖୁଣ୍ଟି ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ନନ୍ଦାହାଣ୍ଡି ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଶୋଇ, ବରଣ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ପାର୍ଥ ବୀରେନ୍ଦ୍ର ପୂଜାରୀ, ମାନସରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଜୋନ ୨ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ, ମଣ୍ଡଳ ସାଧାରଣ ସମ୍ପାଦକ ବାବୁଲା ନାୟକ, ଚନ୍ଦ୍ର ଶେଖର ଦଳେଇ, ମହେଶ୍ୱର ଦଳେଇ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।




## ତୀର୍ଥଯାତ୍ରା ବେଳେ ଛାତ୍ରଙ୍କ ଅକାଳ ବିୟୋଗ

**ନନ୍ଦପୁର, ୩୦।୧୨(ସମିସ):** ଚଳିତ ମାସ ୨୫ ତାରିଖରେ କୋରାପୁଟ ଜିଲ୍ଲା ଅନ୍ତର୍ଗତ ନନ୍ଦପୁର ବ୍ଲକ ଓଡ଼ିଶା ଆନ୍ଧ୍ର ସୀମାନ୍ତ ଗୋଲୁରୁ ଗ୍ରାମପଞ୍ଚାୟତ ସଦର ଗ୍ରାମର ରାମ ସ୍ୱାମୀ ଖୁଡ଼ା ନିଜ ପୁଅ ପ୍ରସନ୍ନ କୁମାର ଖୁଡ଼ାଙ୍କୁ ନେଇ ଗ୍ରାମବାସୀଙ୍କ ସହ ଏକ ବସ୍ ଯୋଗେ ରାମ ଲାଲାଙ୍କ ଦର୍ଶନ ପାଇଁ ଅଯୋଧ୍ୟା ଯାଇଥିଲେ। ସେଠାରୁ ସେମାନେ ପ୍ରୟାଗରାଜ ବୁଲିବାକୁ ଆସିଥିଲେ। ତେବେ ୨୯ ତାରିଖ ରାତିରେ ବସ୍‌ରେ ଶୋଇଥିବା ବେଳେ ପ୍ରସନ୍ନଙ୍କ ଅକାଳ ବିୟୋଗ ଘଟିଛି। ସେ ଅଚେତ ଥିବା ଦେଖି ତାଙ୍କୁ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରୟାଗରାଜ ପ୍ରଶାସନର ସହଯୋଗ ରେ ଏକ ଆମ୍ବୁଲାନ୍ସ ଯୋଗେ ଶବ ନେଇ ସେ ଗାଁକୁ ଆସୁଛନ୍ତି। ମୃତ ପ୍ରସନ୍ନ ଖୁଡ଼ା ନନ୍ଦପୁର ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀର ଛାତ୍ର ଥିଲେ। ସେ ପିତାମାତାଙ୍କର ଏକମାତ୍ର ପୁଅ ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।



## ବିଜେପି ଜିଲ୍ଲା କମିଟି ଗଠନ

**କୋରାପୁଟ, ୩୦।୧୨(ସମିସ):** ଭାରତୀୟ ଜନତା ପାର୍ଟି କୋରାପୁଟ ଜିଲ୍ଲା କମିଟି ଗଠନ କରାଯିବା ସହ ପଦାଧିକାରୀ ମାନଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା ସଭାପତି ଶିବ ମୁଦୁଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ନାମ ଘୋଷଣା କରିଛନ୍ତି। ଏଥିରେ ମାଧୁରୀ ପ୍ରଧାନ, ସୁକାନ୍ତି ନାୟକ, ରାମେଶ୍ୱର ଜେନା, ଏସ କରଣ, ରାଜ ସିଂ, ସୁଧାଂଶୁ ଶେଖର ଜେନା, ରାଧେଶ୍ୟାମ ପରିଡ଼ା, ରବିଚନ୍ଦ୍ର ପାଢ଼ୀ ୮ ଜଣ ଉପ ସଭାପତି, ଚୈତନ୍ୟ ହନ୍ତାଲ, ଉଦୟ ହିକକା, ଚନ୍ଦ୍ରଶେଖର ରଥ ସାଧାରଣ ସମ୍ପାଦକ, ତ୍ରିନାଥ ପଣ୍ଡା କୋଷାଧ୍ୟକ୍ଷ ଏବଂ ଦୁର୍ଗା ପ୍ରସାଦ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, ଅଗସ୍ତି ହାଲବା, ଏ. ସଞ୍ଜୁ ବିଡିକା, ଏମ.ଗଙ୍ଗାମା ମାଝୀ, ସନ୍ତୋଷିନୀ ଜେନା, ସୁରମା ନାୟକ ଏବଂ ବିଶ୍ୱ ତ୍ରିପାଠୀ ପ୍ରମୁଖ ୮ ଜଣ ସମ୍ପାଦକଙ୍କ ନାମ ଘୋଷଣା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ନଗର ବିଜେପି ସଭାପତି ୱାଇ ସତ୍ୟ ନାରାୟଣ ଉପସ୍ଥିତ ଥିଲେ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ ଓ କୋରାପୁଟ ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ଭାବେନ୍ଦ୍ର କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଦାଧିକାରୀ ନିଯୁକ୍ତ କରାଯାଇଛି। କୋରାପୁଟ ବିଧାୟକଙ୍କ ବାସଭବନ ଠାରେ ଜିଲ୍ଲା ବିଜେପି ସଭାପତି ପଦାଧିକାରୀଙ୍କ ନାମ ଘୋଷଣା କରିଥିଲେ। ଜିଲ୍ଲା ସଂଗଠନ କମିଟିରେ ସଭାପତିଙ୍କୁ ମିଶାଇ ୨୧ ଜଣ ପଦାଧିକାରୀ ରହିଛନ୍ତି। ଏହି କମିଟିରେ ୭୦ ଜଣ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଓ ସଦସ୍ୟା ରହିବେ। କାର୍ଯ୍ୟକାରୀ ପରିଷଦର ସଦସ୍ୟ ଓ ସଦସ୍ୟା ମାନଙ୍କୁ ଖୁବ ଶୀଘ୍ର ଚୟନ କରାଯିବ ବୋଲି ସଭାପତି ଶ୍ରୀ ମୁଦୁଲି କହିଛନ୍ତି।



## ଜଙ୍ଗଲ ଜମି ପଟା ବାଣ୍ଟିଲେ ଅଧିକାରୀ

**କୋରୁକୋଣ୍ଡା, ୩୦।୧୨(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଡୁଡ଼ାମେଟା ଗ୍ରାମପଞ୍ଚାୟତର ଡୁଟେଲଗୁଡ଼ା ଗାଁରେ ଡୁଟେଲଗୁଡ଼ା ଜଙ୍ଗଲ ଗାଁକୁ ଜଙ୍ଗଲ ଅଧିକାର ଆଇନ ୨୦୦୬ ସଂଶୋଧନ ନିୟମ ବଳୀ ୨୦୧୨ ଅନୁସାରେ ୫୨ ପରିବାରକୁ ୧୫୬ଟି ଜମିର ପଟା ବଣ୍ଟନ କରାଯାଇଛି। ୫୨ଟି ପରିବାରର ପ୍ଲଟ ସଂଖ୍ୟା ୨୧୫। ତେଣୁ ୫୯ଟି ପ୍ଲଟର ପଟ୍ଟା ମିଳିନାହିଁ। କିଛି ଦିନ ଭିତରେ ଅବଶିଷ୍ଟ ୫୯ଟି ପଟ୍ଟା ପ୍ରଦାନ କରିବା ନିମନ୍ତେ ମାଲକାନଗିରି ଜିଲ୍ଲା ରେଞ୍ଜର ରମେଶ ରାଉତ କଥା ଦେଇଛନ୍ତି। ଏହି ଅବସରରେ କୋରୁକୋଣ୍ଡା ଫରେଷ୍ଟର ଜ୍ୟୋତି ଡୁଙ୍ଗଡୁଙ୍ଗ, ସମାଜସେବୀ ଭୀଷ୍ମ ପାଙ୍ଗି ଜଙ୍ଗଲ ଅଧିକାର କମିଟି ସମ୍ପାଦକ ଡୁଟେଲଗୁଡ଼ା, ସମରା ଗୋଲାରି ଜଙ୍ଗଲ ଅଧିକାର କମିଟି ଡୁଟେଲଗୁଡ଼ା, ମାଧବ ମାଡ଼ି ସରପଞ୍ଚ ଡୁଡ଼ାମେଟା ଗ୍ରାମ ପଞ୍ଚାୟତ, ସବିତା ଦାସ୍ ସମିତି ସଭ୍ୟା ଡୁଡ଼ାମେଟା, ଡୁଡାମେଟା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ପଦିଆ ମାଡକାମି, କାମୱାଡା ପୂର୍ବତନ ସରପଞ୍ଚ କାମୱାଡାମୁକା, ବିକାଶ ପଡ଼ିଆମି ୱାର୍ଡ ସଭ୍ୟ ଚେରିଗୁଡ଼ା, ଧବୁଲୁ ପାଙ୍ଗି ନାୟକ ଡୁଟେଲଗୁଡ଼ା, ଦୁଟେଲ ଗୁଡା ୱାର୍ଡ ସଭ୍ୟା ପଦ୍ମା ଖିଲଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହିଥିଲେ।



## ଚର୍ଚ୍ଚକୁ ଆସବାବପତ୍ର ଦେଲେ କିନ୍ନର ମହାସଂଘ

**ଉମରକୋଟ ୩୦।୧୨(ସମିସ):** ନବରଙ୍ଗପୁର ଜିଲ୍ଲା କିନ୍ନର ମହାସଂଘ ପକ୍ଷରୁ ଉମରକୋଟ ଜେଇଏଲସି ଚର୍ଚ୍ଚକୁ ଚଳିତ ଖ୍ରୀଷ୍ଟମାସ ପର୍ବ ଉପଲକ୍ଷେ ୧୨ଟି ନୂତନ ପ୍ଲାଷ୍ଟିକ ଚୌକି, ଗୋଟିଏ କାନ୍ଥଘଣ୍ଟା ଏବଂ କିଛି ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ଏହି ଅବସରରେ କିନ୍ନର ସଂଘର ଜିଲ୍ଲା ସଭାପତି ସୁଶ୍ରୀ କାଜଲ, ସମ୍ପାଦକ ସୁଶ୍ରୀ ଚୁମୁକିଙ୍କ ସମେତ ଉପସ୍ଥିତ ଜିଲ୍ଲାର ପ୍ରାୟ ୧୦ଟି ବ୍ଲକରୁ ଆସିଥିବା ଅନ୍ୟାନ୍ୟ କିନ୍ନର ବୈଦି, ବର୍ଷା, ଶ୍ରୁତି, ଇପ୍ସିତା, ତନୁଜା, କୁନି, ଡମଣି, ରାଧା, ସୁବର୍ଣ୍ଣା, କବିତା, ଶିବାନୀ, ଅନିତା, ଲକ୍ଷ୍ମୀ, ପ୍ରୀତିଙ୍କୁ ଚର୍ଚ୍ଚ କମିଟି ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଉମରକୋଟର ବରିଷ୍ଠ ସରକାରୀ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ସ୍ଥାନୀୟ ଚର୍ଚ୍ଚ ପରିଚାଳକ ପାଷ୍ଟର ବିଭୁତି ଭୁଷଣ ପାଣି, ପ୍ରାଚିନ ମୋହନ ନାୟକ, ଫିରୋଜ ଖୋରା, ଖ୍ରୀଷ୍ଟ ଚନ୍ଦ୍ର ଟାକ୍ରୀ, ସଭାପତି ମିତା ଖରା, କୋଷାଧକ୍ଷ ଅରୁଣ ନାୟକ, ଉପ ସଭାପତି ଶରତ ଦଳାଇ ତଥା ଉମରକୋଟ ଜେଇଏଲସିଚର୍ଚ୍ଚର ଅନେକ ଖ୍ରୀଷ୍ଟ ଧର୍ମାବଲାମ୍ବୀ ମାନେ ଉପସ୍ଥିତ ଥିଲେ। ସେହିଭଳି ବିଭିନ୍ନ ସମୟରେ ଜିଲ୍ଲା କିନ୍ନର ସଙ୍ଘ ତରଫରୁ ସଭ୍ୟ ମାନଙ୍କ ଦ୍ୱାରା ବିଭିନ୍ନ ପୂଜା ମଣ୍ଡପ ମାନଙ୍କୁ ଅନୁଦାନ ଏବଂ ରକ୍ତଦାନ ଭଳି ମହତ କାର୍ଯ୍ୟ କରୁଥିବା ଯୋଗୁଁ ସାଧାରଣରେ ପ୍ରଶଂସା କରାଯାଇଛି।



## ଦଶମନ୍ତପୁର ବ୍ଲକ କଂଗ୍ରେସ କମିଟି ବୈଠକ

**ପୋଡ଼ାଗଡ଼, ୩୦।୧୨(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ କଂଗ୍ରେସ କମିଟିର କର୍ମୀ ମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ଦଳେଇ ଓ ସୁନାମ ପାତ୍ର କନ୍ଦପାନଙ୍କ ନେତୃତ୍ୱରେ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ଚୟନ ନିମନ୍ତେ ଏହି ବୈଠକ କରାଯାଇଥିଲା। ବ୍ଲକ ସାଧାରଣ ସମ୍ପାଦକ ମୋହନ ପାତ୍ର ହିଆଲ୍‌କୁ ସଭାପତି ପାଇଁ ଚୟନ କରାଯାଉ ଥିବା ଜାଣି ତାହାକୁ ବିରୋଧ କରି ବ୍ଲକର ସମସ୍ତ ନିର୍ବଚତ ପ୍ରତିନିଧି ଓ କଂଗ୍ରେସ କର୍ମୀ ପୋଡ଼ା ଗଡ଼ ନିକଟ ଅଞ୍ଚଳଗୁଡ଼ାରେ ଏକ ବୈଠକ କରି ତାହାଙ୍କୁ ବିରୋଧ କରିଥିଲେ। ସମସ୍ତ କର୍ମୀଙ୍କୁ ନେଇ ଏକ ଯୁବକକୁ ସଭାପତି କରିବା ନିମନ୍ତେ ନିଷ୍ପତି ନେଇ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଓ ରାଜ୍ୟ କଂଗ୍ରେସ କମିଟିର ସଭାପତିଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ ନିମନ୍ତେ ସମସ୍ତ କର୍ମୀଙ୍କ ଦସ୍ତଖତ କରିଥିବା ଦେଖିବାକୁ ମିଳିଥିଲା। ଏହି ବୈଠକରେ ଉପସ୍ଥିତ ଥିଲେ ବରିଷ୍ଠ କଂଗ୍ରେସ ନେତା ତଥା ସାଂସଦଙ୍କ ପୂର୍ବତନ ପ୍ରତିନିଧି ବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ହୂଇକା, ଜିଲ୍ଲା ପରିଷଦ ସଭ୍ୟ ଜୋନ ୧ ଧନାପତି ଶାଉନ୍ତା, ଜୋନ ୨ ଜିଲ୍ଲା ପରିଷଦ ସଭ୍ୟା ଲଳିତା ଜାନି, ଏ ମାଲକାନଗିରି ସରପଞ୍ଚ କୁମୁଟି ଜାନି ଯୁବ ନେତା ଦେବେନ୍ଦ୍ର କୁଲଦୀପ, ଶରତ କନ୍ଦ ପାନ, ସିଧୁ କୁଲଦୀପ, ସଲମାନ ବେନିଆ ସମିତି ସଭ୍ୟ ଗିରିଲି ଗୁମା ଦୁକୁ ବେନିଆ, ସୁବାଷ ଚନ୍ଦ୍ର ରା. ମନୋଜ ମାଧବ ଚେଟି ଧନୁର୍ଜୟ ଖୋସଲା, ଲିନଥ କୁଲଦୀପଙ୍କ ସମେତ ବ୍ଲକର ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ଜିଲ୍ଲା ମିଲ୍ ମାଲିକ ସଂଘର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

# ଦାବି ପୂରଣ ନ ହେଲେ ୫ରୁ କଷ୍ଟମ ମିଲିଂ ଧାନ ଗ୍ରହଣ ବନ୍ଦ

**ଜୟପୁର, ୩୦।୧୨(ସମିସ)**

୪ ଦଫା ଦାବି ତୁରନ୍ତ ପୂରଣ ନ କରିଲେ ଆସନ୍ତା ଜାନୁୟାରୀ ୫ ତାରିଖରୁ ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଠାରୁ କ୍ରୟ ହୋଇଥିବା ଧାନ କଷ୍ଟମ ମିଲିଂ ପାଇଁ ଗ୍ରହଣ କରିବେ ନାହିଁ ବୋଲି ଏକ ସ୍ମାରକପତ୍ର ମାଧ୍ୟମରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି କୋରାପୁଟ ଜିଲ୍ଲା ମିଲ୍ ମାଲିକ ସଂଘ। ଏଥିରେ ମୁଖ୍ୟତଃ କଷ୍ଟମ ଧାନର ମିଲିଂ ଦେୟ ବୃଦ୍ଧି, କଷ୍ଟମ ଧାନ ଓ ଚାଉଳର ରକ୍ଷଣାବେକ୍ଷଣ ଦେୟ ପ୍ରଦାନ, ଧାନ ଓ ଚାଉଳ ପରିବହନ ମୂଲ୍ୟ ବୃଦ୍ଧି, କଞ୍ଚାଧାନ ବଦଳରେ ଶୁଖିଲା ଧାନ କଷ୍ଟମ ମିଲର୍ସଙ୍କୁ ପ୍ରଦାନ ଦାବି ରହିଛି। ଏହି ଦାବି ଗୁଡ଼ିକ ନେଇ ଧାନ ମଣ୍ଡିରେ ମିଲ ମାଲିକ ମାନେ ଯୋଗଦେବା ପୂର୍ବରୁ ଜିଲ୍ଲା ପ୍ରଶାସନକୁ ଏଥିନେଇ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିନଥିବା ଯୋଗୁଁ ମିଲ ମାଲିକ ସଂଘର ଏକ ଜରୁରୀ ବୈଠକ ମାଧ୍ୟମରେ ନିଷ୍ପତି ଗ୍ରହଣ କରାଯାଇ ଏହି ଦାବି ପତ୍ର ପ୍ରଦାନ କରାଯାଇଥିବା ନେଇ ସଂଘର ସଭାପତି ବି. ତିରୁପତି ରାଓ ଏବଂ ସମ୍ପାଦକ ଗୋପାଳ ପଣ୍ଡା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ମିଲ ମାଲିକ ସଂଘ ପକ୍ଷରୁ ଗତ ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକା ସ୍ମାରକପତ୍ର ପ୍ରଦାନ କରାଯାଇ ସରକାରଙ୍କ ଦ୍ୱାରା ନିଯୁକ୍ତ କ୍ରୟକାରୀ ସଂସ୍ଥା ପକ୍ଷରୁ ମଣ୍ଡିକୁ ଧାନ ବିକ୍ରି ପାଇଁ ଆସୁଥିବା ଏଫଏକ୍ୟୁ ମାନର ଧାନ କ୍ରୟ କରାଯିବା ସହିତ ଏହାକୁ କଷ୍ଟମ ମିଲର୍ସଙ୍କୁ ପ୍ରଦାନ କରିବା, ଚାଷୀ ମାନେ ମଣ୍ଡିକୁ ଧାନ ବିକ୍ରି ନିମନ୍ତେ ଆଣୁଥିବା ଫସଲମଣ୍ଡି ପରିଚାଳନା ଦାୟିତ୍ୱରେ ରହିଥିବା ଆଞ୍ଚଳିକ ବଜାର କମିଟି ପକ୍ଷରୁ ପ୍ରଦାନ କରାଯାଉଥିବା ଟାର୍ପଲିନରେ ଢାଳିବା ଏବଂ ଚାଷୀ ଧାନ ଆଣିଥିବା ବସ୍ତାକୁ ଫେରସ୍ତ, ଉକ୍ତ ଧାନକୁ କ୍ରୟକାରୀ ସଂସ୍ଥା ପକ୍ଷରୁ ଏଫଏକ୍ୟୁ ମାନ ନିର୍ଦ୍ଧାରଣ କରିବା ପରେ ଅନ୍ୟ ଏକ ବସ୍ତାରେ ଭର୍ତ୍ତି କରାଯାଇ କଷ୍ଟମ ମିଲର୍ସଙ୍କୁ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ଧାନରେ ଏଫଏକ୍ୟୁ ମାନର ଧାନ କଷ୍ଟମ ମିଲର୍ସଙ୍କୁ ପ୍ରଦାନ କରାଗଲେ ମଣ୍ଡିରେ ଧାନ କ୍ରୟ ଓ ବିକ୍ରୟ ସୁରୁଖୁରରେ ହୋଇପାରିବ ବୋଲି ଲିଖିତ ଭାବେ ପ୍ରଦାନ କରିଥିଲେ।

## ରାମନଗର ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ

**କାଲିମେଳା, ୩୦।୧୨(ସମିସ):** ମାଲକାନଗିରି ଜିଲ୍ଲା ଏମଭି-୭୯ ଗ୍ରାମସ୍ଥିତ ଶାବେରୀ ଖେଳ ପଡ଼ିଆରେ ଗତ ଏକ ସପ୍ତାହରୁ ଅଧିକ ସମୟ ଧରି ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଯାଇଛି। ୬ ଗୋଟି କ୍ରିକେଟ ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ମ୍ୟାଚ ଧୂରନ୍ଧର ଏକାଦଶ ଓ ଷ୍ଟାର ଏକାଦଶ ମଧ୍ୟରେ ହୋଇଥିଲା। ଧୂରନ୍ଧର ଏକାଦଶ ଏକ ତରଫା ଭାବେ ଏହି ମ୍ୟାଚକୁ ଜିତି ଥିବା ଦେଖିବାକୁ ମିଳିଛି। ଏହି ଟୁର୍ନାମେଣ୍ଟରର ଫାଇନାଲ ମ୍ୟାଚ ପୂର୍ବରୁ ପୁରାତନ ଜନଶୁଣା ଖେଳାଳୀ ତଥା ଶାବେରୀ କ୍ରିକେଟ କ୍ଲବର ସଭାପତି ଇଶ୍ୱର ରାଓଙ୍କ ଅକାଳ ବିୟୋଗ ଯୋଗୁଁ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଅନୁଷ୍ଠିତ ମ୍ୟାଚରେ ଧୂରନ୍ଧର ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର୍ ଖେଳି ୧୦୨ ରନ୍ କରିଥିବା ବେଳେ ୧୦୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଷ୍ଟାର ଏକାଦଶ ୮୫ ରନ୍‌ରେ ସୀମିତ ରହିଥିଲା। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଶାବେରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ବିଭୂତି ଚରଣ ସେଠୀ, ବରିଷ୍ଠ କ୍ରିକେଟ ଖେଳାଳି ମାନସ ରଞ୍ଜନ ଜେନା, ରାଜୀବ ମଣ୍ଡଳ, ସୁଜୟ ହାଲଦାର ଅତିଥି ଭାବେ ଯୋଗ ଦେଇ ବିଜୟୀ ଓ ପରାଜିତ ଦଳକୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଛନ୍ତି। ଏହି ଟୁର୍ନାମେଣ୍ଟ ଫାଇନାଲ ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ ସଞ୍ଜୟ ମଣ୍ଡଳ ଏବଂ ବେଷ୍ଟ ଟୁର୍ନାମେଣ୍ଟ ଅଫ୍ ଖେଳାଳି ସଞ୍ଜୟ ବାଞ୍ଚାମି ହୋଇଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରିଥିଲେ ସଞ୍ଜୀବ ହାଲଦାର, ଇନ୍ଦ୍ରଜିତ ସରକାର, ତୁଷାର ମଣ୍ଡଳ, ବିଶ୍ୱଜିତ ମଣ୍ଡଳ, ଅବିନାଶ ମଣ୍ଡଳ, ବିଟୁ ବିଶ୍ୱାସଙ୍କ ସମେତ ଶାବେରୀ କ୍ରିକେଟ୍ କ୍ଲବର ସମସ୍ତ ସଦସ୍ୟ।



# ସମ୍ପାଦକୀୟ



କେହି ରହିନାହିଁ ରହିବେ ନାହିଁ ଏ ଭବରଙ୍ଗ ଭୂମି ତଳେ, ସର୍ବେ ନିଜନିଜ
ଅଭିନୟ ସାରି ବାହୁଡ଼ିବେ କାଳ ବଳେ

- କବିବର ରାଧାନାଥ ରାୟ

ସକାଳ
THE SAKALA

## ପଚିଶର ପୁନରାବଲୋକନ

ହସ-କାନ୍ଦ, ମିଳନ-ବିଚ୍ଛେଦ, ଆଶ୍ୱାସନା-ପ୍ରତାରଣା, ହର୍ଷ-ଉଲ୍ଲାସ, ସଫଳ-ବିଫଳ, ଆଶା-ନିରାଶା, ଲାଭ-କ୍ଷତି, ନ୍ୟାୟ-ଅନ୍ୟାୟର ଅଧ୍ୟାୟକୁ ସମୟର ଇତିହାସ ପୃଷ୍ଠାରେ ଲେଖିଦେଇ ଦୁଇହଜାର ପଚିଶ ଏବେ ଅସ୍ତାଚଳମୁଖୀ। ପ୍ରତିଟି ଅଧ୍ୟାୟର ଚର୍ଚ୍ଚା ସରିଛି ଏବଂ ଭବିଷ୍ୟତରେ ଚର୍ବିତଚର୍ବଣର ଅବକାଶ ସୃଷ୍ଟି ହୋଇଛି। ତେଣୁ ବର୍ଷାନ୍ତରର ବାକି ଥିବା ମୁହୂର୍ତ୍ତମାନଙ୍କରେ ସେ ବିଷୟରେ ଅଧିକ ଆଲୋଚନା ନ କରି ବରଂ ସେଥିରୁ ମିଳିଥିବା ଶିକ୍ଷା ଓ ଅଭିଜ୍ଞତାକୁ କିଭଳି ଭବିଷ୍ୟତରେ ଉପଯୋଗ କରାଯାଇପାରିବ ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା ଅଧିକ ପ୍ରାସଙ୍ଗିକ ହେବ।

ଅନ୍ତର୍ଜାତୀୟସ୍ତରରୁ ଆରମ୍ଭ କରି ଆଞ୍ଚଳିକ ପର୍ଯ୍ୟନ୍ତ ରାଜନୀତିରେ ଅନେକ ଅପ୍ରତ୍ୟାଶିତର ମୂକସାକ୍ଷୀ ହୋଇସାରିଛି ଦୁଇହଜାରପଚିଶ। ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଆତୁରତା କିଭଳି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ସୃଷ୍ଟି କରିଛି ଏବଂ ମାତ୍ରାଧିକ ଶୁଳ୍କ ବୃଦ୍ଧି ବିଶ୍ୱର ବାଣିଜ୍ୟ-ଅର୍ଥନୀତିକୁ ବିପନ୍ନ କରିଛି ତାହା ପ୍ରମାଣିତ ହୋଇଛି। ଇରାନ-ଇସ୍ରାଏଲ୍‌ର ଅହେତୁକ ଯୁଦ୍ଧ କେବଳ ଧନଜୀବନ ହାନିରେ ସମାପ୍ତ ହୋଇଛି। ଧର୍ମାନ୍ଧ ଆତଙ୍କବାଦ ଆହୁରି କାୟାବିସ୍ତାର କରି ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ ବ୍ୟାପିଚାଲିଛି। ପ୍ରକୃତିର କୋପ ଆଗରେ ଆମେରିକା ଭଳି ସର୍ବଶକ୍ତିମାନ ରାଷ୍ଟ୍ର ମଧ୍ୟ କିଭଳି ବିବଶ ତାହା ମଧ୍ୟ ପ୍ରମାଣିତ ହୋଇଛି। ଜଳବାୟୁ ପରିବର୍ତ୍ତନ ସଙ୍କଟର ପଞ୍ଝାରୁ ଉତ୍ତରବିଶ୍ୱ ମଧ୍ୟ ସୁରକ୍ଷିତ ନୁହେଁ, ସେହି ଚେତାବନୀ ଦେଇଛି ଦୁଇହଜାର ପଚିଶି। ତେଣୁ ବିକଶିତ ଓ ଧନୀ ଦେଶମାନେ ଅକ୍ଷୟଶକ୍ତିର ବିକାଶ ଲାଗି ବିଶ୍ୱ ନେତୃତ୍ୱ ନେବା ସହିତ ପରିବେଶ ପାଣ୍ଠିକୁ ଅଧିକ ଦୃଢ଼ କରିବା ଦିଗରେ ଆହ୍ୱାନ ସୃଷ୍ଟି ହୋଇଛି। ଅଥଚ କୋପ୍‌୩୦ର ନିଷ୍ଫଳ ନିଷ୍କର୍ଷରେ ସମାପ୍ତ ହୋଇଛି।

ଭାରତ ପାଇଁ ଦୁଇହଜାରପଚିଶ ଥିଲା ଅନେକ ଅବାଞ୍ଛିତ ଓ ମର୍ମନ୍ତୁଦ ଘଟଣାର ମୂକସାକ୍ଷୀ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ପାଲଟା ଜବାବରେ 'ଅପରେସନ୍ ସିନ୍ଦୂର'ର ପ୍ରତିକ୍ରିୟାରେ ପାକିସ୍ତାନ ପଟୁ ଆଣବିକ ଯୁଦ୍ଧର ଆଶଙ୍କା ଏବଂ ଚୀନ୍ ଓ ତୁର୍କୀର ପାକିସ୍ତାନକୁ ସାମରିକ ସହାୟତା, ଆମେରିକାର ମଧ୍ୟସ୍ଥିରେ ଯୁଦ୍ଧବିରତିର ଆତ୍ମପ୍ରଚାର ଆଦି ଅନେକ ଦିନ ପର୍ଯ୍ୟନ୍ତ ଚର୍ଚ୍ଚିତ ହୋଇରହିବ। ଭାରତର ରାଜନୀତି ମଧ୍ୟ ୨୦୨୫ରେ ଅନେକ ମାତ୍ରାରେ ସରଗରମ ହୋଇ ରହିଥିଲା। ମାଗଣା ଯୋଜନା କିଭଳି ନିର୍ବାଚନକୁ ପ୍ରଭାବିତ କରିପାରେ ତାହା ବିହାର ବିଧାନସଭା ନିର୍ବାଚନରୁ ପୁଣି ଥରେ ପ୍ରମାଣିତ ହୋଇଥିଲା ବେଳେ 'ଭୋଟ ଚୋରି', 'ଏସ୍‌ଆଇଆର' ବିବାଦ ଭାରତୀୟ ଗଣତନ୍ତ୍ର ପାଇଁ ନୂଆ ଆହ୍ୱାନ ଆଣିଥିଲା। ୨୦୨୫ 'ବନ୍ଦେ ମାତରମ୍'ର ରଚନାର ୧୫୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏହାକୁ ନେଇ ବିତର୍କ ଆଳରେ ଆରୋପ ପ୍ରତ୍ୟାରୋପ ସଂସଦୀୟ ଇତିହାସରେ ଏକ ଅବାଞ୍ଛିତ ଫର୍ଦ୍ଦ ଲେଖିଦେଇଗଲା। ବର୍ଷର ଶେଷ ଭାଗରେ 'ଏମ୍‌ନରେଗା'ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା, ଶ୍ରମ ସଂହିତା ପ୍ରଚଳନ, ଆରାବଳୀର ସଂଜ୍ଞା ପରିବର୍ତ୍ତନ ଆଦି ବିବାଦୀୟ ପ୍ରସଙ୍ଗ ଜାତୀୟ ରାଜନୀତିକୁ ସରଗରମ କରି ରଖିଥିଲା।

ବିଶ୍ୱ ଭୂରାଜନୀତିରେ ପ୍ରଭୁତ୍ୱବାଦ କିଭଳି ଅଯଥା ରକ୍ତପାତ ଓ ନିରୀହ ଜନତାଙ୍କ ବିସ୍ଥାପନ, ଶରଣାର୍ଥୀ ସମସ୍ୟା ବୃଦ୍ଧି କରିପାରେ ତାହା ରୁଷ-ୟୁକ୍ରେନ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧ ଏବଂ ବାଂଲାଦେଶ, ସିରିଆ ଅରାଜକତାରୁ ସୂଚିତ ହେଉଛି। କ୍ଷୁଦ୍ର ଓ ବିକାଶଶୀଳ ରାଷ୍ଟ୍ରମାନେ ଚୀନ୍‌ର ପ୍ରଲୋଭନରୁ ଦୂରେଇ ରହିବା ପାଇଁ ମାଲଦ୍ୱୀପ, ଭୁଟାନ ଓ ଶ୍ରୀଲଙ୍କାକୁ ଉଦାହରଣ ରୂପେ ଆବିର୍ଭାବ ହୋଇଛନ୍ତି। ଯୁଦ୍ଧବିଧ୍ୱସ୍ତ ବିଶ୍ୱ ଅର୍ଥନୀତି ଅସ୍ଥିରତାର କୁହୁଡ଼ି ଭିତରେ କବଳିତ ହୋଇରହିଛି। ଦେଶର ମୋଟ ଘରୋଇ ଉତ୍ପାଦ ବା ଅର୍ଥନୈତିକ ଅଭିବୃଦ୍ଧି ବଢୁଥିବା ବେଳେ ଖାଉଟିମାନେ ଘାଇଲା ହୋଇଛନ୍ତି। ଭାରତର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଶ୍ରୀଲଙ୍କାର ଅର୍ଥନୈତିକ ସଙ୍କଟ ଟଳିଥିବା ବେଳେ ପାକିସ୍ତାନର ଆର୍ଥିକ ଦୁରବସ୍ଥା ଜାରି ରହିଛି ଏବଂ ବାଂଲାଦେଶ ସେହି ଦିଗକୁ ଗତି କରୁଛି। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜନୈତିକ ସ୍ଥିରତା କେତେ ଜରୁରୀ ତାହା ବାଂଲାଦେଶ ଓ ପାକିସ୍ତାନ ଦୃଷ୍ଟାନ୍ତ ହୋଇଛନ୍ତି। ବର୍ଷ ଶେଷ ବେଳକୁ ଭାରତୀୟ ପ୍ରତିଭୂତି ବଜାରରେ ଦ୍ରୁତସ୍ଖଳନ ଦେଖାଦେଇ ନିବେଶକମାନେ ଲକ୍ଷଲକ୍ଷ କୋଟି ଟଙ୍କା ହରାଇଛନ୍ତି। ତେଣୁ ଅତ୍ୟାଶାରୁ ମୂଳନାଶ ଆପ୍ତବାକ୍ୟଟି ପୁଣି ଥରେ ସତ ସାବ୍ୟସ୍ତ ହୋଇଛି।

ଭାରତୀୟନ୍ୟାୟିକ ଇତିହାସରେ ପଚିଶ ଏକ ଅଭୁଲା ଅଧ୍ୟାୟ ଲେଖିଦେଇଯାଇଛି। ଦୀର୍ଘବର୍ଷ ଧରି ବିଚାରାଧୀନ ଥିବା ଅନେକ ଜଟିଳ ମାମଲାର ରାୟ ସମ୍ବିଧାନ ଖଣ୍ଡପୀଠ ଶୁଣାଇଥିବା ବେଳେ ବିଚାରପତିଙ୍କ ଘରୁ ଅଧାପୋଡ଼ା ନଗଦ ଉଦ୍ଧାର, ଅବାଞ୍ଛିତ ରାୟ ଆଦି ଜନମାନସରେ ଗ୍ରହଣୀୟ ହୋଇପାରିନାହିଁ। ପ୍ରଧାନବିଚାରପତିଙ୍କ ଉପରକୁ ଜୋତା ଫୋପାଡ଼ିବା ଉଦ୍ୟମ ମଧ୍ୟ ହୋଇଛି। ଆରାବଳିର ପରିବର୍ତ୍ତିତ ସଂଜ୍ଞା ଗ୍ରହଣ, ଉନ୍ନାଓ ବଳତ୍କାରୀ ବିଧାୟକଙ୍କୁ ଜାମିନ୍ ପ୍ରଦାନ ଓ ଦଣ୍ଡ କୋହଳ ଆଦି ନ୍ୟାୟିକ ବ୍ୟବସ୍ଥାର ନିଷ୍ପକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। ଜନମତର ବିରୋଧାଭାସ ପରେ ଉକ୍ତ ପୁନର୍ବିଚାର ପାଇଁ ପୂର୍ବ ରାୟ ଉପରେ ରହିତାଦେଶ ଜାରି ହୋଇଛି।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପୁଣି ଥରେ ୟୁନେସ୍କୋର ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ମହେନ୍ଦ୍ରଗିରିର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି। ଅପରପକ୍ଷରେ ଉପଯୁକ୍ତ ଭାରପ୍ରାପ୍ତ ଅଧିକାରୀଙ୍କ ସମୟୋପଯୋଗୀ ଯୋଜନା, ଦାୟିତ୍ୱବୋଧ, କଳାଚାତୁରୀ, ସମର୍ପଣ, ସର୍ଜନାତ୍ମକ ଦୃଷ୍ଟିଭଙ୍ଗୀ ଓ କଳାଚାତୁର୍ଯ୍ୟ, କର୍ମନିଷ୍ଠା କିଭଳି ସଫଳତା ଆଣିପାରେ ତାହା ୨୦୨୫ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶାର ଷ୍ଟଲ୍ ସ୍ୱର୍ଣ୍ଣପଦକ ପାଇବାରୁ ପ୍ରମାଣିତ ହୋଇଛି।

ମଧୁର-ତିକ୍ତ ଅଭିଜ୍ଞତା ଓ ତ୍ରୁଟି-ବିଚ୍ୟୁତିରୁ ଶିକ୍ଷା ଲାଭ କରି ଅତୀତର ଅବାଞ୍ଛିତ ମୁହୂର୍ତ୍ତ ଓ ଘଟଣାମାନଙ୍କୁ ଭୁଲି ଭବିଷ୍ୟତର ସୁସଂହତ, ସସମନ୍ୱିତ, ସୁସଂଯତ ସମାଜ ଗଠନ ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ସାମ୍ୟବାଦର ଆଧାର ଶିଳା ଉପରେ ସୁନେଲି ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇ ବିଦାୟ ନେଉଛି ୨୦୨୫।

## ଶ୍ରମ କୋଡ୍: କାହା ସ୍ୱାର୍ଥରେ?

କିଶୋର ଜେନା

କେନ୍ଦ୍ର ସରକାର ଗତ ନଭେମ୍ବର, ୧୧ ତାରିଖରେ ଚାରିଟି ଶ୍ରମ କୋଡ୍‌ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି କୋଡ୍‌ଗୁଡ଼ିକର ମୂଳ ବକ୍ତବ୍ୟ ହେଲା ଶ୍ରମର ଦୁନିଆରେ ନମନୀୟତା ଆଣିବା। ଏହାର ପ୍ରତିବାଦରେ ୨୬ ନଭେମ୍ବର ୨୦୨୫ ଦେଶବ୍ୟାପୀ ଶ୍ରମିକ-କୃଷକମାନେ ରାସ୍ତାକୁ ଓହ୍ଲାଇ ଶ୍ରମକୋଡ୍‌ର ପ୍ରତିଲିପିକୁ ପୋଡ଼ିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେଇଛନ୍ତି ଶ୍ରମକୋଡ୍ ବାତିଲ ପାଇଁ। କେନ୍ଦ୍ରୀୟ ଟ୍ରେଡ ୟୁନିୟନଗୁଡ଼ିକ ବାହାରେ ଥିବା ବହୁ ଶ୍ରମଜୀବୀ ମଧ୍ୟ ଏହି ଆନ୍ଦୋଳନରେ ଭାଗ ନେଇଥିଲେ। ଆଗାମୀଦିନରେ ଶ୍ରମକୋଡ୍‌ର ପ୍ରତ୍ୟାହାର ଦାବିରେ ଦେଶର ଶ୍ରମଜୀବୀ ଜନଗଣ ଆହୁରି ଜୋରଦାର ଆନ୍ଦୋଳନ କରିପାରନ୍ତି ବୋଲି ଆଲୋଚନା ହେଉଛି।

ନୂଆ ଚାରିଶ୍ରମ କୋଡ୍‌ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଶ୍ରମିକ ସଂଖ୍ୟାର ପ୍ରାପ୍ତ ସୀମା ବଢ଼ାଯାଇଛି, ଯେଉଁଠି ପ୍ରଯୁକ୍ତିଗତ ବିକାଶ ସହ ଏହି ପ୍ରାପ୍ତ ସୀମା କମାଇବା ଉଚିତ ଥିଲା। ଫ୍ୟାକ୍ଟରିଜ ଆକ୍ଟ ପରିବର୍ତ୍ତେ ଅକୁପେସନାଲ ସେଫଟି ଆଣ୍ଡ ଦି ହେଲ୍‌ଥ କୋଡ୍‌କୁ କାରଖାନାଗୁଡ଼ିକରେ ଶ୍ରମିକ ସଂଖ୍ୟାର ସୀମା ବଢ଼ାଇ ୧୦ରୁ ୨୦ (ବିଦ୍ୟୁତ ସହ) ଏବଂ ୨୦ରୁ ୪୦ (ବିଦ୍ୟୁତ୍ ବିହୀନ) କରାଯାଇଛି। ଫଳରେ ହଜାର ହଜାର କ୍ଷୁଦ୍ର ଓ ମଧ୍ୟମ ଧରଣ ୟୁନିଟ୍ ଏଥିରୁ ବାଦ୍ ପଡ଼ିବେ। ସେହି କୋଡ୍‌ରେ ଅସ୍ଥାୟୀ ଚୁକ୍ତି ଶ୍ରମିକ ବ୍ୟବହାର କ୍ଷେତ୍ରରେ 'ଲାଇସେନ୍ସ ଓ ରେଗୁଲେସନ' ପ୍ରୟୋଗର ସୀମା ୨୦ରୁ ବୃଦ୍ଧି କରାହୋଇଛି। ଏହାଫଳରେ ୫୦ରୁ କମ୍ ଠିକା ଶ୍ରମିକ ନିଯୁକ୍ତିକାରୀ କଣ୍ଟ୍ରାକ୍ଟର କ୍ଷେତ୍ରରେ ଆଉ କୌଣସି ଧରଣର ଆଇନ କାନୁନ୍ ମାନିବାର ବାଧ୍ୟବାଧକତା ରହିବ ନାହିଁ। ଏହାଛଡ଼ା ଷ୍ଟାଣ୍ଡିଂ ଅର୍ଡର ପ୍ରଣୟନ କ୍ଷେତ୍ରରେ ୧୦୦ରୁ ୩୦୦ ସୀମାକୁ ବଢ଼ାଇ ଦିଆଯାଇଛି। ଫଳରେ କାର୍ଯ୍ୟ ସଂକ୍ରାନ୍ତ ପରିଷ୍କାର ନୀତି ନିୟମ କାର୍ଯ୍ୟର ସର୍ତ୍ତ, ଶାସ୍ତି ମୂଳକ ବିଧି, ଛୁଟି ବା ଅନ୍ୟାନ୍ୟ ସୁବିଧା ବିଷୟରେ କୌଣସି ନିର୍ଦ୍ଦିଷ୍ଟ ନିୟମ ରଖିବା ଅଧିକାଂଶ ୟୁନିଟ୍‌ରେ ଆଉ ବାଧ୍ୟତାମୂଳକ ନୁହେଁ। ଛଟେଇ ପାଇଁ ୧୦୦ରୁ ଅଧିକ ଶ୍ରମିକ ଥିଲେ ବାଧ୍ୟତାମୂଳକ ଥିବା ସରକାରୀ ଅନୁମତିକୁ ସଂଶୋଧନ କରି ସଂଖ୍ୟା ୩୦୦କୁ ବଢ଼ାଇ ଦିଆଯାଇଛି। ଏହି ସମସ୍ତ ଧାରାର ଏକମାତ୍ର ଉଦ୍ଦେଶ୍ୟ ହେଲା ଦେଶର ସଙ୍ଗଠିତ କ୍ଷେତ୍ରର ପ୍ରାୟ ୯୦ ପ୍ରତିଶତ ଶ୍ରମିକଙ୍କୁ ଏହି ସମସ୍ତ ଶ୍ରମ ଆଇନର ପରିସରରୁ ବାହାରେ ରଖି ମଧ୍ୟମ ଓ କ୍ଷୁଦ୍ର କାରଖାନାର ଶୋଷଣର ମାତ୍ରା ବଢ଼ାଇବାର ବନ୍ଦୋବସ୍ତ କରାଯାଇଛି।

ସୁରକ୍ଷା ଓ ସ୍ୱାସ୍ଥ୍ୟ କଲ୍ୟାଣ ପାଇଁ ପ୍ରୟୋଜନୀୟ ପ୍ରାପ୍ତ ସୀମା ଏଭଳି ଭାବେ ନିର୍ଦ୍ଧାରଣ କରାଯାଇଛି, ଯଦ୍ୱାରା ମାଲିକମାନେ ସହଜରେ ନିଜର ବାଧ୍ୟବାଧକତାକୁ ଏଡ଼ାଇ ଯିବେ। ଉଦାହରଣ ସ୍ୱରୂପ ୫୦୦ରୁ କମ୍ ଶ୍ରମିକ ଥିବା କାରଖାନାର ନିର୍ମାଣ କାର୍ଯ୍ୟ ପାଇଁ କୌଣସି ସେଫ୍‌ଟି ଅଫିସର ବାଧ୍ୟତାମୂଳକ ନୁହେଁ। ୨୫୦ରୁ କମ୍ ହେଲେ ୱେଲଫେୟାର (ମଙ୍ଗଳ) ଅଫିସରରେ ଆବଶ୍ୟକ ନାହିଁ। ୫୦ରୁ ବେଶି ମହିଳା ଶ୍ରମିକ ଥିଲେ କ୍ରେଚ୍‌ର ସୁବିଧା ଦିଆଯିବ। ୫୦୦ ଶ୍ରମିକ ଥିଲେ ଯାଇ ଆମ୍ବୁଲାନ୍ସ ସେବା ଦିଆଯିବ। ବୃହତ୍ ଅଂଶର ଶ୍ରମିକ ଓ କର୍ମଚାରୀ ଯେଉଁମାନେ ସୁପରଭାଇଜର ପଦରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ମାସିକ ବେତନ ୧୮୦୦୦ ଟଙ୍କା, ସେମାନେ ଶ୍ରମିକ ସଂଜ୍ଞା ମଧ୍ୟରେ ଆସିବେ ନାହିଁ। ଅନେକ ପ୍ରତିଷ୍ଠାନଗୁଡ଼ିକରେ ଶ୍ରମିକ ଓ କର୍ମଚାରୀଙ୍କୁ ସୁପରଭାଇଜର/ ମ୍ୟାନେଜର/ ଅଫିସର/ ଏକଜିକ୍ୟୁଟିଭ୍ ରୂପେ ନିଯୁକ୍ତ କରାଯାଏ, ଯଦ୍ୱାରା ସେମାନେ ୟୁନିୟନ କରିବାର ଅଧିକାରରୁ ବଞ୍ଚିତ ରହିବେ। 'କୋଡ୍ ଅନ୍ ଇଣ୍ଡଷ୍ଟ୍ରିଆଲ ରିଲେସନ'ରେ ଏହି ଷଡ଼ଯନ୍ତ୍ରକୁ ବୈଧତା ଦିଆଯାଇଛି।

ନୂତନ ଶ୍ରମ କୋଡ୍‌ରେ ସ୍ଥାୟୀ କାର୍ଯ୍ୟରେ ନିର୍ଦ୍ଦିଷ୍ଟ ମିଆଦ ବା ଫିକ୍ସଡଟର୍ମ ନିଯୁକ୍ତିକୁ ଆଇନଗତ ବୈଧତା ଦିଆଯାଇଛି। ଏଥିରେ ଭବିଷ୍ୟତରେ ସମସ୍ତ ନିଯୁକ୍ତି ସ୍ଥାୟୀ ନ ହୋଇ ନିର୍ଦ୍ଦିଷ୍ଟ ସମୟ ପାଇଁ ଚୁକ୍ତିରେ କାର୍ଯ୍ୟ କରିବେ। ଚୁକ୍ତିର ମିଆଦ ଶେଷ ହେଲେ ନିଯୋଗକର୍ତ୍ତା ନିଜର ଇଚ୍ଛାନୁସାରେ ଶ୍ରମିକକୁ ଚାକିରିରୁ ବିଦା କରି ଦେଇପାରିବେ। ଫଳରେ ଶ୍ରମିକ ପଦୋନ୍ନତି ଓ ବରିଷ୍ଠତାର ସୁଯୋଗ ହରାଇବ। ଚାକିରି ହରାଇବାର ଭୟଥିବାରୁ ଏହିସବୁ ଶ୍ରମିକ ସଙ୍ଗଠିତ ହେବାର ସମ୍ଭାବନା କମିଯିବ। ବଡ଼ ଅଂଶର ଶ୍ରମିକ, ବିଶେଷକରି ଅସଂଗଠିତ ଶ୍ରମିକଙ୍କର ପ୍ରଚଳିତ ସାମାଜିକ ସୁରକ୍ଷାଗୁଡ଼ିକ ନୂତନ କୋଡ୍‌ରେ ଅନିଶ୍ଚିତତା ମଧ୍ୟକୁ ଠେଲି ଦିଆଯାଇଛି। ଅଥଚ ସରକାର ଏହି ନୂଆ କୋଡ୍‌ରେ ସମସ୍ତ କ୍ଷେତ୍ରର ଶ୍ରମିକଙ୍କ ସାମାଜିକ ସୁରକ୍ଷା ପାଇଁ ପ୍ରଚଳିତ ସେସ୍ ସଂଗ୍ରହ ସଂକ୍ରାନ୍ତ ବିଧାନ ବାତିଲ କରିଛନ୍ତି। ଫଳରେ ଲକ୍ଷ ଲକ୍ଷ ଶ୍ରମିକଙ୍କ ସାମାଜିକ ସୁରକ୍ଷା କାର୍ଯ୍ୟତଃ ଅନିଶ୍ଚିତ ହୋଇପଡ଼ିବ।

ନୂଆ ଶ୍ରମକୋଡ୍‌ରେ ୟୁନିୟନ ରେଜିଷ୍ଟ୍ରେସନ ଓ ଧର୍ମଘଟ ଦୁଇ ମୌଳିକ ଶ୍ରମିକ ଅଧିକାର ଉପରେ ଆକ୍ରମଣ କରାହୋଇଛି। ୟୁନିୟନ ପଞ୍ଜୀକରଣ ପାଇଁ ଏବେ ପ୍ରତିଷ୍ଠାନର ମୋଟ ଶ୍ରମିକଙ୍କର ୧୦ ପ୍ରତିଶତ ବା ୧୦୦ଜଣ ସଦସ୍ୟ ରହିବା ବାଧ୍ୟତାମୂଳକ, ଯାହା ବଡ଼ ୟୁନିଟ୍ ବା ବିସ୍ତୃତ କର୍ମକ୍ଷେତ୍ରରେ ସଙ୍ଗଠନ ଆରମ୍ଭ କରିବା ପ୍ରକ୍ରିୟା କଷ୍ଟକର ହୋଇପଡ଼ିବ। ରେଜିଷ୍ଟ୍ରେସନ ପ୍ରକ୍ରିୟା ମଧ୍ୟ ଜଟିଳ ଓ ଶ୍ରମ ଅଧିକାରୀଙ୍କ ଇଚ୍ଛା ଉପରେ ନିର୍ଭରଶୀଳ କରିଦିଆଯାଇଛି। ଧର୍ମଘଟକୁ କାର୍ଯ୍ୟତଃ ନିଷିଦ୍ଧ କରିବା ପାଇଁ ସବୁ ଶିଳ୍ପ କ୍ଷେତ୍ରରେ ୧୪ଦିନର ନୋଟିସ ବାଧ୍ୟତାମୂଳକ କରାଯାଇଛି। ଆଉ ଏହାପରେ କୌଣସି ମଧ୍ୟସ୍ଥତା ପ୍ରକ୍ରିୟା ଚାଲୁଥିବା ସମୟରେ ଧର୍ମଘଟ ନିଷିଦ୍ଧ, ନିୟମ ଭାଙ୍ଗିଲେ କଠୋର ଜୋରିମାନା ଓ ଜେଲ ଦଣ୍ଡ ଭଳି ଶାସ୍ତି ବିଧାନର ବ୍ୟବସ୍ଥା ହୋଇଛି। ଏହା ଶ୍ରମିକଙ୍କୁ ଭୟ ଦେଖାଇ ଧର୍ମଘଟକୁ ଅଟକାଇବା ପାଇଁ ତିଆରି କରାଯାଇଥିବା ମନେ ହୁଏ।

ଏ ସମସ୍ତ ଆଇନଧାରା ହିଁ ଶୋଷଣର ମାତ୍ରା ବଢ଼ାଇ ଆହୁରି ଉଦ୍‌ବୃତ୍ତ ଶ୍ରମ ଶ୍ରମିକଙ୍କଠାରୁ ବାହାର କରିନେବା ପାଇଁ ପରିକଳ୍ପିତ। ନୂତନ ଶ୍ରମକୋଡ୍‌ରେ ଶ୍ରମ ସମୟ ବଢ଼ାଇ ୧୨ ଘଣ୍ଟା କରାଯାଇଛି। ଅର୍ଥାତ୍ ମାଲିକ ଚାହିଁଲେ ଶ୍ରମିକଙ୍କ କାର୍ଯ୍ୟ, ବିରତି ଓ ଅପେକ୍ଷାକୁ ମିଳାଇ ପୂରା ୧୨ ଘଣ୍ଟା କର୍ମକ୍ଷେତ୍ରରେ ରହିବାକୁ ପଡ଼ିବ, ଯଦିଓ ତା'ର କାର୍ଯ୍ୟର ସମୟ ୮ ଘଣ୍ଟା ହେବ। ବେତନ ମଧ୍ୟ ସେହି ଅନୁଯାୟୀ। ଏହାଛଡ଼ା ଓଭରଟାଇମ୍ ନିୟମରେ ମଧ୍ୟ ଟାଳଟୁଳ କରାଯାଇଛି। ଏଥିରେ ଶ୍ରମିକଙ୍କ ଇଚ୍ଛା ବିରୁଦ୍ଧରେ ଅତିରିକ୍ତ ସମୟ କାର୍ଯ୍ୟ କରାଇବା ଆହୁରି ସହଜ ହେବ। ନୂଆକୋଡ୍‌ରେ ଚାରି ଦିନର କର୍ମ ସପ୍ତାହର ସୁଯୋଗ ରଖାଯାଇଛି। ଏହାର ଅର୍ଥ ପ୍ରତିଦିନ ଓଭରଟାଇମ୍ ମଜୁରି ଛଡ଼ା ୧୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରାଇବା ଏକରକମ ବୈଧ ହୋଇଯିବ। ସବୁ ମିଶି ଏସବୁ ପରିବର୍ତ୍ତନ ଶ୍ରମିକଙ୍କର ବିଶ୍ରାମ, ସ୍ୱାସ୍ଥ୍ୟ, ପରିବାର ଜୀବନ ଏବଂ ସଙ୍ଗଠିତ ହେବାର ସୁଯୋଗ ଉପରେ ପ୍ରତିକୂଳ ପ୍ରଭାବ ପକାଇବ।

ପ୍ରତିବର୍ଷ ଆମ ଦେଶରେ ହଜାର ହଜାର ଶ୍ରମିକ କାର୍ଯ୍ୟ କ୍ଷେତ୍ରରେ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ନୂଆ ଶ୍ରମକୋଡ୍‌ରେ ଶ୍ରମିକଙ୍କ ସୁରକ୍ଷା ସଂକ୍ରାନ୍ତ ଇନସ୍‌ପେକ୍ସନ ବ୍ୟବସ୍ଥାକୁ ମାରାତ୍ମକ ଭାବେ ଦୁର୍ବଳ କରିଦିଆଯାଇଛି। ପୂର୍ବପରି ହଠାତ୍ ବା ଅନିୟମିତ ପରିଦର୍ଶନର ସୁଯୋଗ ନାହିଁ। ଏବେ ଇନ୍ସପେକ୍ସନ ପାଇଁ ପୂର୍ବରୁ ନୋଟିସ୍ ଦେବାକୁ ହେବ ଏବଂ ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ଏହାଫଳରେ ମାଲିକମାନେ ସବୁ ବେନିୟମକୁ ଲୁଚେଇ ଦେଇ ପାରିବେ ଏବଂ କର୍ମକ୍ଷେତ୍ରର ପ୍ରକୃତ ପରିବେଶ ଓ ପରିସ୍ଥିତି ଦେଖାଯିବ ନାହିଁ। ଏହାଛଡ଼ା ଇନ୍ସପେକ୍ଟରମାନଙ୍କ ସ୍ୱାଧୀନତାକୁ କମାଇ ଦିଆଯାଇଛି। ସେମାନଙ୍କୁ କେବଳ ମାତ୍ର ସହାୟକ ବା ଫେସିଲିଟେଟର କରି ଦିଆଯାଇଛି। ଏଣୁ ସେମାନଙ୍କ ପକ୍ଷରେ ଦ୍ରୁତ ଓ କାର୍ଯ୍ୟକାରୀ ବ୍ୟବସ୍ଥା ଗ୍ରହଣ କରିବା କଠିନ। ଫଳସ୍ୱରୂପ ଶ୍ରମିକଙ୍କର ଜୀବନ ବିପଦରେ ପଡ଼ିବ।

ଏହା ସହ ଆସିଛି ଶ୍ରମଶକ୍ତି ନୀତି ୨୦୨୫, ଯାହାର ମୂଳ ଉଦ୍ଦେଶ୍ୟ ହେଲା ସାରା ଦେଶରେ ଶ୍ରମଶକ୍ତିକୁ ଏକ ଡିଜିଟାଲ ପ୍ରକ୍ରିୟା ମଧ୍ୟଦେଇ ଆସିଥିବା ପୁଞ୍ଜିର ଚାହିଦା ଅନୁଯାୟୀ ବ୍ୟବସ୍ଥା କରିବା, ସମସ୍ତ ସ୍ଥାୟୀ କାର୍ଯ୍ୟର ବଦଳରେ ଶ୍ରମକୁ 'ଗିଗ୍ ନେଚର' କରିଦିଆଯିବ- ଅର୍ଥାତ୍ ସାରା ଦେଶରେ ଶ୍ରମଶକ୍ତିକୁ ଧୀରେ ଧୀରେ ସମସ୍ତ ରେଗୁଲେସନର ବାହାରକୁ ବାହାର କରିଦେବାର ପ୍ରକ୍ରିୟା ଆରମ୍ଭ ହୋଇଛି କହିଲେ ଭୁଲ୍ ହେବ ନାହିଁ।

କଟକ, ମୋ: ୯୪୩୭୩୮୪୮୬୭

## କେମିତି ଭୁଲିବୁ - ୨୦୨୫!

ବୈଷ୍ଣବ ମେହେର

ମଣିଷ ହିଁ ନିଜ ସୁବିଧା ଅନୁଯାୟୀ ସମୟକୁ ବର୍ଷ-ମାସ-ଦିନ-ଦଣ୍ଡରେ ବିଭକ୍ତ କରି ଦେଇଛି। ସେହି ପ୍ରକ୍ରିୟାରେ ବିଶ୍ୱ ପୁଣି ନୂଆ ଏକ ବର୍ଷକୁ ସ୍ୱାଗତ କରିବାକୁ ଯାଉଥିବା ବେଳେ ପୁରୁଣା ବର୍ଷଟିକୁ ବିଦାୟ ଦେବାକୁ ସମସ୍ତେ ମାନସିକ ପ୍ରସ୍ତୁତି ନେଇ ସାରିଛେ। ଅନେକ ଭାବନ୍ତି ନୂଆ ବର୍ଷ ୨୦୨୬ ଧରାପୃଷ୍ଠକୁ ପାଦ ଦେଉଦେଉ ସେହି କ୍ଷଣରୁ ୨୦୨୫ର ଅନ୍ତ ହୋଇଯିବ। କିନ୍ତୁ ବିଦାୟୀ ବର୍ଷର ୩୬୫ ଦିନର ଅବଧି ମଧ୍ୟରେ ଯାହା ସବୁ ଘଟଣା ଅଘଟଣ ଘଟିଛି ସେସବୁକୁ କ'ଣ ସହଜରେ ପାସୋରି ଦେଇ ହେବ! ମୋ ଭଳି ଅନେକଙ୍କ ମନରେ ଜର୍ଜରିତ ହେଉଥିବା ଗତବର୍ଷର ଅନେକ କ୍ଷତ ଦୀର୍ଘଦିନ ଧରି ତାଜା ଓ ଅଭୁଲା ରହିବ।

ବିଶ୍ୱ ମାନଚିତ୍ରରେ ୨୦୨୫କୁ ଯଦି କେହି ଯୁଦ୍ଧର ବର୍ଷ ଭାବରେ ଅଭିହିତ କରନ୍ତି ତେବେ ଭୁଲ ହେବ ନାହିଁ। ଏସିଆ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଦକ୍ଷିଣ-ଏସିଆରେ ଏକାଧିକ ଯୁଦ୍ଧରେ ଲକ୍ଷଲକ୍ଷ ଲୋକ ନିହତ ହେବା ସହ କୋଟିଏରୁ ଅଧିକ ଲୋକ ବିସ୍ଥାପିତ ହେବାର ଦାରୁଣ ଦୁଃଖକୁ କ'ଣ କେବେ ଭୁଲି ଯାଇହେବ? ପରମାଣୁ ଶକ୍ତିସମ୍ପନ୍ନ ଭାରତ ଓ ପାକିସ୍ତାନ ଯୁଦ୍ଧଠାରୁ ଆରମ୍ଭ କରି ଇସ୍ରାଏଲ-ଇରାନର ଯୁଦ୍ଧ ମାନବ ସଭ୍ୟତାକୁ ଅନିଶ୍ଚିତତାର ଘନ କୁହୁଡ଼ି ଭିତରକୁ ଠେଲି ଦେଇଛି। ଅପରପକ୍ଷେ ଦିନକୁଦିନ ପ୍ରକୃତିର ନିର୍ମମ ପ୍ରହାର ମଣିଷ ସମାଜକୁ ନୟାନ୍ତ କରୁଥିବା ବେଳେ ୨୦୨୫ର ପ୍ରାକୃତିକ ବିପର୍ଯ୍ୟୟ ଏବଂ ତତଜନିତ କ୍ଷୟକ୍ଷତି ସମସ୍ତଙ୍କୁ ଦୋହଲାଇ ଦେଇଛି। ଚଳିତ ଗୋଟିଏ ବର୍ଷରେ ଉଭୟ ମରୁଡ଼ି, ବନ୍ୟା, ବାତ୍ୟାକୁ ସାମନା କରିବାକୁ ପଡ଼ିଛି। ଶୀତ ନ ଛାଡୁଣୁ ଘୋଟି ଆସିଛି ଟାଇଁଟାଇଁ ଖରା। ଶ୍ରାବଣରେ ଚାଷଜମି ଫାଟି ଆଁ କରୁଛି ତ ଆଶ୍ୱିନରେ ଘନଘୋର ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଉଜୁଡ଼ି ଯାଇଛି ଏକର ଏକର ଫସଲ। ବାୟୁମଣ୍ଡଳ କଥା ନ କହିବା ଭଲ। ଦେଶର ରାଜଧାନୀଠାରୁ ରାଜ୍ୟ ରାଜଧାନୀ ଓ ଅନେକ ଛୋଟବଡ଼ ସହରରେ ବାୟୁ ପାଲଟିଛି ବିଷ। ଏତଦ୍‌ବ୍ୟତୀତ ବଜ୍ରାଘାତ, ସାପକାମୁଡ଼ା, ବନ୍ୟଜନ୍ତୁ ଆକ୍ରମଣ, ଅଗ୍ନିକାଣ୍ଡ, ଦୁର୍ଘଟଣା ଅନେକ ଧନଜୀବନକୁ ନଷ୍ଟ କରି ଦେଇଛି।

୨୦୨୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧରେ କଡ଼ା ଶୁଳ୍କ ନିଷ୍ପତ୍ତି, ଏଚ-୧ବି ଭିସା ଉପରେ କଟକଣା ଏବଂ ପାକିସ୍ତାନ ସହ ଜଡ଼ିତ ଭୂ-ରାଜନୈତିକ ଉତ୍ତେଜନା ଯୋଗୁଁ ଉଭୟ ଦେଶର ସମ୍ପର୍କ ଚାପଗ୍ରସ୍ତ ହେବା ପ୍ରମୁଖ ଘଟଣା ହୋଇ ରହିବ। ଭାରତରୁ ବିଦେଶୀ ନିବେଶକଙ୍କ ପାଣ୍ଠି ପ୍ରତ୍ୟାହାର ଦୃଷ୍ଟିରୁ ୨୦୨୫ ଏକ ଖରାପ ବର୍ଷ ସାବ୍ୟସ୍ତ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା, ଭୂରାଜନୈତିକ ସଙ୍କଟ, ବାଣିଜ୍ୟ ସମସ୍ୟା, ଆମେରିକୀୟ ଶୁଳ୍କ ବୃଦ୍ଧି ଭଳି ବିଭିନ୍ନ କାରଣ ପାଇଁ ଏହି ବର୍ଷ ରେକର୍ଡ ୧.୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିବା ଆଗରୁ କେବେ ଘଟି ନ ଥିଲା।

ଏପ୍ରିଲ ୨୨ରେ ପହଲଗାମ ଠାରେ ଆତଙ୍କବାଦୀମାନେ ୨୬ ଜଣ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା ଘଟଣା ମାନବ ସମାଜ ପାଇଁ ଏକ କଳଙ୍କିତ ଫର୍ଦ୍ଦ ହୋଇ ରହିଯିବ। ପରବର୍ତ୍ତୀ ସମୟରେ ଏହାର ଜବାବରେ ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ମାଧ୍ୟମରେ ଭାରତ ଦେଖାଇଥିବା ପରାକ୍ରମ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ଏୟାର ଇଣ୍ଡିଆର ବିମାନ ଅହମ୍ମଦାବାଦରୁ ଲଣ୍ଡନକୁ ଉଡ଼ାଣ ଭରିବାର ମାତ୍ର କିଛି ମୁହୂର୍ତ୍ତ ମଧ୍ୟରେ ଏକ ମେଡିକାଲ କଲେଜର ହଷ୍ଟେଲ କୋଠା ଉପରେ ପଡ଼ିଯିବାରୁ ପ୍ରାୟ ୨୬୦ ଜଣଙ୍କ ମୃତ୍ୟୁ ଘଟିବା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ପଡ଼ିଆ ଭିତରେ ଅନେକ ନୂଆ ପୁଲକ ଆଣିଥିବା ୨୦୨୫ ଅନେକ କ୍ଷେତ୍ରରେ ଦେଶକୁ ଋଦ୍ଧିମନ୍ତ କରିଥିବା ବେଳେ ଆରସିବିର ଆଇପିଏଲ ବିଜୟ ଉତ୍ସବରେ ହୃଦୟ ବିଦାରକ ଦଳାଚକଟା କ୍ରୀଡ଼ାଜଗତକୁ ଅନେକ ଦିନ ଯାଏଁ ବ୍ୟଥିତ କରି ରଖିବ।

ଆମ ରାଜ୍ୟରେ ମଧ୍ୟ ଏମିତି କିଛି ଅଘଟଣ ୨୦୨୫କୁ ସରଗରମ କରିଥିଲା। ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେବା ସହ 'ଫେଭର୍' ମାଗୁଥିବା ଅଭିଯୋଗରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀଙ୍କ ଆତ୍ମଦାହ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଥିଲା। ଏହି ସମ୍ବେଦନଶୀଳ ଘଟଣା ପରେପରେ ବଲଙ୍ଗା ନାବାଳିକା ଆତ୍ମାହୁତି ଓ ଗୋପାଳପୁର ଗଣଦୁଷ୍କର୍ମ ଘଟଣା ଜାତୀୟସ୍ତରରେ ଆମ ରାଜ୍ୟକୁ ଅଡୁଆ ସ୍ଥିତିରେ ପକାଇ ଥିଲା। ସେହିଭଳି ଆମେରିକା ତରଫରୁ ମହିଳାଙ୍କ ପାଇଁ ଓଡ଼ିଶା ଅସୁରକ୍ଷିତ ଦର୍ଶାଇ ସେଠାକୁ ଯିବାକୁ କଟକଣା କରାଯିବା ଏକ କଳଙ୍କିତ ଅଧ୍ୟାୟ ବୋଲି କୁହାଯିବ। ନିଯୁକ୍ତି କ୍ଷେତ୍ରରେ ଚଳିତ ବର୍ଷ ବଡ଼ବଡ଼ ବିଭ୍ରାଟ ମୁଣ୍ଡ ଟେକିଥିଲା। ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ଆଗକୁ ବଢୁଥିବା ଛାତ୍ରଛାତ୍ରୀ ଏବର୍ଷ ପରୀକ୍ଷାର ପ୍ରହେଳିକା ମଧ୍ୟରେ ସ୍ଥଳକୂଳ ବିହୀନ ହୋଇ ପଡ଼ିଥିଲେ, ଯାହା ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟକୁ ବିଗାଡ଼ି ଦେଇ ଅହେତୁକ ହତାଶା ଭିତରକୁ ଠେଲି ଦେଇଥିଲା। ବହୁଚର୍ଚ୍ଚିତ ପୁଲିସ ଏସଆଇ ପରୀକ୍ଷା କେଳେଙ୍କାରୀଠାରୁ ଆରମ୍ଭ କରି ଆରଆଇ, ଅମିନ ପରୀକ୍ଷା ବିଭ୍ରାଟ, ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ, ଏଏନଏମ ପ୍ରଶ୍ନପତ୍ର ଭାଇରାଲ୍ ଭଳି ଏକାଧିକ ଘଟଣା ସାଧାରଣରେ ଉଦବେଗର ବିଷୟ ହୋଇଥିଲା। ଗୋଟିଏ ପଟେ ବେକାରୀଙ୍କ ସଂଖ୍ୟା ବଢୁଥିବା ବେଳେ ନିଯୁକ୍ତିକୁ ନେଇ ଏଭଳି ବ୍ୟାପକ ଅନିୟମିତତା ଉଭୟ ନିଯୁକ୍ତି ଆଶାୟୀ ଓ ଅଭିଭାବକଙ୍କୁ ନିରାଶ କରିଛି। ନିକଟରେ ଆମ ରାଜ୍ୟର ରାଉରକେଲା, ସମ୍ବଲପୁର ଆଦି ସ୍ଥାନରେ ପଞ୍ଚମ ଶ୍ରେଣୀ ଯୋଗ୍ୟତା ଥିବା ହୋମଗାର୍ଡ ଚାକିରି ପାଇବାକୁ ହଜାରହଜାର ସଂଖ୍ୟାରେ ଉଚ୍ଚଶିକ୍ଷିତଙ୍କ ଆବେଦନ ବେକାରୀ ସମସ୍ୟାର ଉତ୍କଟ ରୂପକୁ ଦର୍ଶାଇଛି।

ବିଶ୍ୱସ୍ତରରେ ପ୍ରଯୁକ୍ତି ଦୁନିଆରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ୨୦୨୫ ବର୍ଷ ଖରାପ ସମୟ ଆଣିଥିଲା। ବିଶ୍ୱର ଭିନ୍ନଭିନ୍ନ ୨୧୮ଟି କମ୍ପାନୀରେ କାମ କରୁଥିବା ପ୍ରାୟ ୧ ଲକ୍ଷରୁ ଅଧିକ କର୍ମଚାରୀ ଜୀବିକା ହରାଇଥିଲେ। ଏତତବ୍ୟତୀତ ହତ୍ୟା, ଆତ୍ମହତ୍ୟା ଓ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଭଳି ହୃଦୟ ବିଦାରକ ଅଘଟଣର ହିସାବ ନଥିଲା। ପୁରୁଣା ବର୍ଷରେ ଏମିତି ଅନେକ ଘଟଣା ଘଟିଛି ଯାହା ଘଟୁ ବୋଲି ଆମେ କେହି କେବେ ଚାହୁଁ ନଥିଲୁ। ସେସବୁ ଘଟଣା ପାଇଁ ଆମେ କେବେ ପୁରୁଣା ବର୍ଷକୁ ଭୁଲି ପାରିବୁ ନାହିଁ।

ସିନାପାଲି(ନୂଆପଡ଼ା), ମୋ: ୯୭୭୭୭୫୩୯୩୫

## ପାଞ୍ଚପା ମଠ

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଖଣ୍ଡପଡ଼ା ଗାଆଁରେ ଗୋଟିଏ ଅନାଥ ପିଲା ଥିଲା। ପିଲାଟି ସ୍ୱଭାବରେ ସରଳ, ନିଷ୍କପଟ ଓ କର୍ମଠ ଥିଲା। କିନ୍ତୁ ଖାଇବାରେ ପେଟୁ ଥିଲା। ଗାଆଁର ପ୍ରଧାନଙ୍କ ଅନୁରୋଧରେ ଜଣେ ଗୁମାସ୍ତା ପିଲାଟାକୁ ନେଇ ଏକ ମଠରେ ରଖିବାର ବ୍ୟବସ୍ଥା କଲେ। କି କାମ ପରିପାରିବ ଏବଂ ସେ ବାବଦରେ ପାଉଣ କ'ଣ ନେବ ବୋଲି ମହନ୍ତ ପଚାରନ୍ତେ ପିଲାଟି କହିଲା, 'ଦୁଇ ଓଳି ପାଞ୍ଚପା ଲେଖାଏଁ ଚାଉଳର ଭାତ ଖାଇବା ଛଡ଼ା ଆଉ କିଛି ପାଉଣା ନେବ ନାହିଁ।' ପାଞ୍ଚପା ଚାଉଳ ଆଜିର ୬୨୫ ଗ୍ରାମ ସଂଗେ ସମାନ। ମହନ୍ତ ଭାବିଲେ ମଠରେ ଖାଇବାକୁ କୋଉ ଅଭାବ ଅଛି ଯେ ଚିନ୍ତା ପଡ଼ିଛି। ମହନ୍ତଙ୍କ ଅନୁମତିକ୍ରମେ ସେ ସେଠାରେ ରହି ମଠର ସବୁକାମ କଲା। ମଠର ଅନ୍ତେବାସୀମାନେ ତାକୁ ସ୍ନେହରେ 'ପାଞ୍ଚପା' ବୋଲି ଡାକିଲେ।

ଦିନେ ଏକାଦଶୀ ପଡ଼ିଲା। ମହନ୍ତ ମହାରାଜ ପିଲାକୁ ପଚାରିଲେ, 'ଆଜି ମଠରେ ରୋଷେଇ ହବ ନାହିଁ। ଫଳମୂଳ ଖାଇ ଚଳେଇ ଦେବୁ?' କିନ୍ତୁ 'ପାଞ୍ଚପା' ରାଜି ହେଲା ନାହିଁ। ତେଣୁ ମହନ୍ତଙ୍କ ନିର୍ଦ୍ଦେଶକ୍ରମେ ମଠରୁ ପାଞ୍ଚପା ଚାଉଳ ଓ ପରିବା ନେଇ ମଠ ବାହାର ତୋଟାରେ ରାନ୍ଧି ଖାଇବାକୁ ସେ ବାହାରିଲା। ତୋଟାକୁ ଯିବା ବେଳେ ତାକୁ ପଛରୁ ଡାକି ମହନ୍ତ କହିଲେ, 'ଆମେ ଯାହା ସବୁ ଖାଉଛେ ସେ ସବୁର ମାଲିକ ହେଲେ ଜଗନ୍ନାଥ। ଖାଇବା ପୂର୍ବରୁ ତାଙ୍କୁ ସମର୍ପଣ କରି ଖାଇବୁ।' 'ପାଞ୍ଚପା' ତୋଟାରେ ରୋଷେଇ ସାରି ଖାଇବା ଆଗରୁ ମହନ୍ତଙ୍କ କଥା ମନେପଡ଼ିଲା। ସେ ବଡ଼ ପାଟିରେ ଡାକିଲା, 'ଆରେ ହେ! ଜଗନ୍ନାଥ ବୋଲି କିଏ କୋଉଠି ଅଛ? ତୁମକୁ ଭାତ ସମର୍ପଣ କଲେ ଖାଇବି ବୋଲି ମହନ୍ତ କହିଛନ୍ତି। ଜଲ୍‌ଦି ଆସ। ଭୋକରେ ପେଟ ଜଳିଲାଣି।' ତା'ର ସରଳ ନିଷ୍କପଟ ସ୍ୱଭାବରେ ମୁଗ୍ଧ ହୋଇ ମହାପ୍ରଭୁ ତତ୍‌କ୍ଷଣାତ୍ ସେଠାରେ ଆବିର୍ଭାବ ହୋଇଗଲେ। ମନ୍ଦ ମନ୍ଦ ହସି ମହାପ୍ରଭୁ କହିଲେ, 'ଚଞ୍ଚଳ ଦୁଇଟା ପତ୍ରରେ ବାଢ଼, ଖାଇ ଦେବା।' ତହୁଁ 'ପାଞ୍ଚପା' କହିଲା, 'ତମେ ଖାଇବ ନା କ'ଣ? ମହନ୍ତ ତ କହିଥିଲେ ସମର୍ପଣ କରି ତୁ ଖାଇବୁ। ତମେ ଖାଇବା କଥା ଜାଣିଥିଲେ, ଅଧିକା ଚାଉଳ ଆଣିଥା'ନ୍ତି। ହଉ ତମେ ଆଜି ଅଳପ ଖାଅ, ଆର ଏକାଦଶୀକୁ ତମ ପାଇଁ ଆଉ ପାଞ୍ଚପା ଚାଉଳ ଆଣିବି। ସେ ଦିନ ପେଟ ପୂରା ଖାଇବ।' ମହାପ୍ରଭୁ ହସହସ ମୁହଁରେ ତା' ରନ୍ଧା ଭାତ ଖାଇ ଚାଲିଗଲେ।

ପନ୍ଦର ଦିନ ପରେ ପୁଣି ଏକାଦଶୀ ପଡ଼ିଲା। ସେ ଦିନ ସକାଳେ 'ପାଞ୍ଚପା' ମହନ୍ତଙ୍କୁ ଆଉ ପାଞ୍ଚପା ଚାଉଳ ମାଗି ତୋଟାକୁ ରାନ୍ଧିବାକୁ ଗଲା। ରାନ୍ଧିସାରି ଡାକିଲା, 'ହଇହୋ' ଏ ଜଗନ୍ନାଥ। ଆସ। ଆଜି ତମ ପାଇଁ ବି ପାଞ୍ଚପା ଚାଉଳ ପକେଇଛି। ଜଲଦି ଆସ।' 'ପାଞ୍ଚପା'ର ଡାକ ଶୁଣି ମହାପ୍ରଭୁ ଆସିବାକୁ ବାହାରିବା ବେଳକୁ ମାଆ ଲକ୍ଷ୍ମୀ ପଚାରିବାରୁ ମହାପ୍ରଭୁ ତାଙ୍କର ଅଦ୍ଭୁତ ଭକ୍ତ ବିଷୟରେ କହିଲେ। ଏଥର ମାଆ ଲକ୍ଷ୍ମୀ ମଧ୍ୟ ମହାପ୍ରଭୁଙ୍କ ସାଙ୍ଗରେ ଆସି ତୋଟାରେ ପହଞ୍ଚିଲେ। ସେମାନଙ୍କୁ ଦେଖି ପାଞ୍ଚପା କହିଲା, 'ଗଲା ଥର ତମେ ଆସିଥିଲ ବୋଲି ତମ ପାଇଁ ଆଉ ପାଞ୍ଚପା ଚାଉଳ ମାଗି ଆଣିଥିଲି। ମାଗଣା ମିଳୁଛି ବୋଲି ଆଜି ଜଣେ ମାଇପି ଲୋକକୁ ଧରିଆଣିଛ। ମୋ ପାଞ୍ଚପା ମୁଁ ଖାଇବି। ବାକି ଯାହା ରହିଲା, ତମେ ଦି ଜଣ ଖାଅ।' ସେ ତିନିଖଣ୍ଡ ପତ୍ର ପକେଇ ଯାହା ରାନ୍ଧିଥିଲା ସେଥିରୁ ଅଧା ନିଜେ ନେଲା ଓ ବାକି ଅଧା ସେମାନଙ୍କ ପତ୍ରରେ ବାଢ଼ି ଦେଲା। ଜଗନ୍ନାଥ ଓ ଲକ୍ଷ୍ମୀ ମହାଆନନ୍ଦରେ ପାଞ୍ଚପା ରାନ୍ଧଣା ଖାଇ ଚାଲିଗଲେ।

ତୃତୀୟ ଏକାଦଶୀ ଦିନ ପାଞ୍ଚପା ମହନ୍ତଙ୍କୁ କହିଲା, 'ମହାରାଜ! ସେଇ ଯୋଉ ଜଗନ୍ନାଥ ଗଲାଥର ତା' ଭାରିଯା ହବ କି କ'ଣ, ଗୋଟେ ମାଇପିକୁ ନେଇକି ଆସିଥିଲା। ମୋ ପାଞ୍ଚପା ମୁଁ ଖାଇଲି, ବାକି ପାଞ୍ଚପା ସେମାନଙ୍କୁ ବାଣ୍ଟି ଦେଲି। ସେଥିରେ ତାଙ୍କ ପେଟ ପୂରି ନ ଥିବ। ଆଜି ଆଉ ପାଞ୍ଚପା ଚାଉଳ ଅଧିକା ଦିଅନ୍ତୁ।' ଏ କଥା ଶୁଣି ମହନ୍ତଙ୍କ ମନରେ କୌତୁହଳ ଜାତ ହେଲା। ପିଲାଟା ଚାଉଳ ନେଇ ରୋଷେଇ କରୁଛି, ତା' ଠୁ ଖାଉଛି କିଏ? ଏହି ରହସ୍ୟ ଜାଣିବା ପାଇଁ ସେ ଗୋଟେ ଗଛ ପଛପଟେ ଲୁଚି ରହିଲେ। ସେ ଦିନ ମାଆ ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ସହିତ ବଡ଼ଠାକୁର ମଧ୍ୟ ତୋଟାରେ ଆସି ପହଞ୍ଚିଲେ। ସେମାନଙ୍କୁ ଦେଖି 'ପାଞ୍ଚପା' କହିଲା, 'ପ୍ରଥମେ ଏକା ଆସିଲ, ତା' ପରେ ଗୋଟେ ମାଇପି ଲୋକକୁ ନେଇକି ଆସିଲ, ଆଜି ଜଣେ ଭାଇ ବତାସିଆକୁ ଆଣି ଆସିଛ। ମୋ ଭାଗ ପାଞ୍ଚପାରୁ ଗୋଟେ ଦାନା କମ ହବନି। ବାକତକ ତମ ତିନି ଜଣକୁ ବାଣ୍ଟି ଦେବି। ଯେତିକି ହେଲା ସେତିକି।' ପାଞ୍ଚପା ପ୍ରଥମେ ନିଜ ଖାଇବା ବାଢ଼ି ନେଇ ବାକି ଭାତକୁ ତିନି ପତ୍ରରେ ବାଢ଼ି ଦେଲା। ତିନି ଠାକୁର 'ପାଞ୍ଚପା' ହାତ ରନ୍ଧା ଖାଇ ଚାଲି ଗଲେ।

ମଠର ମହନ୍ତ ଗଛ ଆଢୁଆଳରୁ ବାହାରି 'ପାଞ୍ଚପା'ର ଗୋଡ଼ ତଳେ ପଡ଼ିଗଲେ। କହିଲେ, 'ପାଞ୍ଚପା! ଯେଉଁ ମହାପ୍ରଭୁମାନଙ୍କ ଦର୍ଶନ ଦେବତାମାନଙ୍କ ପାଇଁ ଦୁର୍ଲଭ, ଯାହାର ଦର୍ଶନ ପାଇଁ ମୁନିଋଷିମାନେ ସାରା ଜୀବନ ସାଧନା କରି ମଧ୍ୟ ପାଆନ୍ତି ନାହିଁ, ସେ ଆଜି ତୋତେ ପ୍ରତ୍ୟକ୍ଷ ଦର୍ଶନ ଦେଇଛନ୍ତି ଏବଂ ତୋ ହାତରନ୍ଧା ପ୍ରସାଦ ଭୋଜନ କରିଛନ୍ତି। ତୁ ଧନ୍ୟ, ତୋର ପିତାମାତା ଧନ୍ୟ। ତୋ ଯୋଗୁଁ ମୁଁ ମହାପ୍ରଭୁମାନଙ୍କର ପ୍ରତ୍ୟକ୍ଷ ଦର୍ଶନ ପାଇ ନିଜକୁ ଧନ୍ୟ ମନେ କରୁଛି। ଆଜିଠାରୁ ତୋ ନାମାନୁସାରେ ଆମ ମଠ 'ପାଞ୍ଚପା ମଠ' ନାମରେ ଜଣାଯିବ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେପି ବିଧାୟକଙ୍କ ଅଫିସ୍‌ରେ ଆପ୍ ନେତାଙ୍କୁ ନିସ୍ତୁକ ମାଡ଼



ଭୁବନେଶ୍ୱର,୩୦।୧୨(ସମିସ): ଧାନ ଚାଷୀଙ୍କ ଦୁର୍ଦ୍ଦଶା ଜଣାଇବାକୁ ଯାଇଥିବା ଆପ୍ ନେତାଙ୍କୁ ବିଜେପି ବିଧାୟକଙ୍କ ସହଯୋଗୀଙ୍କ ମରଣାନ୍ତକ ଆକ୍ରମଣ କରାଯାଇଛି । ଓଡ଼ିଶାର ଭାତ ହାଣ୍ଡି ଭାବେ ପରିଚିତ ବରଗଡ଼ର ଧାନ ଚାଷୀଙ୍କ ପ୍ରତି ମିଲର ମାଲିକମାନଙ୍କର ଅହେତୁକ ଶୋଷଣ, ଚାଷୀଙ୍କୁ ଧାନ ବିକ୍ରି ନିମନ୍ତେ ଦୀର୍ଘ ଦିନ ଧରି ଟୋକନ୍ ନ ମିଳିବା ଏବଂ କଟନି ଛଟନି ଭଳି ପ୍ରମୁଖ ସମସ୍ୟା ଜଣାଇବା ନିମନ୍ତେ ଯାଇଥିବା ଆମ୍ ଆଦମୀ ପାର୍ଟିର ବରଗଡ଼ ଜିଲ୍ଲା ଯୁବ ସଭାପତି ଶାହରୁଖ ଲୋଧିଆଙ୍କ ଏହି ଆକ୍ରମଣ କରାଯାଇଛି ବୋଲି ଆପ୍ ଅଭିଯୋଗ କରିବା ସହ ସରକାରଙ୍କ ଉପରେ ଦଳ ବର୍ଷିଛି । ଦଳ କହିଛି ଯେ, ଭଟ୍‌ଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ କାର୍ଯ୍ୟାଳୟକୁ ସେ ଅଭିଯୋଗ ପାଇଁ ଯାଇଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ଚାଷୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଶୁଣିବା ପରିବର୍ତ୍ତେ ବିଧାୟକଙ୍କ ଅନୁପସ୍ଥିତିରେ ତାଙ୍କ ସମର୍ଥକମାନେ ଶ୍ରୀ ଲୋଧିଆଙ୍କୁ ଧମକ ଚମକ ଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳତଃ ଆପ୍ ନେତା ଶାହରୁଖଙ୍କର ଶରୀରର ବିଭିନ୍ନ ଅଙ୍ଗ ଗଭୀର ଭାବେ କ୍ଷତାକ୍ତ ହୋଇଥିଲା । ମରଣାନ୍ତକ ଆକ୍ରମଣ କରିଥିବା ଅପରାଧୀଙ୍କୁ ଗିରଫ କରିବା ପରିବର୍ତ୍ତେ ଆକ୍ରମଣର ଶିକାର ହୋଇଥିବା ଶ୍ରୀ ଲୋଧିଆଙ୍କୁ ପୁଲିସ ଗିରଫ କରି ସଙ୍ଗୀନ ଦଫା ଲଗାଇଛି ବୋଲି ଆପ୍ କହିଛି । ଏଭଳି ସଙ୍ଗୀନ ଅପରାଧରେ ଲିପ୍ତ ଥିବା ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କର ସହଯୋଗୀମାନଙ୍କୁ କ୍ଲିନ୍ ଚିଟ୍ ଦେଇ ଚାଷୀଙ୍କ ସ୍ୱରକୁ ଉତ୍ଥାପନ କରିବାକୁ ଯାଇଥିବା ଯୁବ ନେତା ଶାହରୁଖଙ୍କ ପ୍ରତି ପୁଲିସର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ସାରା ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି । ଶ୍ରୀ ଲୋଧିଆଙ୍କୁ ତୁରନ୍ତ ଖଲାସ କରିବାକୁ ଆମ୍ ଆଦମୀ ପାର୍ଟି ତରଫରୁ ଦାବି କରାଯିବା ସହ ବିଜେପି ସରକାରର ଏଭଳି ଗୁଣ୍ଡା ଓ ଅସାମାଜିକ ତତ୍ତ୍ୱଙ୍କୁ ପ୍ରୋତ୍ସାହନ ଦେବା ନୀତିକୁ ଦଳ ନିନ୍ଦା କହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବ ସଭାପତି ରୁଚିର ରୁଦ୍ର ରଥ, ରାଜ୍ୟ ଯୁବ ଉପସଭାପତି ସାଇ ଗୋପୀନାଥ ପଣ୍ଡା, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ରାକେଶ କୁମାର ରାଉତ ଏବଂ ସୁପ୍ରାଜ ଦିଗଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଏଏସ୍‌ଡି ଓ ସ୍ମାର୍ଟ ମିଟର ନିଷ୍ପତ୍ତି ବିରୋଧରେ ଜନସ୍ୱାର୍ଥ ମାମଲା

କଟକ,୩୦।୧୨(ସମିସ): ଓଡ଼ିଶାରେ ବିଦ୍ୟୁତ୍ ଗ୍ରାହକଙ୍କ ଉପରେ ଲଦି ଦିଆଯାଉଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଏବଂ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ସାମାଜିକ ସଂଗଠନ ଭଏସ୍ ଅଫ୍ କଟକର ସଭାପତି ସିଦ୍ଧାର୍ଥ ମହାନ୍ତି ଏବଂ ସମ୍ପାଦକ ସୌମ୍ୟଦୀପ ଘୋଷଙ୍କ ପକ୍ଷରୁ ଦାୟର ଏହି ପିଟିସନରେ ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ଓ ସମ୍ବିଧାନ ବିରୋଧୀ ବୋଲି ଦର୍ଶାଯାଇଛି । ପିଟିସନରେ ଉଲ୍ଲେଖ କରାଯାଇଛି ଯେ ଓଇଆରସି ନିଜେ ସ୍ୱୀକାର କରିଛନ୍ତି ଯେ ଟାଟା ପାୱାର ୨୦୧୮ ରୁ ୨୦୨୫ ମଧ୍ୟରେ ଗ୍ରାହକଙ୍କଠାରୁ ପ୍ରାୟ ୭,୨୧୫ କୋଟି ଟଙ୍କାର ଅଧିକ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ କରି ରଖିଛନ୍ତି । ଯେତେବେଳେ ରାଜ୍ୟରେ ଗତ ଚାରି ବର୍ଷ ହେବ ବିଦ୍ୟୁତ୍ ଦର ବୃଦ୍ଧି ହୋଇନାହିଁ, ସେତେବେଳେ ଗ୍ରାହକଙ୍କ ଉପରେ ଏହି ଅତିରିକ୍ତ ବୋଝ ଲଦିବାର ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ ଉଠାଯାଇଛି । ଏହି ମାମଲାରେ ରାଜ୍ୟରେ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ମଧ୍ୟ ବିରୋଧ କରାଯାଇଛି । ଆବେଦନକାରୀମାନେ ମାନ୍ୟବର ହାଇକୋର୍ଟଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ଯେ ବେଆଇନ ଭାବେ ଜାରି ହୋଇଥିବା ସମସ୍ତ ଏଡିଏସ ନୋଟିସକୁ ତୁରନ୍ତ ରଦ୍ଦ କରାଯାଉ, ସ୍ମାର୍ଟ ମିଟର ଲଗାଇବା ପୂର୍ବରୁ ବ୍ୟାପକ ଜନସଚେତନତା ଓ ଆଇନଗତ ପ୍ରକ୍ରିୟା ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଉ, ଏଡିଏସ ପୈଠ ନ କଲେ ବିଦ୍ୟୁତ୍ କାଟ କରିବା ଭଳି କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଯାଉ । ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ସଚିବ, ଓଇଆରସି ସଚିବ ଏବଂ ଟିପିସିଓଡିଏଲର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି ।

## ସିବିଏସ୍‌ଇ ପରୀକ୍ଷା ସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୩୦/୧୨(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଦଶମ ଶ୍ରେଣୀ ପରୀକ୍ଷା ମଧ୍ୟରୁ କେବଳ ମାର୍ଚ୍ଚ ୩ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପରିବର୍ତ୍ତନ କରି ମାର୍ଚ୍ଚ ୧୧ ତାରିଖରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିପରି ୩ ତାରିଖରେ ହେବାକୁ ଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୧୦ ତାରିଖରେ ଅନୁଷ୍ଠିତ ହେବ । ପ୍ରଶାସନିକ କାରଣରୁ ଏହି ପରିବର୍ତ୍ତନ କରାଯାଇଥିବା ସିବିଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଆସନ୍ତା ଫେବୃୟାରୀ ୧୭ ତାରିଖରୁ ପରୀକ୍ଷା ଆରମ୍ଭ ହେବ । ସଂଶୋଧିତ ତାରିଖକୁ ପରିବର୍ତ୍ତନ କରି ଖୁବ ଶିଘ୍ର ନୂଆ ଆଡମିଟ କାର୍ଡରେ ଉଲ୍ଲେଖ ରହିବ ବୋଲି ସିବିଏସଇ ପକ୍ଷରୁ କୁହାଯାଇଛି ।

## ଅଧ୍ୟାପିକାଙ୍କୁ ନିର୍ଯାତନା; ପ୍ରାଧ୍ୟାପକ ନିଲମ୍ବିତ

ବାରିପଦା,୩୦।୧୨(ସମିସ): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଛାତ୍ରୀ/ଅତିଥି ଅଧ୍ୟାପିକା ନିର୍ଯାତନା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଇଣ୍ଟରନାଲ କଂପ୍ଲେନ କମିଟି (ଆଇସିସି) ରିପୋର୍ଟକୁ ଭିତ୍ତି କରି ଅଭିଯୁକ୍ତ ସଂସ୍କୃତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ହୀରାଲାଲ ଦାଶଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଏଥିସହ ତାଙ୍କଠାରୁ ସମସ୍ତ ଦାୟିତ୍ୱକୁ ଅପସାରଣ କରାଯାଇଥିବା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ପ୍ରମୋଦ କୁମାର ଶତପଥି ପ୍ରକାଶ କରିଛନ୍ତି । ତେବେ ଅନ୍ୟଏକ ଘଟଣାରେ ଅନ୍ୟ ୩ ଛାତ୍ରୀଙ୍କୁ ନିର୍ଯାତନାକୁ ନେଇ ଓଡ଼ିଆ ବିଭାଗ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ କମିଟିରେ ବିଚାରାଧୀନ ଥିବାବେଳେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି ।

ସୂଚନା ମୁତାବକ, ବିଶ୍ୱବିଦ୍ୟାଳୟର ଜଣେ ପିଜି ଛାତ୍ରୀ ତଥା ଅତିଥି ଅଧ୍ୟାପିକାଙ୍କୁ ନିର୍ଯାତନା ଦେବା ନେଇ ଡ. ଦାଶଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଆଇସିସି କମିଟି ପକ୍ଷରୁ ଅଭିଯୋଗର ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ତାଙ୍କ ବିରୋଧରେ କୁଳପତି ଓ କୁଳସଚିବଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଏହାକୁ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ସମସ୍ତ ଦାୟିତ୍ୱକୁ ଅବ୍ୟାହତି ଦିଆଯାଇଥିଲା । ନୋଟିସର ଉତ୍ତର ୧୦ଦିନ ମଧ୍ୟରେ ଦେବାକୁ ଥିବାବେଳେ ୨୯ ତାରିଖ ଅବଧି ଶେଷ ହୋଇଥିଲା । ପ୍ରାଧ୍ୟାପକ ଜଣଙ୍କ କମିଟି ନିକଟରେ ହାଜର ହୋଇ ନୋଟିସର ଉତ୍ତର ଦେବା ପରେ କମିଟିର ନିଷ୍ପତ୍ତି ଅନୁସାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ କୁଳାଧିପତିଙ୍କୁ ଅବଗତ କରାଯାଇଛି । ଅପରପକ୍ଷରେ ଓଡ଼ିଆ ବିଭାଗର ୩ ପିଜି ଛାତ୍ରୀଙ୍କ ଅଭିଯୋଗକୁ ନେଇ ଆଇସିସି ପକ୍ଷରୁ ତଦନ୍ତ ଜାରି ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରାବଳୀ କ୍ଷତିଗ୍ରସ୍ତ...

ଫଳରେ ଆରବୀୟ ଅଞ୍ଚଳରୁ ଭାରତକୁ ପ୍ରବାହିତ ହେଉଥିବା ଶୁଷ୍କ ସ୍ଥଳଭାଗ ବାୟୁ ଆଗରେ ଆରାବଳୀ ପର୍ବତମାଳା ଏକ ପ୍ରାଚୀର ସଦୃଶ ଠିଆ ହୋଇ ଏହି ବାୟୁକୁ ପ୍ରତି ମୂହୁର୍ତ୍ତରେ ଭାରତ ପ୍ରବେଶକୁ ବାଧା ଦେଉଛି । ଫଳ ସ୍ୱରୂପ ଭାରତରେ ମୌସୁମୀ, ଗ୍ରୀଷ୍ମ ପ୍ରବାହ ଏବଂ ଶୀତ ଲହରୀ ପ୍ରଭୃତି ପାଣିପାଗ ପ୍ରକ୍ରିୟାରେ ଏହି ବାୟୁର ବିଶେଷ ନକରାତ୍ମକ ପ୍ରଭାବ ପଡ଼ିପାରୁ ନାହିଁ । ବିଶେଷଜ୍ଞଙ୍କ ମତରେ ଭାରତରେ ସାଧାରଣତଃ ମୌସୁମୀ ନିମ୍ନଚାପ ରେଖା ରାଜସ୍ଥାନର ଗଙ୍ଗାନଗରରୁ ବାହାରି ବଙ୍ଗୋପସାଗର ପର୍ଯ୍ୟନ୍ତ ପଡ଼ିଥାଏ । ଏହା ତେର୍ଚ୍ଛା ହୋଇ ପଡ଼ି ରହିବା କାରଣରୁ ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଥାଏ । ମାତ୍ର ଆରାବଳୀ ପର୍ବତମାଳା ହଟିଗଲେ ବିଭିନ୍ନ ବାୟୁର ଦିଗ ପରିବର୍ତ୍ତନ ହେତୁ ଏହି ମୌସୁମୀ ନିମ୍ନଚାପରେଖା ସିଧା ହୋଇଯିବ । ଏହାଦ୍ୱାରା ଓଡ଼ିଶା ସମେତ ନିର୍ଦ୍ଦିଷ୍ଟ କିଛି ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ବଢ଼ିବ । ଅପରପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପଗୁଡ଼ିକ ପ୍ରଥମେ ବଙ୍ଗୋପସାଗର ଉପକୂଳବର୍ତ୍ତୀ ରାଜ୍ୟରେ ବର୍ଷା କରାଇ ଧୀରେ ଧୀରେ ଏହି ନିମ୍ନଚାପ ରେଖା ଦେଇ କେନ୍ଦ୍ରୀୟ ଭାରତ ଓ ପଶ୍ଚିମ ଭାରତକୁ ଅଗ୍ରସର ହୋଇଥାଏ ଓ ସେଠାରେ ବର୍ଷା କରାଏ । ମାତ୍ର ଆରାବଳୀ ନ ରହିଲେ ଅପରପଟୁ ପ୍ରଚୁର ମାତ୍ରାରେ ଶୁଷ୍କ ବାୟୁ ପ୍ରବାହ ବଢ଼ିବା ଯୋଗୁଁ ଲଘୁଚାପଗୁଡ଼ିକ ଆଗକୁ ବଢ଼ିବାକୁ ଶକ୍ତି ପାଇବେ ନାହିଁ । ଏହାଫଳରେ ବର୍ଷାର ପ୍ରଭାବ ଓଡ଼ିଶା ଛତିଶଗଡ଼ ଓ ଅତିବେଶୀରେ ପୂର୍ବ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ରହିବ । ଓଡ଼ିଶା ଦେଇ ବହିଥିବା ପ୍ରମୁଖ ନଦୀ ଯଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀରେ ବାରମ୍ବାର ବନ୍ୟା ସ୍ଥିତି ସୃଷ୍ଟି ହେବ । ଏହାସହିତ ବଙ୍ଗୋପସାଗର ଆଡ଼କୁ ପ୍ରଚୁର ଶୁଷ୍କ ବାୟୁ ପ୍ରବାହ ପରେ ବଙ୍ଗୋପସାଗରୀୟ ଆର୍ଦ୍ର ବାୟୁ ସଂସ୍ପର୍ଶରେ ଆସିବା ଫଳରେ ବଜ୍ରପାତର ତୀବ୍ରତା ମଧ୍ୟ ବୃଦ୍ଧି ପାଇବ । ଏହା ଶକ୍ତିଶାଳୀ ବଜ୍ରପାତ କରାଇବାରେ ମଧ୍ୟ ସହାୟକ ହେବ ।

ମୌସୁମୀ ଭଳି ଗ୍ରୀଷ୍ମ କାଳରେ ମଧ୍ୟରେ ଓଡ଼ିଶା ଉପରେ ଅନେକ ପ୍ରଭାବ ପଡ଼ିବ । କାରଣ ଆରାବଳୀ ପର୍ବତଶ୍ରେଣୀ ଗରମ ମହାଦେଶୀୟ ବାୟୁକୁ ଭାରତର ପୂର୍ବ ଦିଗକୁ ବିସ୍ତାର ହେବାରୁ ଅନେକାଂଶରେ ରୋକିଥାଏ । ଏହାର ଅନୁପସ୍ଥିତି, ରାଜସ୍ଥାନର ଥର ମରୁଭୂମିରୁ ଆସୁଥିବା ଗରମ ବାୟୁ ଓଡ଼ିଶା ପର୍ଯ୍ୟନ୍ତ ପହଞ୍ଚିବ । ଫଳତଃ ଏଠାରେ ଅଧିକ ଏବଂ ଦୀର୍ଘକାଳୀନ ଗ୍ରୀଷ୍ମ ପ୍ରବାହ ଦେଖାଦେବ । ସାଧାରଣତଃ ଖରାଦିନେ ରାଜସ୍ଥାନ ଆଦି ଅଞ୍ଚଳରେ ୫୦-୫୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଯାଇଥାଏ । ଏହି ହାରରେ ଓଡ଼ିଶାରେ ୪୦-୪୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥାଏ । ପୂର୍ବରୁ ରହି ଆସୁଥିବା ଏହି ୧୦ ଡିଗ୍ରୀର ତାପମାତ୍ରା ଅନ୍ତର ହ୍ରାସ ହୋଇ ଓଡ଼ିଶାରେ ମଧ୍ୟ ତାପମାତ୍ରା ୫୦ ଡିଗ୍ରୀ ନିଟତର ହେବାର ଆଶଙ୍କାକୁ ଏଡ଼ାଯାଇ ନ ପାରେ ।

ଶୀତ ଋତୁରେ ମଧ୍ୟ ଓଡ଼ିଶାରେ କୁପ୍ରଭାବ ଦେଖାଦେଇପାରେ । ଭାରତରେ ସାଧାରଣତଃ କେନ୍ଦ୍ରୀୟ ଏସିଆ ଇରାନ ଆଫଗାନିସ୍ତାନ ଅଞ୍ଚଳରୁ ଆସୁଥିବା ଥଣ୍ଡା ବାୟୁ ଦ୍ୱାରା ଶୀତ ଲହରୀ ପଡ଼ିଥାଏ । ଆରାବଳୀ ପର୍ବତମାଳା ଏହି ବାୟୁ ପ୍ରବାହ ଉପରେ ଏକ ଆଂଶିକ ବାଧା ଭାବେ କାର୍ଯ୍ୟ କରି, ଉତ୍ତରପଶ୍ଚିମ ଭାରତରୁ ଆସୁଥିବା ଶୀତଳ ଏବଂ ଶୁଷ୍କ ବାୟୁକୁ ପୂର୍ବ ଦିଗକୁ ଅଗ୍ରସର ହେବାରେ ପ୍ରତିହତ ସୃଷ୍ଟି କରେ । ଫଳସ୍ୱରୂପ ଉତ୍ତରପଶ୍ଚିମ ଭାରତ ମୁଖ୍ୟତଃ ପଶ୍ଚିମ ହିମାଳୟ ପଞ୍ଜାବ, ରାଜସ୍ଥାନ ହରିୟାନ, ଦିଲ୍ଲୀ ପ୍ରଭୃତି ଅଞ୍ଚଳରେ ଶୀତ ଲହରୀ ପ୍ରଭାବ ଦେଖାଦେଉ ଥିବା ବେଳେ ଏହାର ତୀବ୍ରତା ଓଡ଼ିଶା ସମେତ ପୂର୍ବ ଓ ଦକ୍ଷିଣ ଭାରତରେ କିଛି ପରିମାଣରେ କମିଯାଏ । କିନ୍ତୁ ଆରାବଳୀ ପର୍ବତମାଳାର ଅନୁପସ୍ଥିତି ଫଳରେ ଶୀତ ଲହରୀର ପ୍ରଭାବ ଆହୁରି ଅଧିକ ରହିବା ସହ ଅଧିକ ଦିନ ଶୀତ ଅନୁଭୂତ ହୋଇପାରେ ।

### ବାଂଲାଦେଶରେ ଆଉ ଜଣେ ...

କାରଣ ଜଣାପଡ଼ିନାହିଁ । ଗତ ଦୁଇ ସପ୍ତାହ ମଧ୍ୟରେ ଏହାକୁ ମିଶାଇ ହିନ୍ଦୁ ସଂପ୍ରଦାୟର ତିନି ଜଣଙ୍କୁ ହତ୍ୟା କରାଗଲାଣି । ଗତ ୧୮ ତାରିଖରେ ଦୀପୁ ଦାସ ନାମକ ଜଣେ ଯୁବକଙ୍କୁ କେତେକ ଲୋକ ପିଟିପିଟି ହତ୍ୟା କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦେଇଥିଲେ । ଏହାକୁ ନେଇ ଦେଶ ଭିତରେ ଓ ବାହାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାର କିଛି ଦିନ ପରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ମଧ୍ୟ ପିଟିପିଟି ହତ୍ୟା କରାଯାଇଥିଲା । ଏହି ଘଟଣାରେ କିଛି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଭାରତଏହି ଘଟଣା ନେଇ ପ୍ରତିବାଦ ଜଣାଇଥିଲା । ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସଂପ୍ରଦାୟର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଲାଗି ଭାରତ ସରକାର ପରାମର୍ଶ ଦେଇଥିଲା । ତଥାପି ଗତକାଲି ପୁଣି କିଛି ହିନ୍ଦୁ ସଂପ୍ରଦାୟର ଲୋକଙ୍କ ଘରେ ମଧ୍ୟ ନିଆଁ ଲଗାଇ ଦିଆଯାଇଥିଲା ।

ଏହିସବୁ ଘଟଣା ନେଇ ଭାରତ ଓ ବାଂଲାଦେଶ ମଧ୍ୟରେ ସଂପର୍କ ତିକ୍ତ ହୋଇଛି । ବାଂଲାଦେଶରେ ହିଂସା ନେଇ ଭାରତ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ ବାଂଲାଦେଶ ସରକାର ଓଲଟା ଭାରତ ବିରୋଧରେ ଅଭିଯୋଗ କରୁଛି । ଢାକାରେ ଭାରତର ହାଇକମିସନ ଅଫିସ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବିଭିନ୍ନ ଚରମପନ୍ଥୀ ସଂଗଠନ । ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣର ବିରୋଧ କରି ଦିଲ୍ଲୀରେ ମଧ୍ୟ ବାଂଲା ହାଇକମିସନ ସମ୍ମୁଖରେ ବିକ୍ଷୋଭ କରିଛନ୍ତି ବିଭିନ୍ନ ସଂଗଠନ । ଏଥିପାଇଁ ଉଭୟ ଭାରତ ଓ ବାଂଲାଦେଶ ପରସ୍ପର ଦେଶର ହାଇ କମିସନରଙ୍କୁ ସମନ୍ କରି ନିଜ ନିଜର ଉଦବେଗ ଜଣାଇଛନ୍ତି । ଏଭଳି ପରିସ୍ଥିତି ମଧ୍ୟରେ ବାଂଲାଦେଶ ସରକାର ନୂଆଦିଲ୍ଲୀ ସ୍ଥିତ ଏହାର ହାଇକମିସନରଙ୍କୁ ଗତକାଲି ଡାକିନେଇଛି । ଦୁଇ ଦେଶ ମଧ୍ୟରେ ବିଗୁଡୁଥିବା ସଂପର୍କ ନେଇ ବିଚାର ଆଲୋଚନା ପାଇଁ ବାଂଲାଦେଶ ଏହାର କମିସନର ରିଆଜ ହମିଦୁଲ୍ଲାଙ୍କୁ ଡାକିଥିବା ଜଣାପଡ଼ିଛି । ଢକରା ପାଇଁ ରିଆଜ ଗତକାଲି ସନ୍ଧ୍ୟାରେ ଢାକା ଯାଇଛନ୍ତି ।

### କଳି-କନ୍ଦଳ...

ବୋଲି ରାଜନୈତିକ ବିଶେଷଜ୍ଞ ଆକଳନ କରୁଛନ୍ତି । ଗତ ସାଧାରଣ ନିର୍ବାଚନରେ ବିଜେପିର ସଫଳତା ପଛରେ ନିଜ ସାଙ୍ଗଠନିକ ଶକ୍ତି ଅପେକ୍ଷା ପ୍ରତିପକ୍ଷ ବିରୋଧରେ ଅସନ୍ତୋଷ ପ୍ରମୁଖ କାରଣ ଥିବା ଏବେ ବି ଦଳର ଶୀର୍ଷ ନେତୃତ୍ୱ ବିଶ୍ୱାସ କରନ୍ତି । ରାଜ୍ୟର ପ୍ରମୁଖ ନେତାମାନେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି । ତୃଣମୂଳସ୍ତରରେ ବିଜେପି ଏଯାଏ ପହଞ୍ଚି ପାରିନାହିଁ ଓ ସଙ୍ଗଠନ ମଧ୍ୟ ସେତେ ସୁଦୃଢ଼ ନାହିଁ । ଯାହା ଦଳ ପାଇଁ ବଡ଼ ଆହ୍ୱାନ ହୋଇପାରେ । ଏହା ସହ ରାଜ୍ୟରେ ସାଧାରଣ ଲୋକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଜନିତ ରୋଷ ଶାସକ ଦଳକୁ ଅଡୁଆ ପରିସ୍ଥିତିରେ ପକାଇପାରେ ବୋଲି ମଧ୍ୟ ଆକଳନ କରାଯାଉଛି ।

ବିଜେପି ପରି ବିଜେଡି ପାଇଁ ମଧ୍ୟ ୨୦୨୬ ଆହ୍ୱାନର ବର୍ଷ ହେବ । ୨୦୨୪ ସାଧାରଣ ନିର୍ବାଚନ ଓ ୨୦୨୫ ନୂଆପଡ଼ା ପରାଜୟ ସତ୍ତ୍ୱେ ବିଜେଡି ସାରା ରାଜ୍ୟରେ ପ୍ରାଧାନ୍ୟ ରଖିଛି । ୨୦୨୫ରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସାମାନ୍ୟ ମନ୍ଥର ହୋଇଥିଲେ ବି ବର୍ଷ ଶେଷ ବେଳକୁ ପୁନର୍ବାର ଦଳ ସକ୍ରିୟ ହୋଇଛି । ଦଳର ସଭାପତି ନବୀନ ପଟ୍ଟନାୟକ ନିଜେ ଦଳର ମଙ୍ଗ ଧରିବା ସହ ଜିଲ୍ଲାସ୍ତରରେ କମିଟି ପୁନର୍ଗଠନ ଆରମ୍ଭ କରିଛନ୍ତି । ଜଣେ ବା ଦୁଇଜଣ ନେତାଙ୍କୁ ନେଇ ବିଜେଡି ଗଠିତ ନୁହେଁ ବୋଲି ଦଳର ସୁପ୍ରିମୋଙ୍କ ଇଙ୍ଗିତ ଅନେକ ଗୁରୁତ୍ୱ ବହନ କରୁଛି । ଦୁଇ ଛାମୁଆ ସଙ୍ଗଠନ ଯୁବ ଓ ଛାତ୍ର ବିଜେଡିର ପୁନର୍ଗଠନ ପରେ ଖୁବଶୀଘ୍ର ବ୍ଲକ ଓ ପଞ୍ଚାୟତ ସ୍ତରରେ ମଧ୍ୟ ପରିବର୍ତ୍ତନ ଆରମ୍ଭ ହେବ । ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦୀୟ ୧୮ ମାସର ବିଜେପି ସରକାର ବିରୋଧରେ ଜନସାଧାରଣଙ୍କ ରୋଷକୁ ନିଜ ସପକ୍ଷକୁ ନେବାକୁ ବିଜେଡି ପୁରା ଉଦ୍ୟମ କରିବ ବୋଲି କୁହାଯାଉଛି । ସାରା ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରିଥିବା ବିଜେଡି ଦୀର୍ଘ ୨୪ ବର୍ଷ ଶାସନ ଓ ସଙ୍ଗଠନର ଅଭିଜ୍ଞତାକୁ ଉପଯୋଗ କରି ଆଗକୁ ବଢ଼ିବାକୁ ଉଦ୍ୟମ କରିବ । ଦ୍ୱିତୀୟ ପିଢ଼ି ଓ ତୃତୀୟ ପିଢ଼ି ନେତାଙ୍କ ମଧ୍ୟରେ ଦଳ ଯଦି ଉପଯୁକ୍ତ ସମନ୍ୱୟ ରଖିପାରିଲା, ତେବେ ୨୦୨୭ ରେ ଦଳର ସଫଳତାକୁ କେହି ରୋକି ପାରିବେ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

ଅପରପକ୍ଷେ ଭକ୍ତଚରଣ ଦାସ ପିସିସି ମୁଖିଆ ହେବା ପରେ କଂଗ୍ରେସ ମଧ୍ୟରେ ଦେଖିବାକୁ ମିଳିଥିବା ନୂଆ ଉତ୍ସାହରେ ଏବେ ଭଟ୍ଟା ପଡ଼ିଛି । ୨୦୨୫ ପ୍ରଥମାର୍ଦ୍ଧରେ ଦଳ ଯେପରି ଏକାଠି ଦେଖାଯାଉଥିଲା, ବର୍ଷ ଶେଷ ବେଳକୁ ତାହା ସେପରି ସ୍ଥିତିରେ ନାହିଁ । କିଛି ମାସ ମଧ୍ୟରେ କଂଗ୍ରେସର ଆଭ୍ୟନ୍ତରୀଣ ରାଜନୀତି ଓ କନ୍ଦଳ ଅଧିକ ତୀବ୍ର ହୋଇଛି । ଯାହା ଉଭୟ ଭକ୍ତ ଏବଂ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ବିଶେଷକରି କଂଗ୍ରେସର ପୁରୁଣା ବିରୋଧ ଓ ମେଳି ରୋଗ ଦଳକୁ ପୁଣି ପଛୁଆ କରି ଦେଇଛି । ବିଦାୟୀ ବର୍ଷରେ ଦଳୀୟ ନେତାଙ୍କୁ ସମାଲୋଚନା କରି ମୋକିମ୍‌ଙ୍କ ପରି ଟାଣୁଆ ନେତା ବିତାଡ଼ିତ ହୋଇଛନ୍ତି । ଏହି କ୍ରମରେ ୨୦୨୬ କେବଳ ଦଳର ସଭାପତି ନୁହନ୍ତି, କଂଗ୍ରେସ ପାଇଁ ବି ସବୁଠାରୁ ବଡ଼ ଆହ୍ୱାନର ବର୍ଷ ହେବ । କଂଗ୍ରେସକୁ ମଜବୁତ କରିବାକୁ ପିସିସି ସଭାପତିଙ୍କ ଏକଲା ଚଲୋ ନୀତି କେତେ ସଫଳ ହେବ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶାସକ ଦଳର ବିରୋଧରେ ଅସନ୍ତୋଷ ପରୋକ୍ଷରେ କଂଗ୍ରେସ ପ୍ରତି ସାଧାରଣ ଲୋକଙ୍କ ମନରେ ଦରଦ ସୃଷ୍ଟି କରିଥିଲେ ହେଁ ଏହାକୁ କେତେମାତ୍ରାରେ କଂଗ୍ରେସ ନିଜ ସପକ୍ଷକୁ ନେଇପାରିବ, ତାହା ୨୦୨୬ ସ୍ଥିର କରିବ ।

### ମହାପ୍ରଭୁ ଶୋଇବେ...

ଅନିଦ୍ରା ହେବେ । ବୁଧବାର ଅର୍ଥାତ ଡ଼ିସେମ୍ବର ୩୧ ରାତି ୧୧ଟା ସୁଦ୍ଧା ରାତ୍ର ପହୁଡ଼ ହେବ ଓ ରାତି ୨ଟାରେ ଦ୍ୱାରଫିଟା ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି । ନୂଆବର୍ଷ ପାଇଁ ଅର୍ଦ୍ଧରାତ୍ରିରୁ ମନ୍ଦିର ଖୋଲି ମହାପ୍ରଭୁଙ୍କୁ ଅନିଦ୍ରା ନ ରଖିବା ଲାଗି ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ ଗଜପତି ମହାରାଜା, ଆଇନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । କିନ୍ତୁ ଛତିଶା ନିଯୋଗ ପୂର୍ବରୁ ନିର୍ଘଣ୍ଟ କରିଥିବା ନୀତିକାନ୍ତି ଅନୁଯାୟୀ ନୀତି କରାଯିବ ବୋଲି ଜଣାପଡିଛି ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR.

O-1894

No.6835/RWDBNJ/Dated 24.12.2025

1ST CORRIGENDUM TO TENDER CALL NOTICE

IDENTIFICATION NO.21/RWDBNJ/2025-2026 T.O.LETTER NO. 6076 DATED.09.12.2025

The following modifications to the Online Tender/21/SERWBNJ/2025-2026 are made under unavoidable circumstances.

| Procurement officer | Bid Identification No. | Availability of Tender on line for bidding From | Availability of Tender on line for bidding To | Last date & Time of Seeking Tender clarification | Date of opening Technical BID |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | As per Office order | | | |
| Superintending Engineer, Rural Works Division, Bhanjanagar | Online Tender/21/RWDBNJ/2025-2026 | 22.12.2025 at 10.00 A.M. | 05.01.2026 Upto 5.00 P.M. | 03.01.2026 upto 3.00 P.M. | 07.01.2026 at 12.30 P.M. |
| | | As per 1ST Corrigendum | | | |
| | | 31.01.2025 at 10.00 AM | 12.01.2026 up to 5.00 PM | 10.01.2026 Upto 3.00 P.M. | 13.01.2026 at 12.30 P.M |

All other terms and conditions of the said tender call notice shall remain unchanged.

Executive Engineer
Rural Works Division, Bhanjanagar

OIPR-25174/11/0059/2526

MM-443

OFFICE OF THE DIVISIONAL FOREST OFFICER : ATHMALLIK (KL) DIVISION
AT- Haridanali, PO/PS-Athmallik, Dist.-Angul, Pin-759125
Email – dfo.kl.alk@gmail.com, Mob No.8280342716

Order No.183/ Date 30.12.2025

NOTICE INVITING TENDER

Bid Identification No. DFO (KL) ALK-04 (online) 2025-26

1. The Divisional Forest Officer, Athmallik (KL) Division, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work "Construction of Forester Quarter at Kadaligarh (KL) Range office Campus under Athmallik (KL) Division for the year 2025-26".
2. No. of Works : 1 No.
3. Nature of Works : Building works
4. Class of Contractor : 'C or D' Class
5. Estimated Cost : 16,53,040/-
6. Completion period : 2.5 Calendar Months
7. Availability of Bid documents : 31.12.2025 (5.00 PM) to 12.01.2026 (05.00 PM)
8. Last date for Receipt of Bids : 12.01.2025 up to 05.00 PM
9. Opening of Bids : 13.01.2025 at 11.00 AM.

Furter details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/-
Divisional Forest Officer
Athmallik (KL) Division

OIPR-08155/11/0007/2526

OFFICE OF THE PANCHAYAT SAMITI: KALYANSINGHPUR
DIST.- RAYAGADA, PIN-765016, ODISHA

i-444

Email: ori-kalyansinghpur@nic.in

INVITATION FOR BIDS (I.F.B)
e-Procurement Notice
IDENTIFICATION No. PS- KAL, No. 02 of 2025-26
Tender Notification No. 3605, Dated 29.12.2025

The Block Development Officer, Kalyansinghpur, Rayagada invites Percentage Rate bid in Single Cover System in ONLINE MODE for the construction of Gram Panchayat level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.

1) No. of works :02 (Two) No.
2) Estimated Cost :Rs.24.02 lakhs to Rs.24.17 lakhs
3) Cost of Tender paper :Rs.6000/-(Rupees Six Thousand)only for each work
4) Class of Contractor :" D & C" Class
5) Date of Time of available in web site & receipt online :11:00 Hrs. of 02.01.2026 to 17.00 Hrs. of 16.01.2026
6) Date of opening of Technical Bid :11:30 Hrs. of 17.01.2026

The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.

Any Corrigendum / Addendum will be displayed in the website https://tendersodisha.gov.in only

Block Development Officer
Kalayansinghpur

OIPR-19432/11/0003/2526

OFFICE OF THE REGULATED MARKET COMMITTEE
AT/PO-ATTABIRA, DIST-BARGARH (ODISHA), PIN-76
Email-ID- attabirarmc@gmail.com

➢ ନିୟନ୍ତ୍ରିତ ବଜାର କମିଟି, ଅତାବିରା ଜିଲ୍ଲା ବରଗଡ ଅଧିନସ୍ଥ ଚାଷୀ, ବ୍ୟବସାୟୀ ତଥା ଶୁଭେଚ୍ଛୁ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ । ଏହି ବଜାର କମିଟିର ୧୯ ଗୋଟି ସ୍ଥାୟି ବଜାର ପ୍ରାଙ୍ଗଣ ଯଥା- ଅତାବିରା, ଭେଡେନ, ଗୋଚରଗା, ଗୌରଟିକିରା, ଜାଙ୍ଗେଡ, କାଠତେରା, ଖରମୁଣ୍ଡା, କାଡେବାହାଲ, ଖୁଣ୍ଟଲିପାଲି, ଲରମ୍ବା, ମହୁଲପାଲି, ପାହାଡଶ୍ରୀଗିଡା, ପପଙ୍ଗା, ପଡ୍ଡାପାଲି, ରେଙ୍ଗମ, ଗୁଣ୍ଡୁଚା, ସହରାଟିକିରା, ଡେବ୍ରିଟିକିରା ଓ ଝରାପାଲି ଏବଂ ୩୧ ଗୋଟି ଅସ୍ଥାୟି କେନ୍ଦ୍ର- ଅର୍ଜୁଣ୍ଡା, ଅରେଇଗୁଡି, ଚିଚିଣ୍ଡା, ରେମୁଣ୍ଡା, ସାମଲ କେ. ଏଫ. ସି. ଏସ, ସିଆଲଖଣ୍ଡହତା, ସାଲେପାଲି, ପଧାନପାଲି, ବରପଦର, ସିଘେନପାଲି, ବସେଇକେଲା, ଜାମପାଲି, ହାତିପାଲି ସୁନାଲରମ୍ବା, ଡାଙ୍ଗପାଲି, କନ୍ଦୁପଡା, ଝିଲମିଣ୍ଡା, କୁଲୁଣ୍ଡା, ଲଡଲା, ଲହଣ୍ଡା, ମନାପଡା, ସିଙ୍ଗପାଲି, ଟାଙ୍ଗରପାଲି, ତାଲପତରଟିକିରା, ଟୋପ, ବଡପିପଲିପାଲି, ବଢ଼ି, ଗୁରଖାପାଲି, ଲଟିଦା, କୁଦୋପାଲି ଓ କୁଡେଇଡେଗା ଗୁଡିକରେ ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା ରହିଅଛି । ଏଣୁ ଚାଷୀ ଭାଇମାନେ ଏହିସବୁ ଧାନ ସଂଗ୍ରହ କେନ୍ଦ୍ରଗୁଡିକୁ ଧାନ ଆଣି ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରାପ୍ତ କରି ଲାଭବାନ ହୋଇ ନିୟନ୍ତ୍ରିତ ବଜାର କମିଟି, ଅତାବିରା କୁ ଏକ ଉନ୍ନତ ସମୃଦ୍ଧ ନିୟନ୍ତ୍ରିତ ବଜାର କମିଟି ଭାବରେ ଗଢି ତୋଳିବା ପାଇଁ ଏହି ଅଂଚଳର ସମସ୍ତ ଚାଷୀ ଭାଇମାନଙ୍କ ଅକୁଣ୍ଠ ସାହାଯ୍ୟ ସହଯୋଗ କାମନା କରୁଅଛି ।

➢ ଇ-ନାମ ମାଧ୍ୟମରେ ପନିପରିବା ବିକ୍ରୟ କରି ଲାଭବାନ ହୁଅନ୍ତୁ ।

ଉପରୋକ୍ତ ଦର କେବଳ ଗ୍ରହଣ ଉପଯୋଗୀ ହୋଇଥିବା ସୁସ୍ଥ, ଶୁଖିଲା, ସୁସ୍ଥ ଏବଂ ଏକବର୍ଣ୍ଣ ସମାନ ଆକାରର ଧାନ ପାଇଁ ଏବଂ ସେଥିରେ ମଳିନତା, ପୋକିଲା, ଦୁର୍ଗନ୍ଧ ଓ ବୈଷମ୍ୟ ଧାନ ନଥିବା ଉଚିତ । ଏକ କିସମର ଧାନରେ ଅନ୍ୟ ନିକୃଷ୍ଟ ଧାନର ମିଶ୍ରଣ ନଥିବା ଉଚିତ । ପୁନଶ୍ଚ ଧାନର ଆର୍ଦ୍ରତା (ଜଳୀୟ ଅଂଶ) ଶତକଡା ୧୭ ଭାଗରୁ ଅଧିକ ନଥିବା ଉଚିତ । ତେଣୁ ଚାଷୀ ଭାଇ ଭଉଣୀ ମାନଙ୍କୁ ଅନୁରୋଧ ଯେ ଧାନକୁ ଭଲ ଭାବେ ସୁଖାଇ ସଫା କରି କ୍ରୟ କେନ୍ଦ୍ର କୁ ବିକ୍ରୟ ପାଇଁ ଆଣିବେ ।

| କ୍ର.ନଂ | ଧାନରେ ମିଶ୍ରଣ ଥିବା ଅପରିଷ୍କୃତ ଆଦି | ସର୍ବୋଚ୍ଚ ପରିମାଣ | କ୍ୱି. ପ୍ରତି |
|---|---|---|---|
| ୧ | ବାହ୍ୟ ବସ୍ତୁ (କ) ଅଜୈବିକ (ମାଟି. ଗୁଣ୍ଡ, ଗୋଡି, ବାଲି, ପଥର , ଧୂଳି | ୧% | ୧ କି.ଗ୍ରା |
| | (ଖ) ଜୈବିକ (ପୋଲ, ଅଗାଡି, କାଠି, କୁଟା ଏବଂ ଧୂଷ | ୧% | ୧ କି.ଗ୍ରା |
| ୨ | ନଷ୍ଟ, ବେରଙ୍ଗୀ ଗଜା ଉଠିଥିବା, ପୋକିଲା | ୫% | ୫ କି.ଗ୍ରା |
| ୩ | ଅପରିପକ୍ୱ, ସଙ୍କୁଚିତ, କଂଚା ସବୁଜ, ବଂଧ୍ୟା | ୩% | ୩ କି.ଗ୍ରା |
| ୪ | ସରୁ ଧାନରେ ମିଶିଥିବା ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬% | ୬ କି.ଗ୍ରା |
| ୫ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% | |

ଶ୍ରୀ ଅଙ୍କିତ ପଣ୍ଡା, ଓ.ଆର.ସ, ସବ-ରେଜିଷ୍ଟ୍ରାର, ଅତାବିରା
ତଥା-ସଂପାଦକ
ନିୟନ୍ତ୍ରିତ ବଜାର କମିଟି, ଅତାବିରା

ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ, OAS Gr. A(SB)
ଉପ-ଜିଲ୍ଲାପାଳ, ବରଗଡ-ତଥା ଅଧକ୍ଷ
ନିୟନ୍ତ୍ରିତ ବଜାର କମିଟି, ଅତାବିରା

NOTICE

By virtue of an affidavit sworn before the Executive Magistrate, Balangir, dated 29.12.2025 , Kailasha Mutkia, s/o. Dasharath Mutkia, Address- At: Beherapali, Ward No.9, Balangir, PO/PS. Balangir, Dist. Balangir- 767001 (Odisha), declare that I have changed my name from Kailash Mujhkia, Slo. Dasarath Mujhakia to Kailasha Mutkia, s/o. Dasharath Mutkia. Henceforth, I shall be known as Kailasha Mutkia, s/o. Dasharath Mutkia for all purposes.

AFFIDAVIT

By virtue of an affidavit sworn before the Executuve Magistrate, Nabarangpur, vide no 1133, dated. 29.12.2025 I, SABHAN GARADA , S/o - Gagan Bihari Garada, At Village- Amalabhata, PO. - Tentulikhunti, PS.- Tentulikhunti, Dist- Nabarangpur, Odisha, Pin - 764070, declare that I have changed my name from SHOVAN GARADA to SABHAN GARADA. Henceforth, I shall be known as **SABHAN GARADA** for all purposes.

Sd/- SABHAN GARADA

AFFIDAVIT

By virtue of an affidavit sworn before the Executive Magistrate, Nabarangpur, vide no 1131, dated 29.12.2025 I, KAMALA MAJHI, W/o - Chaitanya Majhi , Resident of Village - Mundagada, PO- Bhatigam, PS - Kodinga, Dist- Nabarangpur, Odisha, Pin - 764063, declare that I have changed the name of my Daughter from M.BATI MAJHI to HEMABATI MAJHI. Henceforth, She shall be known as **HEMABATI MAJHI** for all purposes.

Sd/- Kamala Majhi

AFFIDAVIT

I, Namita Patra, Vill: Orada, P.O. Tusar, P.S. Kiakata, Dist.: Angul, Odisha - 759126, hereby declare that I have changed my minor daughter's name from Priyanka Patra to Ankita Patra vide affidavit No. 1008 before the Executive Magistrate, Rairakhol on 30.12.2025. Henceforth, she shall be known as **Ankita Patra** for all purposes.

Sd/- Namita Patra

NOTICE

By virtue of an affidavit sworn before Executive Magistrate, Bhubaneswar vide Serial No. 80 dt.24.09.2025 I,SAIKH JUNED resident of At-Singada, PO- Barimunda, P.S.- Mancheswar, Dist.: Khordha, Odisha declare that I have changed my name from SEKHA JUNETH to SAIKH JUNED.Henceforth I shall be known as **SAIKH JUNED** for all purposes.

(SAIKH JUNED)

AFFIDAVIT

By virtue of an affidavit (SL No. 10274, dt- 18/12/2025) sworn before The Executive Magistrate, Cuttack. I, **Yagnaseni Panda,** W/o- Ansuman Tripathy, permanent resident of At- Nuapada New Colony, PO- Nayabazar, PS- Madhupatana, Dist- Cuttack, PIN- 753004, Odisha declare that I have changed my name from **Jagyanseni Panda** to **Yagnaseni Panda.** Henceforth, I shall be known as **Yagnaseni Panda** (new name) for all purposes.

Yagnaseni Panda

DOCUMENTS LOST

Notice is hereby given that Mr. Rabinarayan Sarangi has purchased the full plot from Mr. Prafulla Kumar Mishra and had collected the original ROR (Khata No. 535/127) and Sale Deed from him.The said original ROR and Sale Deed standing in the name of Mr. Prafulla Kumar Mishra have been lost/misplaced at Dhenkanal. **If found, please contact: Mob: +91 99371 52416**

AFFIDAVIT

By virtue of an affidavit (CF No. 01, dtd- 30/12/2025) sworn before the Executive Magistrate, Padampur. I, **Pratapsing Jagat,** S/o- Bidyadhar Jagat, permanent & current resident of AT- Bilaspir, PO- Bilaspur, PS- Jharbandh, Dist- Bargarh, PIN- 768042, Odisha declare that I have changed my name from **Chandan Jagat to Pratapsing Jagat.** Henceforth, I shall be known as **Pratapsing Jagat** (new name) for all purposes.

Pratapsingh Jagat

AFFIDAVIT

By virtue of an affidavit sworn before The Executive Magistrate, Bhubaneswar, CF.NO- 09, dated 30-12-2025 I, **KARALA SUNITA CHOUDHARY,** Permanent resident of At- Krushnacharan pur, Gundura Po- Gundra, PS- Jarada, Dist- Ganjam, State- Odisha, PIN- 761005, declare that I have changed my name from **SUNITA SISTU** (Old name) to **KARALA SUNITA CHOUDHARY** (New name), Henceforth, I shall be known as **KARALA SUNITA CHOUDHARY** for all purposes.

Sd- KARALA SUNITA CHOUDHARY

AFFIDAVIT

By virtue of an affidavit before the Notary Public, Titilagarh, on dated- 30/12/2025. I, **Haripriya Chhatar** (new name), formerly called as **Haripriya Kata** (old name), W/o- Jayanta Kata, permanent resident of C/o Jayanta Kata, Ward No.6, Gauntiapada, VTC: Kesinga, PO: Kesinga, Sub District: Kesinga, Dist: Kalahandi, PIN: 766012, Odisha now residing at the same place declare that I have changed my name from **Haripriya Kata** to **Haripriya Chhatar.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Haripriya Chhatar** (new name) for all future purposes.

Haripriya Chhatar

ହଜିଛି

ମୁଁ **ଶ୍ରୀ ଚନ୍ଦ୍ରଶେଖର ମହାନ୍ତି,** ପିତା: ଶ୍ରୀ ପିତାମ୍ବର ମହାନ୍ତି, ଗ୍ରାମ: ଦହିସଡ଼ା, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ଘୋଷଣା କରୁଅଛି କି ମହେଶ୍ୱର ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ସର୍ବେଶ୍ୱର ମହାନ୍ତି, ସମସ୍ତଙ୍କ ପିତା: ଶ୍ରୀ ପିତାମ୍ବର ମହାନ୍ତିଙ୍କ ନାମରେ ମିଳିତ ରେକର୍ଡଭୁକ୍ତ ସମ୍ପତ୍ତିର ପଟ୍ଟା ଯାହାର ଖାତା ନଂ: ୧୦୨/୬୦, ପ୍ଲଟ୍ ନଂ: ୨୩୨, ୨୩୩, ୨୩୪, ମୋଟ କ୍ଷେତ୍ର: ୦.୩୪୦ ଏକର ଅଟେ । ଏହି ସମ୍ପତ୍ତିର ମୂଳ ଲିଙ୍କ୍ ଦଲିଲ ନଂ: ୧୦୧୪୧୧୦୨୯୧୨ ତା୨୬.୦୮.୨୦୧୧ରିଖ ଯାହାକି କାଳନ୍ଦୀ ଚରଣ ମାଝୀ (ପୂର୍ବତନ ବିକ୍ରେତା) ଙ୍କ ନାମରେ ଅଛି ତାହା ତା୨୧.୦୭.୨୦୨୨ରିଖରେ ମୋର ନିଜ ଗ୍ରାମରୁ ସୋରୋ ଯିବା ସମୟରେ କେଉଁଠାରେ ହଜିଯାଇଛି । ବର୍ତ୍ତମାନ ମୁଁ ଖାତା ନଂ: ୧୦୨/୬୦, ପ୍ଲଟ ନଂ: ୨୩୨, ୨୩୩, ୨୩୪, ମୌଜା: ନାୟକବନ୍ଧ, ଥାନା: ସୋରୋ, ନଂ: ୨୭୧, ତହସିଲ: ବାହାନଗା, କଲେକ୍ଟରେଟ-ବାଲେଶ୍ୱର ସମ୍ପତ୍ତିକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ବନ୍ଧକ ରଖି ଋଣ ନିମନ୍ତେ ଆବେଦନ କରିଛି । ଯଦି କୌଣସି ବ୍ୟକ୍ତିଙ୍କର ଏହି ସମ୍ପତ୍ତି ଉପରେ କୌଣସି ଦାବି / ଅଭିଯୋଗ ଥାଏ ତେବେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ନିଜର ପକ୍ଷ ରଖିପାରିବେ ।

AFFIDAVIT

By virtue of an affidavit before the Notary Public, Khordha vide Sl. No. 2827, dtd- 24/12/2025. I **Kamalinee Swain,** W/o- Akshaya Kumar Samantsinghar, resident of Vill- Goudaput, Po- Sarua, Ps/Dist- Khordha, Odisha have changed my name from **Kamalinee Swain to Kamalinee Samantsinghar.** Henceforth, I shall be known as **Kamalinee Samantsinghar** for all purpose.

Kamalinee Samantsinghar

## ଦୁଇ ଗାଁ ବିବାଦରୁ ଏମ୍‌ଭି-୨୬ ଗ୍ରାମ କ୍ଷତିଗ୍ରସ୍ତ ହେବା ଘଟଣା

# ବ୍ୟାଙ୍କ ଋଣ ଛାଡ଼ ପାଇଁ ଦାବି କଲେ ମହିଳା

କୋରୁକୋଣ୍ଡା, ୩୦।୧୨(ସମିସ)

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମାରିବେଡା ପଞ୍ଚାୟତ ଅନ୍ତର୍ଗତ ଏମଭି-୨୬ ଗ୍ରାମରେ ଚଳିତ ଡିସେମ୍ବର ମାସ ୮ ତାରିଖରେ ହୋଇଥିବା ଅଘଟଣରେ ଗ୍ରାମବାସୀଙ୍କ ଘର ଦ୍ୱାର ସମ୍ପୂର୍ଣ୍ଣ ଜଳି ପୋଡି ନଷ୍ଟ ହୋଇଥିଲା। ଘରର ଆସବାବପତ୍ର ଠାରୁ ଆରମ୍ଭ କରି ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ଗୁଡିକ ମଧ୍ୟ ଜଳି କ୍ଷତିଗ୍ରସ୍ତ ହୋଇଥିଲା। ତେବେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମବାସୀଙ୍କ କ୍ଷୟକ୍ଷତି ପୂରଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ଗ୍ରାମରେ ରହିଥିବା ୨୦ ଗୋଟି ଏସ୍‌ଏଚ୍‌ଜି ଗ୍ରୁପ ବ୍ୟାଙ୍କରୁ ଲୋନ ନେଇଥିବା ବେଳେ ତାହା କିପରି ପରିଶୋଧ କରିବେ, ସେନେଇ ଆଜି ଏମଭି-୨୬ ଗ୍ରାମବାସୀ ପ୍ରଥମେ କୋରୁକୋଣ୍ଡା ସ୍ଥିତ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରୁ କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟକୁ ଯାଇ ସେଠାରେ ବ୍ଲକ ପ୍ରଶାସନ ନିକଟରେ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଗ୍ରାମରେ ପାଖାପାଖି ୨୦୦ ରୁ ଅଧିକ ମହିଳା ରହିଥିବାବେଳେ ସେମାନେ ବିଗତ ଦିନରେ ନିଜ ନିଜର ଏସ୍‌ଏଚ୍‌ଜି ଗ୍ରୁପ ମାଧ୍ୟମରେ ନିଜେ କିପରି କାର୍ଯ୍ୟ କରି ସ୍ୱାବଲମ୍ବୀ ହେବେ ସେନେଇ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କାର ଋଣ ଉଠାଇଥିଲେ। ତେବେ ସେମାନଙ୍କର ଘରଦ୍ୱାର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯିବା ସହ ଆବଶ୍ୟକୀୟ କାଗଜପତ୍ର ମଧ୍ୟ ପୋଡି ପାଉଁଶ ହୋଇଗଲା। ତେଣୁ ସେମାନେ ବର୍ତ୍ତମାନ ଗ୍ରୁପ ଋଣ ପରିଶୋଧ କରିବାରେ ଅକ୍ଷମ। ତେଣୁ ସେମାନଙ୍କ ଏହି ଗ୍ରୁପ ଋଣ ଗୁଡିକୁ ଛାଡ଼ କରିବା ନିମନ୍ତେ ଗ୍ରାମର ଶତାଧିକ ମହିଳା ଏକ ଲିଖିତ ଦାବିପତ୍ର ମାଧ୍ୟମରେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଆଜି ଗ୍ରାମର ଶତାଧିକ ମହିଳା ବ୍ଲକ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ ନିମନ୍ତେ ଆସିଥିଲେ। ବ୍ଲକ ବିଡ଼ିଓ ଅମୂଲ୍ୟ କୁମାର ସାହୁ ଉପସ୍ଥିତ ନଥିବାରୁ ବ୍ଲକ ବରିଷ୍ଠ କିରାଣୀ ଜନାର୍ଦ୍ଦନ ହନ୍ତାଳଙ୍କୁ ଭେଟି ନିଜର ଦାବିପତ୍ର ପ୍ରଦାନ କରି ନିଜର ସମସ୍ୟା ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ଲକ୍ଷ୍ମୀରାଣୀ ସରକାର, ଜମୁନା ମଣ୍ଡଳ, ସରସ୍ୱତୀ ମଣ୍ଡଳ, ସୀମା ମଣ୍ଡଳ, ବାସନ୍ତୀ ସରକାର, ବିନୀତା ହାଲଦାର, ସରସ୍ୱତୀ ବେପାରୀ, ରାଖୀ ଦାସ, ହେମଲତା ଦାସ, ଅନିତା ରାୟ, ଲତିକା ବେପାରୀଙ୍କ ସମେତ ଗ୍ରାମର ଶତାଧିକ ମହିଳା ଉପସ୍ଥିତ ଥିଲେ।



## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

**କୋରୁକୋଣ୍ଡା, ୩୦।୧୨(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଦୁଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ରେଳ ବିଭାଗ ଅଡିଟୋରିୟମ ଠାରେ ଏକ କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଦୁଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତ ଅଧିନସ୍ଥ କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବସନ୍ତ କୁମାର ରଣାଙ୍କ ସହ କୋରାପୁଟ ଜିଲ୍ଲାର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷକ ତରୁଣ କୁମାର ଦାଶଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝି ପୁଷ୍ପଗୁଚ୍ଛ, ମୋମେଣ୍ଟୋ ସହ ଉତ୍ତରୀୟ ଦେଇ ଦୁଇ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତି ପରିଡ଼ା, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ବିଭିନ୍ନ ବିଭାଗର ସଚିବ ମାନେ ମଧ୍ୟ ଉପସ୍ଥିତ ଥିଲେ। ସୂଚନା ଥାଉକି ଅବିଭକ୍ତ କୋରାପୁଟ ଜିଲ୍ଲାର ଦୁଇ ଶିକ୍ଷକ ବସନ୍ତ କୁମାର ରଣା ଏବଂ ତରୁଣ କୁମାର ଦାଶଙ୍କ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ସେପ୍ଟେମ୍ବର ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରସ୍କୃତ କରିଥିଲେ।



# ଦଉଡ଼ି ବୁଣାକାରଙ୍କ ସମସ୍ୟା ସମାଧାନ ଦାବି

**କୋଷାଗୁମୁଡା, ୩୦।୧୨(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ସନ୍ତୋଷପୁର ପଞ୍ଚାୟତର ସରାଳଧନୁଆ ଗ୍ରାମରେ ୩୦ ଗୋଟି ପରିବାରର ୧୫୦ରୁ ଅଧିକ ଲୋକ ରହି ଆସୁଛନ୍ତି। ଏହି ସରାଳଧନୁଆର ୩୦ ଗୋଟି ପରିବାରଙ୍କ ଜୀବିକା ନିର୍ବାହର ଏକ ପନ୍ଥା ହେଲା ପ୍ଲାଷ୍ଟିକ ଜରି ବସ୍ତାର ସୂତାରେ ତିଆରି ରସି ବିକ୍ରି କରି ପେଟ ପୋଷିବା। ଏହି ଗ୍ରାମରେ ପ୍ରାୟ ୮୦ ବର୍ଷରୁ ଅଧିକ ଦିନ ହେଲା ଲୋକେ କେବଳ ଦଉଡ଼ି ତିଆରି କରି ଆସୁଛନ୍ତି। ଯାହାକି ସେମାନଙ୍କର କୌଳିକ ବୃତ୍ତି ଓ ସେହି ଦଉଡି ପ୍ରତ୍ୟେକ ଦିନ ତିଆରି କରି ବିକ୍ରି କଲେ ଯାଇ ଦୁଇ ଓଳି ଖାଇବାକୁ ମିଳୁଛି ଓ ସେମିତି କାହାର ଆର୍ଥିକ ସ୍ୱଚ୍ଛଳତା ନାହିଁ ବୋଲି ଦଉଡି ବୁଣାକାରମାନେ କହିଛନ୍ତି। କୋରନା ମହାମାରୀ ସମୟରେ ମଧ୍ୟ ନିଜ ପରିବାରର ସଦସ୍ୟଙ୍କ ପେଟକୁ ଦୁଇ ଓଳି ଖାଦ୍ୟ ଯୋଗାଇବା ପାଇଁ ଦୈନିକ ଏହି ଦଉଡ଼ି ତିଆରି କରିବାକୁ ପଡ଼ିଥିଲା। ସେମାନେ ନବରଙ୍ଗପୁର ଓ ପଡ଼ୋଶୀ ସହର ଜଗଦଲପୁର(ଛତିଶଗଡ଼ ରାଜ୍ୟ) ଠାରୁ ଜରିବସ୍ତା ଗୋଟିକୁ ଦୁଇ ଟଙ୍କାରୁ ପାଞ୍ଚ ଟଙ୍କା ମୂଲ୍ୟରେ କିଣି ଗୋଟିଏ ଦଉଡି ପ୍ରସ୍ତୁତ ପାଇଁ ଶହେରୁ ଶେହ କୋଡିଏ ଟଙ୍କା ବିନିଯୋଗରେ ୪୦ ହାତର ଗୋଟିଏ ଦୌଡି ତିଆରି ହେଉଛି। ଏହାକୁ ଗାଈ, ଛେଳି, ମେଣ୍ଢା, ମଇଁଷିଙ୍କ ବେକ ପାଇଁ ଦଉଡ଼ି, କୂଅ ପାଇଁ ବ୍ୟବହୃତ ଏପରି ଦଉଡ଼ି ପ୍ରସ୍ତୁତ କରି ବଜାର ଓ ସ୍ଥାନୀୟ ସାପ୍ତାହିକ ବଜାର ହାଟରେ ଶହେ ପଚାଶରୁ ଦୁଇଶହ ଟଙ୍କାରେ ସ୍ୱଳ୍ପ ଲାଭରେ କାହିଁ ବିକ୍ରି କରୁଛନ୍ତି। ଏଥିରୁ ମୁଠାଏ ଖାଇବା ଖର୍ଚ୍ଚ ହିଁ ବାହାରୁଛି ବୋଲି ଦଉଡ଼ି ବୁଣାକାର ମାନେ ମନ୍ତବ୍ୟ ଦେଇଛନ୍ତି। ସେମାନଙ୍କ ଏହି କୌଳିକ ବୃତ୍ତିର ଉନ୍ନତି ପାଇଁ ସ୍ଥାନୀୟ ପ୍ରଶାସନ ଓ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଏହା ଆଗରୁ ଲିଖିତ ଓ ମୌଖିକ ଭାବେ ରାଜନେତା ଓ ସରକାରୀ ବାବୁଙ୍କୁ ନିବେଦନ କରି ଅସଫଳ ହୋଇଛନ୍ତି ବୋଲି ଦଉଡି ବୁଣାକାର ଗ୍ରାମବାସୀ କହିଛନ୍ତି। ତୁରନ୍ତ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବାକୁ ବୁଣାକାର ପରିବାର ପକ୍ଷରୁ ନିବେଦନ କରାଯାଇଛି। ଏହି ସରାଳଧନୁଆର ଦଉଡ଼ି ବୁଣାକାର ମାନେ ହେଲେ, ମଙ୍ଗତୁ ମାଙ୍ଗଲୀ, ଗୁଟୁ ମାଙ୍ଗଲୀ, ଜଗତ ମଙ୍ଗୋଲି, କମୁଲୁ ମାଙ୍ଗଲୀ, ସଦାଶିବ ମାଙ୍ଗଲୀ, ଦୟାରାମ ମାଙ୍ଗଲୀ, ହାଡ଼ି ମାଙ୍ଗଲୀ ଓ ଚନ୍ଦ୍ର ମାଙ୍ଗଲୀ ଓ ମଙ୍ଗତୁ ମାଙ୍ଗଲୀ।



# ଉତ୍କଳ ସମ୍ମିଳନୀର ଜିଲ୍ଲାସ୍ତରୀୟ ପ୍ରତିଷ୍ଠା ଦିବସ

**ମାଲକାନଗିରି, ୩୦।୧୨(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମା ଉତ୍କଳ ସାମ୍ବାଦିକ ସଂଘ ପ୍ରକୋଷ୍ଠରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ଆନୁକୂଲ୍ୟରେ ୧୨୩ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ମଙ୍ଗଳବାର ସକାଳ ୮ ଘଟିକା ସମୟରେ ଜିଲ୍ଲା ସର୍କିଟ୍ ହାଉସ ପରିସରରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ତଥା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ତାଙ୍କର ସ୍ମୃତିଚାରଣ କରଯାଇଥିଲା। ଏହାପରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘରେ ଆୟୋଜିତ ସଭାର ପ୍ରଥମ ପର୍ଯ୍ୟାୟରେ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦେ ଉତ୍କଳ ଜନନୀ ଗାନ ପରିବେଷଣ କରି ସଭା କାର୍ଯ୍ୟ ଆରମ୍ଭ କରଯାଇଥିଲା। ଜିଲ୍ଲା ଶାଖା ସଭାପତି ଦୁଷ୍ମନ୍ତ କୁମାର ଜେନା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ମୁଖ୍ୟବକ୍ତା ଭାବେ ଡ.ଶରୋଜ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଅଶୋକ ମିଶ୍ର, ଶିକ୍ଷକ ତାରକ ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧନା ସହ ମଞ୍ଚାସୀନ ଅତିଥି ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ସହ ସମ୍ମାନିତ କରଯାଇଥିଲା। ଏହି ଅବସରରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଦୁର୍ଗମ ଓ ସୀମାବର୍ତ୍ତି ସ୍ଥାନ ମାନନଙ୍କରେ ଓଡିଆ ଭାଷାର ବହୁଳ ପ୍ରଚାର ପ୍ରସାର ସହ ଏହାର ମର୍ଯ୍ୟାଦା ରକ୍ଷା କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା। ସେହିପରି ସଭାର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ କାର୍ଯ୍ୟକ୍ରମ କରଯାଇଥିଲା। ଏଥିରେ ରଞ୍ଜିତା ଦାସ, ଭାରତୀ ଦେବୀ, ମଧୁସ୍ମିତା ସେନାପତି, କନକ ଲତା ମାଝି, ସଞ୍ଜୁକ୍ତା ନାୟକ ପ୍ରମୁଖ କବିତା ପାଠ କରିଥିଲେ। ସେହିପରି ପ୍ରଶାନ୍ତ କୁମାର ପରିଡ଼ା କବିତା ସଂଯୋଜନା କରିଥିଲେ। ପରେ ପରେ ସମସ୍ତ କବିତା ପାଠ କରିଥିବା କବିୟତ୍ରୀ ଓ କବି ମାନଙ୍କୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା।

ଏହି ସଭାକାର୍ଯ୍ୟକୁ ଶିକ୍ଷକ ସମୀର ରଥ ପରିଚାଳନା କରିଥିବା ବେଳେ ଉପ ସଭାପତି ଗଣେଶ ଜେନା ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶାଖା ଉପ ସଭାପତି ଲମ୍ବୋଦର ତୁରୁକ, ଉପଦେଷ୍ଟା ରଞ୍ଜନ କୁମାର ସ୍ୱାଇଁ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ରଞ୍ଜିତ କୁମାର ନାୟକ, ଚିତ୍ତରଞ୍ଜନ ସରକାର, ପ୍ରମୋଦ କୁମାର ପଣ୍ଡା, କଳ୍ପତରୁ ନାୟକ, ରାମ ପ୍ରସାଦ ପାଢ଼ୀ, ବସନ୍ତ ରାଉତ, ମନୋରଞ୍ଜନ ବେହେରା, ଜୟଦେବ ରାଉଳ, ବାବାଜୀ ଚରଣ ସ୍ୱାଇଁ, ସୁରେନ୍ଦ୍ର ମଲ୍ଲିକ, ଜୟଦେବେ ପଣ୍ଡା ପ୍ରମୁଖଙ୍କ ସହ ୮୦ରୁ ଅଧିକ ସଦସ୍ୟ ଉପସ୍ଥିତ ଥିଲେ।



## ମନୁସପଦର୍ ଗାଁକୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ୟୁଆଇଏଲର ପ୍ରୟାସ

# ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଶୁଭାରମ୍ଭ

**ଟିକିରି, ୩୦।୧୨(ସମିସ):** ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ, ସିଏସଆର ତରଫରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦୁର୍ଗମ ମୁନୁସପଦର ଗାଁରେ କରାଯାଇଛି। କାଶୀପୁର ବ୍ଲକ ଅଧୀନ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ମୁନୁସପଦର୍ ଗାଁରେ ଗତ ଅକ୍ଟୋବର ମାସରେ ଚର୍ମ ରୋଗ ବ୍ୟାପୁଥିବା ସୂଚନା ପାଇବା ପରେ ଉତ୍କଳ ଆଲୁମିନା ସିଏସଆର କର୍ମକର୍ତ୍ତାଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଉତ୍କଳ ଆଲୁମିନା ପକ୍ଷରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ୪ କିମି ପାହାଡିଆ, ଜଙ୍ଗଲ ଓ ଝରଣା ରାସ୍ତା ଅତିକ୍ରମ କରି ଉକ୍ତ ଗାଁରେ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଚିକିତ୍ସା ସେବା ଯୋଗାଇଥିଲେ। ଏଥିସହ ଗାଁରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି କ୍ରମରେ ଜିଲ୍ଲା ପ୍ରଶାସନିକ ତଥା ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ପରିଦର୍ଶନରେ ଯାଇ ଗାଁର ସ୍ଥିତି ଅନୁଧ୍ୟାନ କରିବା ସହିତ ଉତ୍କଳ ଆଲୁମିନାର ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଶୁଦ୍ଧ ପାନୀୟ ଜଳ ଯୋଗାଣ ଆଦି ବ୍ୟବସ୍ଥାକୁ ଭୂୟସି ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଗାଁକୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଉତ୍କଳ ଆଲୁମିନା ସିଏସଆର୍ ପକ୍ଷରୁ ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସକାଶେ ଝରଣା ପାଣିକୁ ଯାନ୍ତ୍ରିକ ଉପକରଣ ଜରିଆରେ ବିଶୁଦ୍ଧ କରି ଗାଁରେ ଟାପ ଯୋଗେ ଯୋଗାଣ କରାଯାଇଛି। ସେହିପରି ଗାଁକୁ ପାଞ୍ଚଗୋଟି ସୋଲାର ଚାଳିତ ଲାଇଟ୍ ପ୍ରଦାନ ସହ ମୋବାଇଲ୍ ସ୍ୱାସ୍ଥ୍ୟ ଟିମ୍ ଦ୍ୱାରା ଗାଁରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଶୀତରୁ ରକ୍ଷା ପାଇଁ ୬୦ଜଣ ଗ୍ରାମବାସୀଙ୍କୁ କମଳ ବିତରଣ କରାଯାଇଛି। ସିଏସଆର ଅନ୍ତର୍ଗତ ପରିଚାଳିତ ଉର୍ମୀ ପ୍ରକଳ୍ପ ଜରିଆରେ ଗାଁରେ କିଶୋରୀମାନଙ୍କୁ ସାନିଟାରୀ ନାପ୍‌କିନ ବିତରଣ କରାଯାଇଥିଲା। ତେବେ ବିଗତ ଦିନରେ ଗାଁ ଲୋକେ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ପାଇବା ପାଇଁ ମୌଳିକ ସମସ୍ୟାରେ ଜର୍ଜରିତ ହୋଇଥିବା ବେଳେ ଉତ୍କଳ ଆଲୁମିନା ପକ୍ଷରୁ ଗାଁରେ ବିଭିନ୍ନ ଉନ୍ନିମୂଳକ କାର୍ଯ୍ୟ କରାଯାଇଥିବାରୁ ଲୋକେ କମ୍ପାନୀର ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି।



# ଦୁଇ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ଉମରକୋଟ ୩୦।୧୨ (ସମିସ):** ଏକାଡେମୀର ଦୁଇ ଶିକ୍ଷୟିତ୍ରୀ ନବୀନା ସାନ୍ତା ଏବଂ ଜୟମଣୀ ଭତ୍ରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଥାନା ଅଧିକାରୀ ରମାକାନ୍ତ ସାଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ସାହୁ, ଦୁଇ ପୂର୍ବତନ କ୍ରୀଡ଼ାବିତ ସନ୍ତୋଷ ଶର୍ମା ଏବଂ ଦିଲ୍ଲୀପ ବିଶ୍ୱାସ, କ୍ରୀଡ଼ା ଶିକ୍ଷକ ବହୁମୁଖୀ କ୍ରୀଡ଼ା ଏକାଡେମୀର ପରିଚାଳକ ଏମ. ବିଜୟ କୁମାର, ଜିଲ୍ଲା କ୍ରୀଡ଼ା ସଙ୍ଘର ମହିଳା ସମ୍ପାଦିକା ଚନ୍ଦନା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଥାନା ଅଧିକାରୀ ରମାକାନ୍ତ ସାଇ ସମସ୍ତ କ୍ରୀଡ଼ାବିତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବହୁମୁଖୀ କ୍ରୀଡ଼ା ଏକାଡେମୀ ଅନ୍ତର୍ଗତ ଏବଂ ତାଲିମ ଅନ୍ତର୍ଭୁକ୍ତ ସମସ୍ତ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ସ୍ପୋର୍ଟସ୍ ଟ୍ରାକ୍ ସୁଟ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ।




## ● ଓଷ୍ଟା ରାଜ୍ୟସ୍ତରୀୟ ଶିଶୁ ଉତ୍ସବ

# ତର୍କ ପ୍ରତିଯୋଗିତାରେ ବାଲିମେଲା ଛାତ୍ରୀ ଶୁଭସ୍ମିତା ପ୍ରଥମ



**କୋରୁକୋଣ୍ଡା, ୩୦।୧୨ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଚଳିତ ବର୍ଷ ୪୨ତମ ଶିଶୁ ଉତ୍ସବ କଟକ ସହର ସ୍ଥିତ ନୟାସଡ଼କ ଓଷ୍ଟା କାର୍ଯ୍ୟାଳୟ ଠାରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ଟି ସାମ୍ବିଧାନିକ ଜିଲ୍ଲା ମଧ୍ୟରୁ ଦଶ ବିଭାଗରୁ ୩୧୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେହିପରି ମାଲକାନଗିରି ଜିଲ୍ଲାରୁ ଦଶ ଜଣ ଛାତ୍ରଛାତ୍ରୀ ଦଶଟି ବିଭାଗରେ ଭାଗ ନେଇଥିଲେ। ତନ୍ମଧ୍ୟରୁ ବାଲିମେଳା ସହରର ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଶୁଭସ୍ମିତା ସ୍ୱାଇଁ ତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଚ୍ଚ କୋଟୀର ତର୍କ ପରିବେଷଣ କରି ଅତିଥି ମାନଙ୍କୁ ଆଚମ୍ବିତ କରିବା ସହ ରାଜ୍ୟ ସ୍ତରରେ ପ୍ରଥମ ହୋଇଥିଲେ। ଶୁଭସ୍ମିତାଙ୍କ କୃତିତ୍ୱ ସମ୍ପର୍କରେ ଖବର ମିଳିବା ପରେ ବାଲିମେଳା ସହରରେ ଖୁସିର ଲହରୀ ଖେଳିଯାଇଛି। ରାଜ୍ୟ ସ୍ତରୀୟ କୃତି ଛାତ୍ରୀ ଶୁଭସ୍ମିତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେହିପରି ଏକକ ନୃତ୍ୟ ବିଭାଗରେ ଏମଭି-୭ ଜଗନ୍ନାଥପାଲି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଖୁସବୁ ଭକ୍ତ ସାନ୍ତ୍ୱନା ମୂଳକ ଭାବେ ପୁରସ୍କୃତ ହୋଇଛନ୍ତି। ଉଭୟ ଛାତ୍ରୀ ଦ୍ୱୟ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ୧୯୭୯ ମସିହାରୁ ଏହି ଶିଶୁ ଉତ୍ସବ ପାଳନ କରିଆସୁଥିବା ବେଳେ ଚଳିତ ଡିସେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ତିନି ଦିନ ଧରି ଏହି ଶିଶୁ ଉତ୍ସବ ପାଳନ କରାଯାଇଥିଲା। ଓଷ୍ଟା ଶିଶୁ ଉତ୍ସବ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗ ଦେଇଥିବା ବେଳେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶଙ୍କ ସମେତ ମାଲକାନଗିରି ଓଷ୍ଟା ଜିଲ୍ଲା ସଭାପତି ଅଲେଖ ଚନ୍ଦ୍ର ପ୍ରଧାନ, ସମ୍ପାଦକ ମନୋଜ କୁମାର ମହାପାତ୍ରଙ୍କ ସହ ଦୁଇ ଜଣ ପଥପ୍ରଦର୍ଶକ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ପଟାଙ୍ଗି ଲ୍ୟାମ୍ପ୍‌ସରେ ଧାନମଣ୍ଡି ଉଦ୍‌ଘାଟିତ



**ପଟାଙ୍ଗି, ୩୦।୧୨(ସମିସ):** କୋରାପୁଟ ଜିଲ୍ଲା ଓଡ଼ିଶା ଆନ୍ଧ୍ର ସୀମାନ୍ତ ପଟାଙ୍ଗି ଲ୍ୟାମ୍ପ୍‌ସରେ ଚଳିତ ବର୍ଷର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପଟାଙ୍ଗି ଲ୍ୟାମ୍ପ୍‌ସ ସଭାପତି ସିକୁଣ୍ଣୁ ପାଙ୍ଗିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଶୁକ୍ରା ଖରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା, ସମାଜସେବୀ ପ୍ରତାପ ଚୌଧୁରୀ ପ୍ରମୁଖ ଯୋଗଦାନ ଦେଇଥିଲେ। ପଟାଙ୍ଗି ଲ୍ୟାମ୍ପ୍‌ସର ପରିଚାଳନା ନିର୍ଦ୍ଦେଶକ ଟି ପି ରାକେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଚଳିତ ବର୍ଷ ୨୦୦ ଜଣ ଚାଷୀ ନିବେଦନ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୩୫ ଜଣ ଚାଷୀଙ୍କୁ ଟୋକନ ମିଳିଥିବା ନେଇ ପଟାଙ୍ଗି ଲ୍ୟାମ୍ପ୍‌ସର ପରିଚାଳନା ନିର୍ଦ୍ଦେଶକ ଟି ପି ରାକେଶ ସୂଚନା ପ୍ରଦାନ କରିଛନ୍ତି।

# ପ୍ରେସ୍ ୟୁନିୟନ୍ ରାୟଗଡ଼ା ଜିଲ୍ଲାର ବାର୍ଷିକ ଉତ୍ସବ

ରାୟଗଡ଼ା, ୩୦।୧୨(ସମିସ)

ପ୍ରେସ୍ ୟୁନିୟନ ରାୟଗଡ଼ା ଜିଲ୍ଲାର ୫ମ ବାର୍ଷିକ ଉତ୍ସବ ରାୟଗଡ଼ା ଉପକଣ୍ଠ କୋତାପେଟା ସ୍ଥିତ ମାତୃଶକ୍ତି ବରିଷ୍ଠ ନାଗରିକ ବୃଦ୍ଧାଶ୍ରମ ଠାରେ ୫୦ଜଣ ଅନ୍ତେବାସୀଙ୍କ ଗହଣରେ ଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରେସ ୟୁନିୟନ ରାୟଗଡ଼ା ଜିଲ୍ଲା ସଭାପତି ସୁବାଷ ଚନ୍ଦ୍ର ସୂର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଦୁଇଟି ସୋପାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସୋପାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ଅତିରିକ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରେସ ୟୁନିୟନ ରାୟଗଡ଼ା ଜିଲ୍ଲା ପରାମର୍ଶଦାତା ତଥା ସାମ୍ବାଦିକ ଶିବ ନାରାୟଣ ଗୌଡ଼ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗତ ୨୦୨୦ ମସିହାରେ ପ୍ରେସ ୟୁନିୟନ ରାୟଗଡ଼ା ଜିଲ୍ଲା ସାମ୍ବାଦିକ ସଂଘ ଗଠନ ହୋଇଥିଲା। ୟୁନିୟନ ପକ୍ଷରୁ ବିଭିନ୍ନ ସମୟରେ କରାଯାଇଥିବା ଅନେକ କାର୍ଯ୍ୟକ୍ରମ ବିଷୟରେ ସଭାପତି ଶ୍ରୀ ସୂର୍ଯ୍ୟ ଆଲୋକପାତ କରିଥିଲେ। ସେହିପରି ୟୁନିୟନର ସାଧାରଣ ସମ୍ପାଦକ ବିଜୟ କୁମାର ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଂଘର ଉପ ସଭାପତି ଶ୍ରୀନିବାସ ମହାପାତ୍ର ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝି ପଞ୍ଚତତ୍ତ୍ୱ ବିଷୟରେ ଆଲୋକପାତ କରିବା ସହ ଅନ୍ତେବାସୀମାନଙ୍କୁ ସମସ୍ତ ଦୁଃଖକଷ୍ଟ ଭୁଲି ଖୁସିରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ୫ମ ବାର୍ଷିକ ଉତ୍ସବ ପାଳନରେ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଟାକ୍ରି ମଧ୍ୟ ଗଣମାଧ୍ୟମ ସମାଜର ଏକ ସ୍ୱଚ୍ଛ ଦର୍ପଣ ହୋଇଥିବାରୁ ଆଜି ଲୋକେ ପ୍ରତିଟି ସତ୍ୟ ଖବର ପାଇପାରୁଛନ୍ତି ବୋଲି କହିଥିଲେ। ଦ୍ୱିତୀୟ ସୋପାନ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ରମେଶ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ଗହଣରେ ପ୍ରେସ ୟୁନିୟନ ରାୟଗଡ଼ା ଜିଲ୍ଲାର ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସୋପାନରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଶକ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ରମେଶ କୁମାର ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମାତୃଶକ୍ତି ବରିଷ୍ଠ ନାଗରିକ ବୃଦ୍ଧାଶ୍ରମରେ ରହୁଥିବା ୨୫ଜଣ ମହିଳା ଓ ୨୫ଜଣ ପୁରୁଷ ମୋଟ ୫୦ଜଣଙ୍କୁ ଶାଢୀ, ଲୁଙ୍ଗି, ତଉଲିଆ ଆଦି ଉପହାର ପ୍ରଦାନ ଏବଂ ୟୁନିୟନର ସଭ୍ୟମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବି.ଭି.ରାମଣା, କେ.କ୍ରିଷ୍ଣାମୂର୍ତି ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ୟୁନିୟନର ସଭ୍ୟ କୋମଳ ଲୋଚନ, ରବି ପାତ୍ର, ନିରଞ୍ଜନ ନିମାଲା, ମୂରଲି ବଚା, ସନ୍ତୋଷ ପାଣି, ସଦାନନ୍ଦ ପେଦେଂଟି, ଆକାଶ ଗରଡିଆ, ଅକ୍ଷୟ ମହାନନ୍ଦିଆ, ନରେନ୍ଦ୍ର ନିଶାଲ, ଆକାଶ କୁମାର ଗରଦିଆ, ଉଦୟ କିରଣ, କୋଣ୍ଡା ସୁରେଶଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



## 'ଚଇତି' ଉତ୍ସବରେ ଆକର୍ଷଣ ରୋବୋଟିକ୍ ମାଛ



ରାୟଗଡ଼ା, ୩୦।୧୨(ସମିସ): ଚଳିତ ବର୍ଷ ରାୟଗଡ଼ା ଜିଲ୍ଲା ମହୋତ୍ସବ 'ଚଇତି'ର ମୁଖ୍ୟ ଆକର୍ଷଣ ପାଲଟିଛି ରୋବୋଟିକ୍ ମାଛ। ଯୁବ ଶିଳ୍ପୋଦ୍ୟୋଗୀ ଡ. ପ୍ରଫୁଲ କୁମାର ସ୍ୱାଇଁ, ଜିତମ୍ ବିଶ୍ୱବିଦ୍ୟାଳୟ, ବିଶାଖାପାଟଣାମର ବିଭାଗୀୟ ମୁଖ୍ୟ ପ୍ରସ୍ତୁତ କରିଛନ୍ତି ଏକ ପ୍ରକାର ମାଛ ଯାହା ଗୃହର ସୌନ୍ଦର୍ଯ୍ୟ ବଢ଼ାଇବା ସହ ଗୃହରକ୍ଷୀ କାର୍ଯ୍ୟ ସମ୍ପାଦନା କରିପାରିବ। ଆଇଆଇଟି, ଗୌହଟି, ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ର ସରକାରଙ୍କ ମିଳିତ ପ୍ରୋତ୍ସାହନ ରାଶି ସହ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ସହାୟତାରେ ଶ୍ରୀ ସ୍ୱାଇଁଙ୍କ ନିଷ୍ଠାପର ସାଧନା ସଫଳ ହୋଇଛି। ସିଲିକନରେ ତିଆରି ହୋଇଥିବା ଏହି ରୋବଟିକ ମାଛ ଭିତରେ ଦୁଇଟି ମଟର ଦ୍ୱାରା ଏହା ପରିଚାଳିତ ହେଉଛି। ଏଥିରେ ସିସି କ୍ୟାମେରା ଖଞ୍ଜିତ ଥିବା ବ୍ୟବସ୍ଥା ଥିବା ବେଳେ ଏହା ଆଠ ଘଣ୍ଟା ଧରି ପାଣିରେ ରହିବାରେ ସକ୍ଷମ ଥିବା ବେଳେ ୪ଘଣ୍ଟା ଚାର୍ଜିଂ କରିବାକୁ ପଡ଼ିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ଆସନ୍ତା ଫେବୃଆରୀ ମାସରେ ଏ ପ୍ରକାର ଯାନ୍ତ୍ରିକ ମାଛ ବଜାରରେ ଉପଲବ୍ଧ ହେବା ସହ ବେକାର ଯୁବକଙ୍କୁ ନିଯୁକ୍ତି ଦେବାର ସୁଯୋଗ ସୃଷ୍ଟି କରିବ।

## ଗୌଡ଼ ମଣ୍ଡେଇର ଶୁଭାରମ୍ଭ

ପାପଡ଼ାହାଣ୍ଡି, ୩୦।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ସଦର ମହାକୁମାରେ ମଙ୍ଗଳବାର ଗୌଡ଼ ମଣ୍ଡେଇର ଶୁଭାରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ବୁଢୀ ଠାକୁରାଣୀଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଲାଠି, ଶିରା ମାନେ ସାମିଲ ହୋଇଥିଲେ। ଆସନ୍ତା ପାଞ୍ଚ ଦିନ ଧରି ଏହି ଶୋଭାଯାତ୍ରା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବ। ଶେଷ ଦିନରେ ବଅଁଳାନି ଯାତ୍ରା ଅନୁଷ୍ଠିତ ହେବ। ଆଜି ମନ୍ଦିର ପୂଜା କମିଟି, ସ୍ଥାନୀୟ ଜନ ପ୍ରତିନିଧି ମାନେ ସାମିଲ ହୋଇଥିଲେ। ପାପଡ଼ାହାଣ୍ଡି ବାଲି ଯାତ୍ରା ପ୍ରତି ୧୨ ବର୍ଷକୁ ଥରେ ଅନୁଷ୍ଠିତ ହେଉଥିବା ବେଳେ ଗୌଡ଼ ମଣ୍ଡେଇ ପ୍ରତି ତିନି ବର୍ଷରେ ଥରେ ଅନୁଷ୍ଠିତ ହେବ। ଆଜି ଶୋଭାଯାତ୍ରା ମାଝୀଗୁଡା ଓ ଦିଶାରୀଗୁଡା ଗ୍ରାମ ପରିକ୍ରମା କରିଥିଲା। ସ୍ଥାନୀୟ ପଞ୍ଚୟତର ପୂଜାରୀ ଓ ଜନ ସାଧାରଣ ଏଥିରେ ସାମିଲ ହୋଇଥିଲେ।

## ଅଲିଆଗଦାରେ ନବଜାତ ଶିଶୁ ମୃତଦେହ

ରାୟଗଡ଼ା, ୩୦।୧୨(ସମିସ): ରାୟଗଡ଼ା ସହର ସ୍ଥିତ ମହିଳା ମହାବିଦ୍ୟାଳୟ ପାର୍ଶ୍ୱ ଗଳିରେ ରିଙ୍ଗ ରୋଡକୁ ସଂଯୋଗ କରୁଥିବା ରାସ୍ତା କଡ଼ରେ ଏକ ନବଜାତ ଶିଶୁ ପୁତ୍ର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତା ଦେଇ କିଛି ଲୋକେ ଚଳାଚଳ କରୁଥିବା ବେଳେ ଶିଶୁଟିର ମୃତ ଦେହ ପଡ଼ିଥିବା ଦେଖିବାକୁ ପାଇ ରାୟଗଡ଼ା ଟାଉନ ଥାନାକୁ ସୂଚନା ଦେଇଥିଲେ। ସୂଚନା ପାଇ ଟାଉନ ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ପୋଲିସ ଟିମ୍ ପଠାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁ ପୁତ୍ର ମୃତ ଦେହକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି।

● ଟିକରପଡ଼ା ପ୍ରିମିଅର୍ ଲିଗ୍

## ଇମାନୁଏଲ ଟିମ୍ ଚାମ୍ପିଅନ୍



ମୁନିଗୁଡ଼ା, ୩୦।୧୨(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକର ମିନି ଷ୍ଟାଡିୟମଠାରେ ଟିକରପଡ଼ା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୬ ତାରିଖ ଠାରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏସ୍ ଏସ୍ କ୍ରିକେଟ ଟିମ୍, ଲଇମାନୁୟେଲ ଇଲେଭେନ୍, ମାଫିଆ ଷ୍ଟ୍ରାଇକର୍, ଓ ସୋନୁ ଇଲେଭେନ ଭାଗ ନେଇଥିଲେ। ସେଥି ମଧ୍ୟରୁ ଇମାନୁଏଲ, କ୍ରିକେଟ ଟିମ୍ ଓ ଏସ୍ଏସ୍ କ୍ରିକେଟ ଟିମ୍ ଫାଇନାଲ ମ୍ୟାଚ ଖେଳିଥିଲେ। ଫାଇନାଲ ଖେଳରେ ପ୍ରଥମେ ଇମାନୁଏଲ ଟିମ୍ ଟସ୍ ଜିଣି ବ୍ୟାଟିଂ ନିଷ୍ପତି ନେଇ ୧୨ ଓଭର ମ୍ୟାଚରେ ୧୫୪ ରନ୍ ସଂଗ୍ରହ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ (ଏସ୍ ଏସ୍ ଟିମ୍ ବେଟିଙ୍ଗ୍ କରି ୭ଟି ଉଇକେଟ୍ ହରାଇ ଓଭର ସମାପ୍ତି ହେବା ପରେ ମୋଟ୍ ୧୨୪ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ଶେଷରେ ଇମାନୁଏଲ କ୍ରିକେଟ ଟିମ୍ ଫାଇନାଲରେ ୩୦ ରନ୍‌ରେ ବିଜେତା ହେଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ରାଜନ ସୁନା ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ରାଜନ୍ ସୁନା, ଏବଂ ସମ୍ମାନିତ ଅତିଥିଭାବେ ଯୁକ୍ତ, ଏମ୍ ଭେଙ୍କେଟ ରମଣ ପାତ୍ର, ଯୋଗଦାନ କରି ବିଜେତା ଓ ପରାଜୟ ଖେଳାଳି ମାନଙ୍କୁ ଏବଂ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ଓ ଉଇନର ସିରିଜ୍ ଟ୍ରଫି ରନର୍ସ ସିରିଜ ଟ୍ରଫି ପ୍ରଦାନ କରିଥିଲେ। ଏହାସହିତ ଫାଇନାଲ ମ୍ୟାଚରେ ମଧୁକୁଶୁଲିଆ, ଓ କୈତୁକ କନ୍ଧପାଣି, କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଥିବା ବେଳେ ବରିଷ୍ଠ ଟିକରପଡ଼ାର ଗାଁ ନାଏକ, ଲକ୍ଷ୍ମଣକୁ ଶୁଲିଆ, ଆରଦ୍ କର କରିଆ, ଗରିବ ଗରଡିଆ, ଟୁନା କରକରିଆ, ନରେନ୍ଦ୍ର ନାଗ, ସୂର୍ଯ୍ୟ ନାଗ, ପିଣ୍ଟୁହିଆଲ, ସୁରେନ୍ ଗରଡିଆ, ଜୋଶେଫ୍ ସୁନା, କୁନୁ ସୁନା, ପଦ୍ମକୁଶୁଲିଆ, ରମେଶ କନ୍ଧପାଣି, ଅବିନାଶ ସାହୁ, ସୁଜନ ସୁନା, ପରମେ କର କରିଆ, ଗୋବିନ୍ଦ ବାଘ, ଅନ୍ତ ବାଘ, ସିଲୁବାଘ, ନିରଞ୍ଜନ କାଡ୍ରାକା, ଅନୀଲ ବାଘ, ରାଜୀବ ନାଗ ପ୍ରମୁଖ କ୍ରିକେଟ ଖେଳପ୍ରମୀ ଉପସ୍ଥିତ ଥିଲେ।

'ଚଇତି' ଉଦ୍‌ଯାପିତ

# ଜିଲ୍ଲାକୁ ଦେଶର ଏକ ନମ୍ବର କରିବାକୁ ସପ୍ତଗିରିଙ୍କ ଆହ୍ୱାନ





ରାୟଗଡ଼ା, ୩୦।୧୨(ସମିସ)

ଆଜି ପଞ୍ଚମ ଦିନର ଶେଷ ସନ୍ଧ୍ୟାରେ ରାୟଗଡ଼ ଜିଲାବାସୀଙ୍କ ହୃଦୟରେ ଏକ ଅଲିଭା ସ୍ମୃତିର ଛାପ ଦେଇ ଚଇତି ବିଦାୟ ନେଇଛି। ପୁଣି ସଜ ହେଇ ଆସିବ ଆରଥରକୁ। ଅନ୍ତିମ ସନ୍ଧ୍ୟାରେ ଜିଲ୍ଲାପାଳ ତଥା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଆଶୁତୋଷ କୁଲ କର୍ଣ୍ଣିଙ୍କ ସଭାପତିତ୍ୱରେ ଏହି ବର୍ଷର ଚଇତି ଶେଷ ରଜନୀ ପାଳନ ହୋଇଥିଲା। ଆଜିର ଶେଷ ରାଜନୀରେ ରାୟଗଡ଼ ସେବା ସମାଜ ଅନ୍ତେବାସୀ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରି ଚଇତି ବିଦାୟୀ ରଜନୀକୁ ସମ୍ମାନ ଜଣାଇଥିଲେ।ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କାହଁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାୟଗଡ଼କୁ ଦେଶରେ ଏକ ନମ୍ବର ଜିଲା ଭାବେ ଗଢିବାକୁ ଚେଷ୍ଟା କରିବା ପାଇଁ ପ୍ରୟାସ କରାଯାଉଥିବା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା କହିଥିଲେ। ସେହିଭଳି ଗ୍ରାମାଞ୍ଚଳରେ ଶତପ୍ରତିଶତ ମୋବାଇଲ ଟାୱାର ସହ ସମସ୍ତ ବିଦ୍ୟାଳୟରେ ବିଜ୍ଞାନ ଲାବ ଖୋଲିବା ପାଇଁ ଚେଷ୍ଟା ଜାରି ରହିଥିବା କହିଥିଲେ। ସବୁଠାରୁ ବଡ଼କଥା ହେଲା ଚଇତି ପାଇଁ ଏକ ସ୍ଥାୟୀ ଜାଗା ଚିହ୍ନଟ କରି ଚଇତିକୁ ବିଶ୍ୱସ୍ତରକୁ ନେବା ପାଇଁ ଯୋଜନା ହେଉଥିବା ନେଇ ନିଜ ମନ୍ତବ୍ୟରେ ସୂଚନା ଦେଇଥିଲେ। କାରଣ ଚଇତି ଗ୍ରାମାଞ୍ଚଳରେ ଥିବା ଆଦିବାସୀଙ୍କ କଳା ବୃଶ୍ୱସ୍ତରକୁ ନେବାରେ ସାରଥୀର ଦାୟିତ୍ୱ ସମ୍ପନ୍ନ କରୁଛି।

ସମ୍ମାନିତ ଅତିଥି ଭାବେ ରାୟଗଡ଼ ବିଧାୟକ ଆପଲସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଡିଆରଡିଏ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ରାୟଗଡ଼ା ଏସପି ସ୍ୱାତୀ ଏସ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଶ୍ରୀ କୁଳକର୍ଣ୍ଣି ସମସ୍ତ ଅତିଥିଙ୍କୁ ସମ୍ମାନିତ କରିଥିଲେ। ସମସ୍ତ ଉତ୍ତୀର୍ଣ୍ଣ କ୍ରୀଡାବିତଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପଞ୍ଚମ ସନ୍ଧ୍ୟାରେ ଜେଡି ଗ୍ରୁପ, ପଦ୍ମପୁର ଦେବତା ଗ୍ରୁପ, ଚନ୍ଦନ ଗ୍ରୁପ ଓ ବାରିଝୁଲର ଆଦିବାସୀ, ସଂସ୍କୃତି କ୍ଲବର ସମ୍ବଲପୁରୀ, ଦେବୀପ୍ରସାଦ ଗ୍ରୁପର ଡାଣ୍ଡିଆ, ଉଷା ଭାରତୀ ଗ୍ରୁପର ଝୁମୁରା, ମହିଳା ମହାବିଦ୍ୟାଳୟ ରାୟଗଡ଼ର ଆସାମ ବିହୁ, ସୁନୀଲ ଗ୍ରୁପର ସାଇଲୋଡି, ରାୟଗଡ଼ ଏନସିସି ଛାତ୍ରଙ୍କ ଫଂଜାବୀ ଭାଙ୍ଗଡ଼ା, ଘୁଙ୍ଗୁରୁ କଳା ବିକାଶ ଗ୍ରୁପର ମାହରି, ଗୀତ ପରିବାରର ନବଦୁର୍ଗା, ବଲାଙ୍ଗୀର ଟିଟିଲାଗଡ଼ର ରାସରକେଳି ନୃତ୍ୟ ଦର୍ଶକଙ୍କୁ ଝୁମେଇଥିଲା। ଶେଷରେ ଡିଆରଡିଏ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଲୋଚନା ପରେ ଚାଷୀଙ୍କ ରାସ୍ତା ଅବରୋଧ ହଟିଲା

ପାପଡ଼ାହାଣ୍ଡି, ୩୦।୧୨(ସମିସ): ଚାରି ଘଣ୍ଟା ପର୍ଯନ୍ତ ପାପଡ଼ାହାଣ୍ଡି ଏବଂ କୋଷାଗୁମୁଡା ରାସ୍ତା ଅବରୋଧ କରିଥିଲେ ଚାଷୀ। ଦୀର୍ଘ ସମୟର ଆଲୋଚନା ପରେ ଚାଷୀ ରାସ୍ତାକଡ଼ରୁ ଓହରିଥିଲେ ଏବଂ ସନ୍ଧ୍ୟା ସମୟରେ ଦୁଇଗାଡି ଧାନ ନେଇ ଯାଇଥିଲେ ମିଲର୍ସ। ଗତ କାଲିଠାରୁ ଚାଷୀ ମଣ୍ଡିକୁ ଧାନ ଆଣି ଥିଲେ ମଧ କୌଣସି ମିଲରଙ୍କ ନ ଆସିବା ଫଳରେ ଚାଷୀ ଅସନ୍ତୋଷ ଦେଖାଦେଇଥିଲା। ଅନ୍ୟ ପଟେ ଚାଷୀ ଅଭିଯୋଗ କରିଛନ୍ତି ଯେ ଆରଏମସି ଯେଉଁ ରାତ୍ର ଜଗୁଆଳିଙ୍କୁ ନିଯୁକ୍ତି ଦେଇଛନ୍ତି, ସେମାନେ ମଣ୍ଡିରେ ଧାନ ଆଣିଥିବା ପ୍ରତି ଚାଷୀଙ୍କଠୁ ୫୦ ଟଙ୍କା ଲେଖାଏଁ ଆଦାୟ କରିଛନ୍ତି। ରାଜ ରାସ୍ତାରେ ଚାଷୀ ବସିବା ପରେ ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଧାୟକ ପ୍ରତିନିଧି ରଜିନୀକାନ୍ତ ଶାସମଲ, ମୋକିଆ ସରପଞ୍ଚ ଜଗତଜୀବନ ନାୟକ, ଜିଲ୍ଲା କଂଗ୍ରେସ ସଭାପତି ଡ. ଲିପିକା ମାଝୀ, ଚାଷୀନେତା ବୃନ୍ଦାବନ ତ୍ରିପାଠୀ ଚାଷୀଙ୍କ ସହିତ ମିଶି ଅପରାହ୍ନ ୨.୩୦ରୁ ରାସ୍ତା ରୋକ କରି ରାସ୍ତାରେ ଧାନବସ୍ତା ରଖି ରାସ୍ତା ଉପରେ ବସି ରହିଥିଲେ। ଖବର ପାଇ ପାପଡ଼ାହାଣ୍ଡି ଏମଆଇ ସିପ୍ରା ସାମଲ, ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ସଞ୍ଜୁ ପ୍ରଧାନୀ, ପାପଡ଼ାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନା, ପାପଡ଼ାହାଣ୍ଡି ଲ୍ୟାମ୍ପସ ସଭାପତି ସଦାଶିବ ନାୟକ, ଏମ୍‌ଡି ଇସ୍ମାଇଲ ସନ୍‌ଫୁଲ ଏବଂ ତିନି ଜଣ ମିଲର ରାସ୍ତା ରୋକ ସ୍ଥାନରେ ପହଞ୍ଚି ଚାଷୀ ଏବଂ ଚାଷୀ ପ୍ରତିନିଧିଙ୍କ ସହିତ ଦୀର୍ଘସମୟ ଧରି ଆଲୋଚନା କରିବା ଫଳରେ



ରାସ୍ତା ରୋକ ହଟିଥିଲା। ମିଲର ଚାଷୀଙ୍କ ଧାନ ପର୍ଯ୍ୟାୟ କ୍ରମେ ମଣ୍ଡିରୁ ଉଠେଇ ଥିଲେ। କଟ୍‌ନୀ ଛଟ୍‌ନୀ ନ କରାଯିବା, ଟୋକନ୍ ଲେପ୍ସ ହେବାକୁ ନ ଦିଆଯିବା ଏବଂ ମଣ୍ଡିରୁ ଧାନ ଉଠାଯିବା ନେଇ ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଭାବେ ଶୁକ୍ରବାର ଠାରୁ ମୋକିଆ ମଣ୍ଡିରେ ୧୮୮୧୬ ପେକେଟ ଧାନ ପଡ଼ିରହିଛି। ଆସନ୍ତାକାଲି ମକିଆ ମଣ୍ଡିର ଧାନ ନ ଉଠିଲେ ଚାଷୀଙ୍କ ଆଗାମୀ କାର୍ଯ୍ୟପନ୍ଥା ଭୟଙ୍କର ହେବ ବୋଲି ଚାଷୀ ମାନେ ସୂଚନା ଦେଇଛନ୍ତି।

## ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା



ମାଲକାନଗିରି, ୩୦।୧୨(ସମିସ): ମାଲକାନଗିରି ଜିଲ୍ଲାରେ ଗତ ୧୬ ଦିନ ଧରି ଚାଲିଥିବା ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ଉଦଯାପନୀ ଉତ୍ସବରେ ବରିଷ୍ଠ ଆଇନଜୀବୀ ଅଶୋକ ପଟ୍ଟନାୟକ, ପିଓ କମ୍ ପିଓ ଟି. ଜୟଲକ୍ଷ୍ମୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଡାକ୍ତର ଏମ୍‌ଡି ହୁସେନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ; ଶିଶୁ ମଙ୍ଗଳ ସମିତି ସଦସ୍ୟ ଦୁର୍ଗା ପ୍ରସାଦ ତ୍ରିପାଠୀ, 'ପରିବର୍ତ୍ତନ' ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ ଏବଂ ଜିଲ୍ଲା ମହିଳା ହବ୍ ଡିସି ମଣିମୋହନ ସରକାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ଓ କନ୍ୟାମାନଙ୍କ ଉପରେ ହେଉଥିବା ହିଂସା ବିରୋଧରେ ସଚେତନତା, ଆଇନଗତ ସୁରକ୍ଷା, ସରକାରୀ ଯୋଜନା ଏବଂ ସେବା ସମ୍ପର୍କରେ ଅତିଥି ମାନେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶଖୀ ୱାନ୍ ଷ୍ଟପ୍ ସେଣ୍ଟରର ସମସ୍ତ କର୍ମଚାରୀ, ସୁପରଭାଇଜର, ଚାଇଲ୍ଡ ଲାଇନ୍ କର୍ମଚାରୀ, ଶକ୍ତି ସଦନର କର୍ମଚାରୀ ଓ ଅନ୍ତେବାସୀ ତଥା ବିଭିନ୍ନ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଗ୍ରାମ୍ୟ ଉନ୍ନୟନ ସଚିବ ଯାମିନୀ ଷଡ଼ଙ୍ଗୀଙ୍କ ସମୀକ୍ଷା ବୈଠକ

ରାୟଗଡ଼ା, ୩୦।୧୨(ସମିସ): ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ସଚିବ ଯାମିନି ଷଡ଼ଙ୍ଗୀ ଦୁଇଦିନିଆ ରାୟଗଡ଼ା ଜିଲ୍ଲା ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀଙ୍କ ଗସ୍ତ ସମୟରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଉପସ୍ଥିତ ଥିଲେ। ଆଜି ଶ୍ରୀମତୀ ଷଡ଼ଙ୍ଗୀ ସ୍ଥାନୀୟ ଗ୍ରାମୀୟ ନିର୍ମାଣ ବିଭାଗ କାର୍ଯ୍ୟାଳୟଠାରେ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାପରେ ସ୍ଥାନୀୟ ସିଟି ଜିଏସଟି କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ। ଅପରାହ୍ନରେ ବିଷମକଟକ ଗସ୍ତ କରି ଡଙ୍ଗରିଆ ସାଲ କପଡ଼ାଗୁନ୍ଦା ପ୍ରସ୍ତୁତି ସମ୍ପର୍କରେ ଚାଟିକଣା ସ୍ଥିତ ଯାଯାବର ଠାରେ ଡଙ୍ଗରିଆ ସାର ବୁଣାକାର ମାନଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ବିଷମ କଟକ ବ୍ଲକରେ ଠାରେ ଚାଲିଥିବା ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ, ଗ୍ରାମୀୟ ନିର୍ମାଣ ବିଭାଗ ରାସ୍ତା, ବାଲିଆ ପଦର ଓ ପଣସ ପଦର ରାସ୍ତା ପରିଦର୍ଶନ କରିଥିଲେ। ଏହାପରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣିଙ୍କ ଉପସ୍ଥିତରେ ସମୀକ୍ଷା କରିଥିଲେ। ବିଶେଷ କରି ଶକ୍ତି ବିଭାଗ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ସ୍ୱାସ୍ଥ୍ୟ, ଗଣଶିକ୍ଷା, ମଙ୍ଗଳ ବିଭାଗ, ଗ୍ରାମୀୟ ନିର୍ମାଣ, ଗୃହ ଓ ନଗର ଉନ୍ନୟନ ବିଭାଗ ଆଦି ଉପରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ନବୀନ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଅଜୟ କୁମାର ପ୍ରଧାନ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଗତକାଲି କାଶୀପୁର ବ୍ଲକର ସ୍ଥାନୀୟ ବିଲାମାଲ ଠାରେ ଉତ୍କଳ ଆଲୁମିନା ସିଏସଆର୍ ଅନ୍ତର୍ଗତ ପ୍ରତିଷ୍ଠା ହୋଇଥିବା ଦୁଇଗୋଟି ପ୍ରକଳ୍ପ ଯଥା ସୋଲାର ଚାଳିତ ଶୀତଳ ଭଣ୍ଡାର ଓ ରୋଷ୍ଟେଡ ମିଲେଟ ୟୁନିଟକୁ ପରିଦର୍ଶନ କରିଥିଲେ। ଉତ୍କଳ ଆଲୁମିନା ପକ୍ଷରୁ ଗ୍ରାମାଞ୍ଚଳରେ ଏଭଳି ଲୋକାଭିମୁଖୀ କାର୍ଯ୍ୟ କରିଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସୋଲାର ଚାଳିତ ଶୀତଳ ଭଣ୍ଡାର ଦ୍ୱାରା ସ୍ଥାନୀୟ ଅଞ୍ଚଳର ୧୮୦ ଜଣ ଚାଷୀ ଉପକୃତ ହୋଇଥିବା ବେଳେ ଏଭଳି ଦୁର୍ଗମ ଅଞ୍ଚଳରେ ଚାଷୀ ନିଜ ଉତ୍ପାଦିତ ପନିପରିବା ଫସଲ ଦୀର୍ଘ ଦିନ ଯାଏଁ ସତେଜ ରଖିବା ସହ ବାହାର ବଜାରରେ ବିକ୍ରୟ କରି ଲାଭବାନ ହେଉଥିବା ଜାଣି ସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ପ୍ଲାଣ୍ଟ ପାର୍ଶ୍ୱସ୍ଥ ଗାଁ ଗୁଡିକରେ ଏହାକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ରୋଷ୍ଟେଡ ମିଲେଟ୍ ୟୁନିଟକୁ ପରିଦର୍ଶନରେ ଯାଇ ସେଠାରେ ମାଣ୍ଡିଆରେ ତିଆରି ବିଭିନ୍ନ ବିସ୍କିଟ ଓ କୁକିଜ୍ ଆଦି ଦେଖି ଖୁସି ବ୍ୟକ୍ତ କରିଥିଲେ। ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାରେ ଏଭଳି ଅଭିନବ ପ୍ରୟାସ ପାଇଁ ସିଏସଆର୍ ଟିମକୁ ପ୍ରଶଂସା କରିଥିଲେ।



## ଭାରତୀୟ ବିଦ୍ୟା ନିକେତନରେ ଆଦିବାସୀ ସଂଗ୍ରହାଳୟ ଉନ୍ମୋଚିତ

କାଲିମେଲା, ୩୦।୧୨(ସମିସ): ଅଞ୍ଚଳରେ ଆଦବାସୀ ସଂସ୍କୃତି ପରମ୍ପରାର ଐତିହ୍ୟକୁ ବଜାୟ ରଖିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ସଦର ମହକୁମା ଠାରେ ଥିବା ଭାରତୀୟ ବିଦ୍ୟା ନିକେତନ (ଗୁରୁକୁଳ) ବିଦ୍ୟାଳୟ ପରିସରରେ ଇଣ୍ଡିଆ ଫାଉଣ୍ଡେସନ ଅଫ୍ ଆର୍ଟ ବାଙ୍ଗାଲୋର ପ୍ରତିଷ୍ଠାନର ଆର୍ଥିକ ସହାୟତରେ ଏକ ଆଦିବାସୀ ସଂଗ୍ରହାଳୟ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏହାକୁ ଇଣ୍ଡିଆ ଫାଉଣ୍ଡେସନ ଅଫ୍ ଆର୍ଟ ବାଙ୍ଗାଲୋରର ପ୍ରୋଗ୍ରାମ ଅଫିସର ଟି. ଏନ କ୍ରିଷ୍ଣାମୂର୍ତ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ଭୁବନେଶ୍ୱରରୁ ଆସିଥିବା ସାମାଜିକ କର୍ମୀ ସୁକାନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ କାଲିମେଲା ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଳା ମାଡ଼ି ଏବଂ ଗଙ୍ଗାଧର ସୋଡ଼ୀ, ଡିଏଲଓ ର ଜାତୀୟ ସାଧାରଣ ସମ୍ପାଦକ ଲଳିତ ମାଡକାମି, କାଲିମେଲା ବ୍ଲକ ଆଦିବାସୀ ମହାସଂଘ ସଭାପତି ୱାଗା ମାଡକାମି, କାଲିମେଲା ଜିଲ୍ଲା ପରିଷଦ ସଭ୍ୟା ମମତା ପଡ଼ିଆମି, କାଲିମେଲା ଲ୍ୟାମ୍ପସ ସଭାପତି ବୁଦ୍ରା କବାସି, ମାଟେରୁ ପଞ୍ଚାୟତ ସରପଞ୍ଚ, ଲଛମନ ମାଡକାମି, ସମାଜସେବୀ ଦେବା ମାଡକାମି, ଗୁରୁକୂଳ ବିଦ୍ୟଳୟ ସମ୍ପାଦକ ଜୀବନକୃଷ୍ଣ ଦାସ, ପ୍ରଧାନ ଶିକ୍ଷକ ବିଜୟ କୁମାର ଦାସ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। କାଲିମେଲା ଅଞ୍ଚଳର ସମାଜସେବୀ ଶରତଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସିଂହ ନୃତ୍ୟ ଏବଂ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ କରା ଯାଇଥିଲା। ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଆଦିବାସୀ ସଂଗ୍ରହାଳୟ ଉଦ୍‌ଘାଟନ କରା ଯାଇଥିଲା। ଅତିଥି ମାନେ ସଂଗ୍ରହାଳୟ ରେ ବୁଲି ଆଦିବାସୀମାନଙ୍କ ବ୍ୟବହୃତ ଅଳଙ୍କାର, ହାତବୁଣା ବସ୍ତ୍ର, ପାରମ୍ପରିକ ବାଦ୍ୟଯନ୍ତ୍ର, ସେମାନଙ୍କ ଘରକରଣା ଦ୍ରବ୍ୟ, କୃଷି ଉପକରଣ, ଶିକାର ପାଇଁ ବ୍ୟବହୃତ ହତିଆର, ପାରମ୍ପରିକ ଯନ୍ତ୍ର, ଏଗୁଡିକୁ ଏଠାରେ ସୁନ୍ଦର ଭାବେ ସୂଚନା ଫଳକ ସହ ସଜାଇ ରଖା ଯାଇଥିବା ବେଳେ ତାହାକୁ ବୁଲି ଦେଖିଥିଲେ। ଏଥିରୁ ଲୋକମାନେ ଏ ଅଞ୍ଚଳର ଆଦିବାସୀମାନଙ୍କ ସଂସ୍କୃତି ସମ୍ପର୍କୀତ ଅନେକ ବିଷୟ ଜାଣିବାର ସୁଯୋଗ ପାଇ ପାରିବେ। ଏଠାରେ ନିର୍ମିତ ଆଦିବାସୀ ସଂଗ୍ରହାଳୟକୁ ଜୀବନ୍ତ କରି ରଖିବା ଏବଂ ଆଦିବାସୀଙ୍କ ଭାଷା, ଶିକ୍ଷା, ଚଳଣି, ସଂକୃତି ଓ ସେମାନଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ପ୍ରକରର ଯନ୍ତ୍ରପାତୀ ପୋଷାକ ସମ୍ବନ୍ଧରେ ଆମକୁ ଶିକ୍ଷା ଲାଭ ମିଳିବା ସହ ଅଞ୍ଚଳରେ ଆଦିବାସୀଙ୍କ ଉନ୍ନତି କ୍ଷେତ୍ରରେ ସହାୟକ ହେବେ ବୋଲି ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ। ପରେ ପାରମ୍ପାରିକ ଆଦିବାସୀ ନୃତ୍ୟଗୀତ ରେ ସଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳ ଏବଂ ସ୍ଥାନୀୟ ଅଞ୍ଚଳରୁ ବହୁ ଆଦିବାସୀ ଉପସ୍ଥିତ ଥିଲେ।

# ବାଲାଂଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାରକୁ ବିରୋଧ

କୋରାପୁଟ, ୩୦।୧୨(ସମିସ)


ବାଲାଂଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ହତ୍ୟା ବିରୋଧରେ କୋରାପୁଟ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ହିନ୍ଦୁ ସମାଜ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନିଶାଣୀ ମୁଣ୍ଡାରୁ ଏକ ରାଲି ବାହାରି ସହର ପରିକ୍ରମା କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କୁଶପୁତ୍ତଳିକା ଦାହ କରିବା ସହିତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ବର୍ଷ ଧରି କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବୈଧ ବାଙ୍ଗଲାଦେଶୀ ଅନୁପ୍ରବେଶ କରିବାର ନଜିର ରହିଛି। ଧୀରେ ଧୀରେ ସେମାନେ ସ୍ଥାୟୀତ୍ୱ ମଧ୍ୟ ନେବାରେ ଲାଗିଲେଣି। ଅନ୍ୟପଟେ କିଛି ଅନୁପ୍ରବେଶକାରୀ କୋରାପୁଟରେ ଆସି ବିଭିନ୍ନ ବ୍ୟବସାୟ କରୁଥିବା ବେଳେ ଅସାମାଜିକକାର୍ଯ୍ୟରେଲିପ୍ତରହୁଛନ୍ତି।ଗତଦିନମାନଙ୍କରେ ଏଭଳି ବିଭିନ୍ନ ଘଟଣା କୋରାପୁଟରେ ଦେଖିବାକୁ ମିଳିଛି। ତେଣୁ ତୁରନ୍ତ ବାଲାଂଦେଶୀ ଓ ରୋହିଙ୍ଗ୍ୟା ମାନଙ୍କୁ ଚିହ୍ନଟ କରି କୋରାପୁଟରୁ ବିଦା କରିବାକୁ ଦାବି କରିଛି ବିଶ୍ୱ ହିନ୍ଦୁ ପରିଷଦ ସହ ବିଭିନ୍ନ ହିନ୍ଦୁ ସଂଗଠନ। ଆସନ୍ତା ୭ ଦିନ ମଧ୍ୟରେ ସେମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ହିନ୍ଦୁ ସଙ୍ଗଠନ ଏହି କାର୍ଯ୍ୟ କରିବାକୁ ଆଗେଇ ଆସିବ ବୋଲି ହିନ୍ଦୁ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଏବଂ କୋରାପୁଟ ଏସପିଙ୍କ ଉଦ୍ଦେଶ୍ୟରେ ମଧ ଦାବିପତ୍ର ପ୍ରଦାନ କରାଯାଇଛି।ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରାଯାଇଛି। ଆଜି ଦାବିପତ୍ର ବେଳେ ବିଶ୍ୱ ହିନ୍ଦୁ ପରିଷଦ କୋରାପୁଟ ଜିଲ୍ଲା ସମିତି ସଭାପତି ଅକ୍ଷୟ ପାତ୍ର, ସମ୍ପାଦକ ସଂଯୁତ କୁମାର ନନ୍ଦ, ଉପସଭାପତି ବିଭୁଦତ ମିଶ୍ର, ସହସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ, ବଜରଙ୍ଗ ଦଳ ସଂଯୋଜକ ସି ଏଚ ବୁଜିଙ୍ଗା ଆଚାରି, ସ ହ ସଂଯୋଜକ କେ ରବି କୁମାର, ପ୍ରଭାତ ରଥ, ରାମ ପ୍ରସାଦ ସାହୁ, ରାଜେଶ ସୋନେଜା, ମହିପାଲ ସିଂ, ବିଜୟ ମିଶ୍ର, ଉଦିତ ସାହୁ, ପ୍ରହଲ୍ଲାଦ ସାହୁ, ରାମଚନ୍ଦ୍ର ମାଝି, ରାମ ନବମୀ କମିଟିର ସମ୍ପାଦକ ସନ୍ତୋଷ ଜେନା, ଶରତ କୁମାର ଆଚାର୍ଯ୍ୟ, ଅଶ୍ୱନୀ ପଟ୍ଟନାୟକ, ରମେଶ କୁଅଁର, ନୃପେନ୍ଦ୍ର ନାରାୟଣ ବାଘ, ପ୍ରମୋଦ ସେଠୀ, ସନ୍ତୋଷ ପଲାଇ, ଦିଲୀପ ମହାନ୍ତି, ରାମଚନ୍ଦ୍ର ମାଝୀ, କାମାକ୍ଷା ପ୍ରସାଦ ମାଝି, ଯାମି ସନ୍ତୋଷ, ଭବାନୀ ଶଙ୍କର ବେନିଆ ପ୍ରମୁଖ ଉପସ୍ଥିତ ଥିଲେ।



## ବାଲାଂଦେଶ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ଦାବି

## ଆହାର କେନ୍ଦ୍ର ଟେଣ୍ଡରରେ ଅନିୟମିତତା ଅଭିଯୋଗ

ସୁନାବେଡ଼ା, ୩୦।୧୨ (ସମିସ): ସୁନାବେଡ଼ା ପୌର ପରିଷଦ ଅଧୀନରେ ଆହାର କେନ୍ଦ୍ର ପରିଚାଳନା ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଉଠିଛି। ସୂଚନା ଅନୁଯାୟୀ, ମୋଟ ୧୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଏହି ଟେଣ୍ଡରରେ ଆବେଦନ କରିଥିଲେ। କିନ୍ତୁ ଟେଣ୍ଡର ଖୋଲାଯିବା ସମୟରେ ପଞ୍ଚସୂତ୍ର ନିୟମ ଅନୁସରଣ ନ କରି ସମସ୍ତ ଆବେଦନକାରୀଙ୍କ ସମ୍ମୁଖରେ ନଥିପତ୍ର ଦେଖାଯାଇ ନଥିଲା। ପରବର୍ତ୍ତୀ ସମୟରେ ଅଧିକ ନଥିପତ୍ର ମାଗିବା ନେଇ ଅଭିଯୋଗ ହୋଇଛି। ଏହି ଅନିୟମିତତାକୁ ନେଇ ୧୨ଟି ଗୋଷ୍ଠୀ ମଧ୍ୟରୁ ୮ ଟି ଗୋଷ୍ଠୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ସ୍ଥାନୀୟ ପ୍ରଶାସନ ତାଙ୍କର ନଥିପତ୍ରକୁ ଉପେକ୍ଷା କରି ଅନ୍ୟାୟ କରୁଛନ୍ତି। ଯଦି ଏହାର ଉଚିତ ସମାଧାନ ନହୁଏ, ତେବେ ସେମାନେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଘଟଣା ମହିଳା ସଶକ୍ତିକରଣ ଯୋଜନା ଅଧୀନରେ ଚାଲୁଥିବା ଆହାର କେନ୍ଦ୍ର ପରିଚାଳନାରେ ସ୍ୱଚ୍ଛତା ଓ ନ୍ୟାୟ ଉପରେ ପ୍ରଶ୍ନ ଉଠାଇଛି। ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ତୁରନ୍ତ ଯାଞ୍ଚ କରି ଅଭିଯୋଗକାରୀ ମହିଳା



## ଅଭିନେତ୍ରୀଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ, ୩୦।୧୨ (ଏଜେନ୍ସି): କନ୍ନଡ଼ ଏବଂ ତାମିଲ ସିନେ ଜଗତର ଲୋକପ୍ରିୟ ଅଭିନେତ୍ରୀ ନନ୍ଦିନୀ ସିଏମ ଆତ୍ମହତ୍ୟା କରିଛନ୍ତି। ବେଙ୍ଗାଲୁରୁ ସ୍ଥିତ ବାସଭବନରୁ ସୋମବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ପୁଲିସ ଏକ ସୁଇସାଇଡ ନୋଟ ଉଦ୍ଧାର କରିଛି। ଏଥିରେ ଲେଖାଯାଇଛି ଯେ ବିବାହ ପାଇଁ ପରିବାର ଚାପ ପକାଉଥିବାରୁ ସେ ଅବସାଦଗ୍ରସ୍ତ ହୋଇ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଏହା ସହିତ ବ୍ୟକ୍ତିଗତ ସମସ୍ୟା ମଧ୍ୟ ତାଙ୍କ ଉପରେ ଭାରି ହୋଇ ଯାଇଥିଲା। ତେବେ ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସାମ୍ନାକୁ ଆସି ନାହିଁ। ପୁଲିସ ମାମଲାର ତଦନ୍ତ କରୁଛି। ତାମିଲ ଧାରାବାହିକ 'ଗୌରୀ'ରେ ନିଜ ଭୂମିକା ପାଇଁ ନନ୍ଦିନୀ ପ୍ରସିଦ୍ଧ ଥିଲେ। ସଂଯୋଗବଶତଃ କିଛି ଦିନ ତଳେ ତାଙ୍କ ଚରିତ୍ର ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏବେ ସେ ଏଭଳି ପଦକ୍ଷେପ ନେଇଥିବାରୁ ଧାରାବାହିକକୁ ଏହା ସହ ଯୋଡ଼ି ଦେଖାଯାଉଛି।



## ୧୩ ଜଣଙ୍କୁ ଚାପିଦେଲା ବସ୍: ୪ ମୃତ, ୯ ଗୁରୁତର



ମୁମ୍ବଇ, ୩୦।୧୨ (ଏଜେନ୍ସି): ମୁମ୍ବଇର ଭାଣ୍ଡୁପ ରେଳ ଷ୍ଟେସନ ବାହାରେ ସୋମବାର ରାତିରେ ବଡ଼ ଅଘଟଣ ଘଟିଛି। ଏଠାରେ ଏକ ବସ୍ ପଛକୁ ନେବା ସମୟରେ ନିୟନ୍ତ୍ରଣ ହରାଇ ୧୩ ପଥଚାରୀଙ୍କୁ ଚାପି ଦେଇଛି। ଏହି ଦୁର୍ଘଟଣାରେ ୩ ମହିଳାଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ୯ ଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ବୃହନମୁମ୍ବଇ ଇଲେକଟ୍ରିକ ସପ୍ଲାଇ ଆଣ୍ଡ ଟ୍ରାନ୍ସପୋର୍ଟ (ବେଷ୍ଟ) ବସ୍ ଏହି ଦୁର୍ଘଟଣା ଘଟାଇ ଥିଲା। ଏହି ମାମଲାରେ ଡ୍ରାଇଭରକୁ ଗିରଫ କରାଯାଇଛି। ଏହି ସୂଚନା ପାଇ ପୁଲିସ, ଦମକଳ ବାହିନୀ ଏବଂ ବେଷ୍ଟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲା। ଆହତଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ବସ୍‌ଟି ଏକ ବିଦ୍ୟୁତ ଖୁଣ୍ଟ ସହ ମାଡ଼ ହୋଇଥିଲା, ଫଳରେ ଏହା ଭାଙ୍ଗି ଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଫୁଟପାଥ୍‌କୁ କବ୍‌ଜା କରି ରଖା ଯାଇଥିବାରୁ ଲୋକେ ରାସ୍ତା ଉପରକୁ ଚାଲି ଯାଇଥିଲେ। ଏହି ସମୟରେ ବସ୍ ପଛ ପଟୁ ମାଡ଼ି ଯାଇଥିଲା।

# ୨୦୨୬ରେ ଭାରତ-ପାକିସ୍ତାନ ଯୁଦ୍ଧ!

■ ଆମେରିକା ଥିଙ୍କ ଟ୍ୟାଙ୍କର ଦାବି
■ କାରଣ ପାଲଟିବ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ
■ ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି ଦୁଇ ଦେଶ



ୱାସିଂଟନ, ୩୦।୧୨ (ଏଜେନ୍ସି): ଆସନ୍ତା ବର୍ଷ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପୁଣି ଯୁଦ୍ଧ ହୋଇପାରେ। କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ଏହାର କାରଣ ପାଲଟି ପାରେ। ଆମେରିକା ଥିଙ୍କଟ୍ୟାଙ୍କ 'କାଉନସିଲ ଅଫନ ଫରେନ ରିଲେସନ୍ସ (ସିଏଫଆର)' ପକ୍ଷରୁ ଏହି ଦାବି କରାଯାଇଛି। ସିଏଫଆରର 'କନଫ୍ଲିକ୍ଟ ଟୁ ୱାଚ ଇନ-୨୦୨୬'ରେ କୁହାଯାଇଛି ଯେ ଯଦି ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ହେବ ତେବେ ଏହାର ପ୍ରଭାବ ଆମେରିକାର ସ୍ୱାର୍ଥ ଉପରେ ପଡ଼ିବ। ଜମ୍ମୁ-କଶ୍ମୀରରେ ଏବେ କୌଣସି ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇ ନାହିଁ। ମାତ୍ର ଜମ୍ମୁ କ୍ଷେତ୍ରରେ ୩୦ରୁ ଅଧିକ ଆତଙ୍କବାଦୀ ସକ୍ରିୟ ଅଛନ୍ତି ବୋଲି ଗୁଇନ୍ଦା ଏଜେନ୍ସିଗୁଡ଼ିକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଗତ ମେ'୧୦ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ହେବାପରଠାରୁ ଉଭୟ ଦେଶ ଅସ୍ତ୍ରଶସ୍ତ୍ର କ୍ରୟ ବୃଦ୍ଧି କରିଛନ୍ତି। ଭାରତରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ସମ୍ପ୍ରତି ୭ ୯,୦୦୦ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁର କରିଛି। ଏହା ମାଧ୍ୟମରେ ଡ୍ରୋନ୍, ଆକାଶରୁ ଆକାଶ ମାଡ଼ କରାଯାଉଥିବା କ୍ଷେପଣାସ୍ତ୍ର ଏବଂ ଗାଇଡେଡ୍ ବୋମା କିଣା ଯିବ। ସେହିପରି 'ଅପରେସନ୍ ସିନ୍ଦୂର' ସମୟରେ ଦେଖା ଦେଇଥିବା ଦୁର୍ବଳତାକୁ ଦୂର କରିବା ପାଇଁ ପାକିସ୍ତାନ ତୁର୍କୀ ଏବଂ ଚୀନ୍ ଠାରୁ ନୂତନ ଡ୍ରୋନ୍ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ କ୍ରୟ କରିବା ପାଇଁ ଆଲୋଚନା ଆରମ୍ଭ କରିଛି। ରିପୋର୍ଟରେ ଆଉ ଏକ ବଡ଼ ବିପଦର ସଙ୍କେତ ମଧ୍ୟ ଦିଆଯାଇଛି। ୨୦୨୬ରେ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଜୋରାଦାର ହେବାର ସମ୍ଭାବନି ରହିଛି। କିନ୍ତୁ ଏଥିରେ ଆମେରିକାର ସ୍ୱାର୍ଥ ସେତେ ପ୍ରଭାବିତ ହେବ ନାହିଁ। ଅକ୍ଟୋବରରେ ୨,୬୦୦ କିମିର ଲମ୍ବା ଡୁରାଣ୍ଡ ଲାଇନ ସହିତ ପାକିସ୍ତାନ ଏବଂ ତାଲିବାନ ଶାସିତ ଆଫଗାନିସ୍ତାନ ମଧ୍ୟରେ ଭୟଙ୍କର ସଂଘର୍ଷ ହୋଇଥିଲା। ଉଭୟ ଦେଶର ସେନା ଅନେକ ଅଞ୍ଚଳରେ ମୁହାଁମୁହିଁ ହୋଇଥିଲେ। ପରସ୍ପରର ସୀମା ପୋଷ୍ଟଗୁଡ଼ିକୁ ନଷ୍ଟ କରିଥିବା ଦାବି କରିଥିଲେ। ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ସମ୍ପର୍କ ଏବଂ ବାଣିଜ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଏହା ବ୍ୟତୀତ ଦକ୍ଷିଣ ଏସିଆରେ ଆଗାମୀ ଦିନରେ ବଡ଼ ଭୂରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇପାରେ।


# ଶାହା-ମମତା ମୁହାଁମୁହିଁ



■ ପଶ୍ଚିମବଙ୍ଗରୁ ଅନୁପ୍ରବେଶକାରୀଙ୍କୁ ବାହାର କରିବୁ: ଶାହା
■ ପହଲଗାମ ଆକ୍ରମଣ ନିଜେ କରାଇଛ କି? ମମତାଙ୍କ ପ୍ରଶ୍ନ

କୋଲକାତା, ୩୦।୧୨ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ରାଜନୀତି ସରଗରମ ହୋଇ ଉଠିଛି। ରାଜ୍ୟ ଗସ୍ତର ଦ୍ୱିତୀୟ ଦିନରେ କୋଲକାତାରେ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାର ବିରୋଧରେ ରଣ ହୁଙ୍କାର ଦେଇଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା। ସେ କହିଛନ୍ତି ଯେ ମମତା ସରକାର ଅନୁପ୍ରବେଶକାରୀଙ୍କୁ ରୋକିପାରୁ ନାହିଁ। ୨୦୨୬ରେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରିବ। ଆଉ ଏହା ପରେ ରାଜ୍ୟରୁ ଖୋଜି ଖୋଜି ଅନୁପ୍ରବେଶକାରୀଙ୍କୁ ବାହାର କରିବୁ। ଏହାକୁ ରୋକିବା ପାଇଁ ଏକ 'ନ୍ୟାସନାଲ ଗ୍ରୀଡ୍' ନିର୍ମାଣ କରାଯିବ। ଶାହା ରାଜ୍ୟରେ ବ୍ୟାପିଥିବା ଭୟ, ଦୁର୍ନୀତି ଏବଂ କୁଶାସନକୁ ନେଇ ଶାସକ ଦଳକୁ ଶାହା କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଗତ ୧୫ ବର୍ଷ ଧରି ଟିଏମସି ଶାସନରେ ରାଜ୍ୟରେ ଅନୁପ୍ରବେଶ ବୃଦ୍ଧି ପାଇଛି। ଏହା ନାଗରିକଙ୍କ ଚିନ୍ତା ବଢ଼ାଇ ଦେଇଛି। ମମତା ସରକାରଙ୍କ ଦୁର୍ନୀତି କାରଣରୁ ପଶ୍ଚିମବଙ୍ଗର ବିକାଶ ଠପ୍ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରା ଯାଇଥିବା ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଏଠାରେ 'ଟୋଲ୍ ସିଣ୍ଡିକେଟ୍'ର ଶିକାର ହୋଇଛି। ଗତ ୧୪ ବର୍ଷ ଧରି ଭୟ ଏବଂ ଦୁର୍ନୀତି ପଶ୍ଚିମବଙ୍ଗର ପରିଚୟ ପାଲଟିଛି। ମହିଳା ବିରୋଧୀ ହିଂସା ବଢ଼ି ଚାଲିଛି। ହିନ୍ଦୁଙ୍କ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ରାଜ୍ୟରେ ଆତଙ୍କବାଦୀ ନେଟୱାର୍କ କାର୍ଯ୍ୟ କରୁଛି ଏବଂ ଅନୁପ୍ରବେଶ ଦ୍ରୁତ ଗତିରେ ବୃଦ୍ଧି ପାଉଛି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମମତା ଏହାର ଜବାବ ଦେଇ ବିଜେପିକୁ ପହଲଗାମ ଆକ୍ରମଣ ସମ୍ପର୍କରେ ପ୍ରଶ୍ନ ପଚାରିଛନ୍ତି। ଯଦି ଅନୁପ୍ରେବଶ ଖାଲି ପଶ୍ଚିମବଙ୍ଗରେ ହେଉଛି ତେବେ ଜମ୍ମୁ-କଶ୍ମୀରରେ କେମିତି ହେଲା? ପହଲଗାମ ଆକ୍ରମଣ ନିଜେ କରାଇ ଥିଲେ କି? ଦିଲ୍ଲୀ ଆକ୍ରମଣ ପଛରେ କିଏ ଥିଲା? ଏସଆଇଆର ନାମରେ ବିଜେପି ଲୋକଙ୍କୁ ସମସ୍ୟାରେ ପକାଉଛି ବୋଲି ଦିଦି ଅଭିଯୋଗ କରିଛନ୍ତି। ଶକୁନିର ଚେଲା ଦୁଃଶାସନ ରାଜ୍ୟକୁ ସୂଚନା ସଂଗ୍ରହ କରିବାକୁ ଆସିଛି ବୋଲି କହିଛନ୍ତି। ନିର୍ବାଚନ ଆସିବା ମାତ୍ରେ ଦୁଃଶାସନ ଏବଂ ଦୁର୍ଯ୍ୟୋଧନଙ୍କୁ ଦେଖିବାକୁ ମିଳୁଛି। ମମତା ଜମି ଦେଉନାହିଁ ବୋଲି ଆଜି ବିଜେପି ଅଭିଯୋଗ କରୁଛି, ତା ହେଲେ ପେଟ୍ରାପୋଲ, ଅଣ୍ଡାଲରେ ଜମି କିଏ ଦେଇଥିଲା ବୋଲି ଦିଦି ପଚାରିଛନ୍ତି।



## ପ୍ରିୟଙ୍କା ଭଦ୍ରାଙ୍କ ପୁଅ ରେହାନଙ୍କ ନିର୍ବନ୍ଧ

ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି): କଂଗ୍ରେସ ସାଂସଦ ଏବଂ ଶିଳ୍ପପତି ରବର୍ଟ ଭଦ୍ରାଙ୍କ ପୁଅ ରେହାନ ଭଦ୍ରାଙ୍କ ନିର୍ବନ୍ଧ ହୋଇଛି। ପରିବାର ଲୋକ ଓ କିଛି ଘନିଷ୍ଠ ବନ୍ଧୁଙ୍କ ଉପସ୍ଥିତିରେ ରେହାନ ସୋମବାର ନିଜ ପ୍ରେମିକା ଅଭିଭା ବେଗ୍‌ଙ୍କୁ ମୁଦି ପିନ୍ଧାଇଛନ୍ତି। ଏହାର ଏକ ଫଟୋ ଭାଇରାଲ ହେବାରେ ଲାଗିଛି, ମାତ୍ର ଭଦ୍ରା କିମ୍ବା ବେଗ୍ ପରିବାର ପକ୍ଷରୁ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ରେହାନ ଏବଂ ଅବିବା ୭ବର୍ଷ ହେଲା ପ୍ରେମ ସମ୍ପର୍କରେ ଥିଲେ। ଅବିବା ନିଜ ପରିବାର ସହ ଦିଲ୍ଲୀର ରହୁଛନ୍ତି। ସେ ଇମ୍ରାନ ବେଗ ଏବଂ ଇଣ୍ଟେରିୟର ଡିଜାଇନର ନନ୍ଦିତା ବେଗଙ୍କ ଝିଅ। ଅଭିଭାଙ୍କ ମାଆ ହିଁ କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନର ଡିଜାଇନ କରିଥିଲେ। ଭଦ୍ରା ପରିବାର ସହ ଅଭିଭା ପରିବାର ସମ୍ପର୍କ ବହୁତ ନିବିଡ଼ ଥିଲା।

## ୟେମେନ ବନ୍ଦରରେ ସାଉଦି ଆକ୍ରମଣ



■ ୯୦ ଦିନ ପାଇଁ ୟେମେନରେ ଏମର୍ଜେନ୍ସି
■ ସାଉଦି-ୟୁଏଇ ମଧ୍ୟରେ ଉତ୍ତେଜନା

ରିୟାଧ, ୩୦।୧୨ (ଏଜେନ୍ସି): ଉପସାଗରୀୟ କ୍ଷେତ୍ରର ଦୁଇ ଶକ୍ତିଶାଳୀ ଦେଶ ସାଉଦି ଆରବ ଏବଂ ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ) ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ୟେମେନର ମୁକାଲା ବିମାନବନ୍ଦର ଉପରେ ସାଉଦି ମଙ୍ଗଳବାର ସକାଳେ ବୋମା ମାଡ଼ କରିଛି। ୟୁଏଇରୁ ଆସିଥିବା ଏହି ଜାହାଜ ଉପରେ ଆକ୍ରମଣ ହୋଇଛି। ଏହାକୁ ନେଇ ୟୁଏଇ ବିରକ୍ତି ପ୍ରକାଶ କରିଛି।

ୟୁଏଇର ଫୁଜୈରା ବନ୍ଦରରୁ ଆସିଥିବା ଦୁଇ ଜାହାଜରୁ ଏଠାରେ ଅସ୍ତ୍ରଶସ୍ତ୍ର ଏବଂ ସାମରିକ ଗାଡ଼ି ବାହାର କରାଯାଉଥିଲା ବୋଲି ସାଉଦି ଦାବି କିରିଛି। ଏହି ଜାହାଜ ଗୁଡ଼ିକର ଟ୍ରାକିଂ ସିଷ୍ଟମ ବନ୍ଦ ଥିଲା। ଏହି ଅସ୍ତ୍ରଶସ୍ତ୍ର ସଦର୍ଣ୍ଣ ଟ୍ରାଞ୍ଜିସନାଲ କାଉନସିଲ (ଏସଟିସି) ନାମରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କ ପାଖକୁ ଯାଉଥିଲା। ଶାନ୍ତି ଏବଂ ସ୍ଥିରତା ଲାଗି ପ୍ରତି ବିପଦ ଥିବାରୁ ଆକ୍ରମଣ କରି ଧ୍ୱଂସ କରି ଦିଆଯାଇଛି।

ଅନ୍ୟପଟେ ୟୁଏଇ ଏଭଳି ଦାବିକୁ ଖଣ୍ଡନ କରିଦେଇଛି। ଜାହାଜରେ କୌଣସି ଅସ୍ତ୍ରଶସ୍ତ୍ର ନ ଥିବା କହିଛି। ଏହା ଏମିରଟ ସେନା ପାଇଁ ଥିଲା। ସବୁ ପକ୍ଷକୁ ସଂଯମତା ଅବଲମ୍ବନ କରିବାକୁ ୟୁଏଇ କହିଛି। ସେହିପରି ଆକ୍ରମଣ ପରେ ୟେମେନରେ ୯୦ ଦିନ ପାଇଁ ଏମର୍ଜେନ୍ସି ଲଗାଇ ଦିଆଯାଇଛି। ପ୍ରେସିଡେନସିଆଲ ଲିଡରସିପ କାଉନସିଲ ମୁଖ୍ୟ ରସାଦ ଅଲ-ଅଲିମ ୭୨ ଘଣ୍ଟା ପାଇଁ ଦେଶର ସବୁ ସୀମା ବନ୍ଦ କରିଦେଇଛନ୍ତି। ୟୁଏଇ ସହ ପ୍ରତିରକ୍ଷା ଚୁକ୍ତିକୁ ୟେମେନ ରଦ୍ଦ କରିଦେଇଛି। ୟୁଏଇ ସୈନିକଙ୍କୁ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ୟୁଏଇ ଏବଂ ସାଉଦି ଉଭୟେ ଏକାଠି ହୋଇ ୟେମେନରେ ଆତଙ୍କବାଦୀଙ୍କ ବିରୋଧରେ ଲଢୁଛନ୍ତି। ମାତ୍ର ଏହି ଘଟଣା ଉଭୟ ରାଷ୍ଟ୍ର ମଧ୍ୟରେ ବିବାଦ ବଢ଼ାଇଛି।

## ଖାଇକୁ ଖସିଲା ବସ୍; ୭ ମୃତ

ଡେରାଡୁନ, ୩୦।୧୨ (ଏଜେନ୍ସି): ଉତ୍ତରାଖଣ୍ଡ ଆଲମୋଡାର ଭିକିୟାସେନ-ବିନାୟକ ମାର୍ଗର ଶିଳାପାଣି ନିକଟରେ ଏକ ବସ୍ ନିୟନ୍ତ୍ରଣ ହରାଇ ମଙ୍ଗଳବାର ସକାଳେ ୧୭୦ ଫୁଟ ଗଭୀର ଖାଇକୁ ଖସି ପଡ଼ିଛି। ଏଥିରେ ୭ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ବସ୍‌ରେ ୨୮ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଦୁର୍ଘଟଣାର ସୂଚନା ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଦୁର୍ଗମ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ବସ୍‌ଟି ଦ୍ୱାରହାଟ-ଭିକିୟାସେନ-ବାସୋଟ ଦେଇ ରାମନଗର ଯାଉଥିଲା। ମାର୍ଗରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଥିଲେ।



## ଖାଲିଦା ଜିଆଙ୍କ ପରଲୋକ

■ ପ୍ରଧାନମନ୍ତ୍ରୀ ମୋଦୀ, ଶେଖ ହସିନାଙ୍କ ଶୋକ
■ ଅନ୍ତିମ ସଂସ୍କାରରେ ସାମିଲ ହେବେ ଜୟଶଙ୍କର

ଢାକା, ୩୦।୧୨ (ଏଜେନ୍ସି): ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନପି) ମୁଖ୍ୟ ଖାଲିଦା ଜିଆ (୮୦)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଖଲିଦା ଏକାଧିକ ରୋଗରେ ପୀଡ଼ିତ ଥିଲେ। ଢାକାର ଏକ ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ସେ ପ୍ରାୟ ୨୦ ଦିନ ହେଲା ଭେଣ୍ଟିଲେଟରରେ ଥିଲେ। ହୃତ୍‌ପିଣ୍ଡ ସଂକ୍ରମଣ, ଯକୃତ, ବୃକକ, ମଧୁମେହ, ଷ୍ଟୋନ ଏବଂ ଆଖି ଜନିତ ସମସ୍ୟାରେ ସେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ବାଂଲାଦେଶରେ ତିନି ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି।

ଖାଲିଦା ଜିଆଙ୍କ କ୍ୟାରିୟର ବିବାଦପୂର୍ଣ୍ଣ ଥିଲା। ୧୯୭୧ ମୁକ୍ତି ସଂଗ୍ରାମ ପରେ ପାକିସ୍ତାନ ସେନା ଗୃହବନ୍ଦୀ କରି ରଖିଥିଲା। ସେ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ପାକିସ୍ତାନ କଏଦରେ ରହିଥିଲେ। ୧୯୭୧ ଡିସେମ୍ବରରେ ଭାରତଠାରୁ ପାକିସ୍ତାନ ହାରିବା ପରେ ଖାଲିଦା ଜିଆ ମୁକ୍ତ ହୋଇଥିଲେ। ମାତ୍ର ସେ ଭାରତର ତୀବ୍ର ବିରୋଧୀ ଥିଲେ। ପରେ ଖାଲିଦା ରାଜନୈତିକ ସଂଘର୍ଷ, ଆନ୍ଦୋଳନ ଏବଂ ଆକ୍ରମଣ ଦ୍ୱାରା ଘେରି ହୋଇ ଯାଇଥିଲେ। ୨୦୧୫ ଢାକା ମେୟର ନିର୍ବାଚନ ସମୟରେ ତାଙ୍କ କାର୍‌କେଡ ଉପରକୁ ଗୁଳି ମାଡ଼ ହୋଇଥିଲା। ଏଥିରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ।

ପୂର୍ବତନ ରାଷ୍ଟ୍ରପତି ଜିଆଉର ରେହମାନଙ୍କ ପତ୍ନୀ ଖାଲିଦା ୧୯୯୧-୯୬ ଏବଂ ୨୦୦୧-୦୬ ପର୍ଯ୍ୟନ୍ତ ଦୁଇ ଥର ବାଂଲାଦେଶ ପ୍ରଧନମନ୍ତ୍ରୀ ହୋଇଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବାଂଲାଦେଶର ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନା ପ୍ରମୁଖ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ତାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବା ପାଇଁ ଢାକା ଗସ୍ତ କରିବେ। ପାକିସ୍ତାନ ବିଦେଶମନ୍ତ୍ରୀ ଇସାକ ଡାର ମଧ୍ୟ ଏଥିରେ ଯୋଗ ଦେବେ। ଶେଖ ହସିନା କହିଛନ୍ତି ଯେ ଖାଲିଦାଙ୍କ ମୃତ୍ୟୁ ଯୋଗୁଁ ବାଂଲାଦେଶ ରାଜନୀତିରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦେଶର ବିକାଶକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଗଣତନ୍ତ୍ର ପ୍ରତିଷ୍ଠାରେ ସଂଘର୍ଷରେ ଖାଲିଦା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାକୁ ସବୁବେଳ ପାଇଁ ମନେ ରହିବ।

ଭାରତରେ ଜନ୍ମିତ ଖାଲିଦା ଜିଆଙ୍କର ରାଜନୈତିକ ଆଭିମୁଖ୍ୟ ସବୁବେଳେ ନୂଆଦିଲ୍ଲୀ ବିରୋଧୀ ରହିଥିଲା। ବାଂଲାଦେଶର ସାର୍ବଭୌମ ଏବଂ ସୁରକ୍ଷା ସବୁଠୁ ଜରୁରୀ ବୋଲି ସେ କହୁଥିଲେ। ଭାରତ ବିରୋଧରେ ବିଷୋଦଗାର କରି ସାମ୍ପ୍ରଦାୟିକ ନିଶାରେ ବୁଡ଼ିଥିବା ବାଂଲାଦେଶରେ ସେ ଲୋକପ୍ରିୟ ହୋଇଥିଲେ। ଗଙ୍ଗା ଜଳ ବଣ୍ଟନ ଚୁକ୍ତି ହେଉ କିମ୍ବା ଅନ୍ୟ କୌଣସି ଘଟଣାର ଖାଲିଦା ସବୁବେଳେ ଭାରତକୁ ଦାୟୀ କରି ଆସିଛନ୍ତି।

## ସାମାଜିକ ଗଣମାଧ୍ୟମ କମ୍ପାନୀଙ୍କୁ କେନ୍ଦ୍ରର ଚେତାବନୀ
## ଅଶ୍ଳୀଳ ପୋଷ୍ଟ ହଟାଅ; ନଚେତ କେସ୍ ହେବ

ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି): ସବୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଗୁଡ଼ିକୁ କେନ୍ଦ୍ର ସରକାର ମଙ୍ଗଳବାର ଚେତାବନୀ ଜାରି କରିଛନ୍ତି। ନିଜ ନିଜ ପ୍ଲାଟଫର୍ମରୁ ଅଶ୍ଳୀଳ ପୋଷ୍ଟ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଶ୍ଳୀଳ, ଖରାପ, ପର୍ଣ୍ଣୋଗ୍ରାଫିକ, ଶିଶୁ ଯୌନ ଉତ୍ପୀଡ଼ନ ସମ୍ବନ୍ଧିତ ଏବଂ ବେଆଇନ ବିଷୟବସ୍ତୁକୁ ତୁରନ୍ତ ରୋକ ଲଗାଇବା ପାଇଁ କହିଛନ୍ତି। ଯଦି କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିବେ ତେବେ କମ୍ପାନୀ ବିରୋଧରେ ମାମଲା ଚାଲିବ ବୋଲି ଚେତାବନୀ ଦିଆଯାଇଛି। ସୂଚନା ମନ୍ତ୍ରାଳୟ (ମେଇଟି) ପକ୍ଷରୁ ଏ ନେଇ ସୋମବାର ମାର୍ଗଦର୍ଶିକା ଜାରି କରାଯାଇଥିଲା। ଏଥିରେ ଇଣ୍ଟରନେଟ ପ୍ଲାଟଫର୍ମ ଗୁଡ଼ିକୁ ଆଇଟି ନିୟମ ସମ୍ବନ୍ଧିତ 'ଅନୁପାଳନ କାର୍ଯ୍ୟଖସଡ଼ା'ର ସମୀକ୍ଷା ପାଇଁ କୁହାଯାଇଛି। ସାମାଜିକ ଗଣମାଧ୍ୟମରେ ଅପଲୋଡ, ଉପସ୍ଥାପନ ହେଉଥିବା, ସେୟାର କରାଯାଉଥିବା ସାମଗ୍ରୀ ଉପରେ ନଜର ରଖିବା ଏବଂ ବେଆଇନ ବିଷୟବସ୍ତୁ ଉପରେ ଉଚିତ ସମୟରେ କାର୍ଯ୍ୟାନୁଷ୍ଠାନ ନେବା କମ୍ପାନୀର ଦାୟିତ୍ୱ ବୋଲି କୁହାଯାଇଛି।

ଏହି ନିୟମ ପାଳନ ନ କଲେ କମ୍ପାନୀ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। କେବଳ କମ୍ପାନୀ ନୁହନ୍ତି, ପ୍ଲାଟଫର୍ମ ସହିତ ବ୍ୟବହାରକାରୀଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହେବ। ଅନେକ ପ୍ଲାଟଫର୍ମ ଭୁଲ୍ ଏବଂ ଅଶ୍ଳୀଳ ବିଷୟବସ୍ତୁ ହଟାଇବାରେ କୋହଳ ନୀତି ଆପଣାଉଥିବା ଜଣାପଡ଼ିଛି। ତେଣୁ ନିୟମିତ ଭାବେ ଏବଂ ଦ୍ରୁତଗତିରେ ଏ ଦିଗରେ କାର୍ଯ୍ୟ କରିବାକୁ କୁହାଯାଇଛି।

# ସଲ୍‌ମାନଙ୍କ 'ବ୍ୟାଟେଲ ଅଫ ଗଲୱାନ' ଚଳଚ୍ଚିତ୍ରକୁ ନେଇ ଚୀନ୍ କ୍ଷୁବ୍ଧ




ବେଜିଂ, ୩୦।୧୨ (ଏଜେନ୍ସି): ସୁପରଷ୍ଟାର ସଲ୍‌ମାନ ଖାନ ନିଜ ଜନ୍ମଦିନରେ ଆଗାମୀ ଚଳଚ୍ଚିତ୍ର 'ବ୍ୟାଟେଲ ଅଫ ଗଲୱାନ'ର ଟ୍ରେଲର ଜାରି କରିଛନ୍ତି। ୨୦୨୦ରେ ଗଲୱାନରେ ଚୀନ୍-ଭାରତ ସେନା ମଧ୍ୟରେ ହୋଇଥିବା ସଂଘର୍ଷ ଉପରେ ଏହା ଆଧାରିତ। ଏଥିରେ କର୍ଣ୍ଣେଲ ସନ୍ତୋଷ ବାବୁଙ୍କ ଭୂମିକାରେ ସଲ୍‌ମାନ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ରକୁ ନେଇ ଚୀନ୍ ଅସହ୍ୟ ହୋଇଯାଇଛି। ଏହି ଫିଲ୍ମକୁ ସମାଲୋଚନା କରିଛି। ଚଳଚ୍ଚିତ୍ରରେ ଦେଖା ଯାଉଥିବା ଦୃଶ୍ୟ ସତ୍ୟଠାରୁ ବହୁ ଊର୍ଦ୍ଧ୍ୱରେ ବୋଲି ଚୀନ୍ ସରକାରୀ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ଗ୍ଲୋବାଲ ଟାଇମ୍ସ ଏହାକୁ ନେଇ ଏକ ଆଲେଖ୍ୟ ଛାପିଛି। ଏହାର ଶୀର୍ଷକ 'ବ୍ୟାଟେଲ ଅଫ ଗଲୱାନ' ଚଳଚ୍ଚିତ୍ର ଉପରେ ବିବାଦ ରହିଛି। ଏହି ଫିଲ୍ମ ଯେତେ ନାଟକୀୟ ହୋଇଥିଲେ ବି ଦେଶର ସୀମା ଉପରେ ପ୍ରଭାବ ପକାଇପାରିବ ନାହିଁ ବୋଲି କୁହାଯାଇଛି। ଚୀନ୍ ଏବଂ ଭାରତର ସମ୍ବନ୍ଧରେ ସୁଧାର ଆସୁଥିବାବେଳେ ଏଭଳି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ଭୁଲ୍। କେବଳ ଭାରତୀୟ ଦୃଷ୍ଟିକୋଣରୁ ପ୍ରସ୍ତୁତ ଏହି ଫିଲ୍ମ ଚୀନ୍ ବିରୋଧୀ ଭାବନାକୁ ପ୍ରୋତ୍ସାହନ ଦେବ ବୋଲି ବିଶେଷଜ୍ଞଙ୍କ ଆଧାରରେ ଆଲେଖ୍ୟରେ ଲେଖାଯାଇଛି। ଚୀନ୍ ସାମାଜିକ ଗଣମାଧ୍ୟମରେ ସଲମାନଙ୍କ ପୋଷାକ ଏବଂ ଚୁଟି କାଟିବା ଶୈଳୀ ଉପରେ ମଧ୍ୟ ପ୍ରଶ୍ନ ଉଠାଯାଉଛି। ବଲିଉଡ ଫିଲ୍ମ ମନୋରଞ୍ଜନ ପାଇଁ ହୋଇଥାଏ। ଏହା ଦ୍ୱାରା ଇତିହାସ ବଦଳି ଯିବନାହିଁ ବୋଲି ଚୀନ୍ ବିଶେଷଜ୍ଞ କହିଛନ୍ତି। ଅନ୍ୟପଟେ ଏହାକୁ ନେଇ ଭାରତ ସରକାରଙ୍କ ସୂତ୍ରରୁ କୁହାଯାଇଛି ଯେ ଦେଶରେ ଚଳଚ୍ଚିତ୍ର ନିର୍ମାଣରେ କଳାତ୍ମକ ସ୍ୱାଧୀନତା ରହିଛି। ଏହି ସ୍ୱାଧୀନତା ବ୍ୟବହାର କରିବାରେ ଚଳଚ୍ଚିତ୍ର ନିର୍ମାତାଙ୍କ ଅଧିକାର ରହିଛି।

ଗଲୱାନରେ ଭାରତୀୟ ସେନାର ୧୬ ବିହାର ରେଜିମେଣ୍ଟର ଯବାନ ଚୀନ୍ ଔଦ୍ଧତ୍ୟର ଜବାବ ଦେଇଥିଲେ। ଏହି ଚଳଚ୍ଚିତ୍ର ଶିବ ଆରୋରା ଏବଂ ରାହୁଲ ସିଂହଙ୍କ ଲିଖିତ 'ଇଣ୍ଡିଆସ ମୋଷ୍ଟ ଫିୟରଲେସ-୩' ପୁସ୍ତକ ଉପରେ ଆଧାରିତ। ଚୀନ୍ ସହ ଲଢ଼ି ବୀର ଗତି ପ୍ରାପ୍ତ କରିଥିବା କର୍ଣ୍ଣେଲ ତଥା କମାଣ୍ଡିଂ ଅଫିସର ବିକୁମାଲା ସନ୍ତୋଷ ବାବୁଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହି ସଂଘର୍ଷରେ ଭାରତ ୨୦ ଯବାନଙ୍କୁ ହରାଇଥିବାବେଳେ ଚୀନ୍ ସତ ସ୍ୱୀକାର କରି ନ ଥିଲା। କେବଳ ୩ ଯବାନ ପ୍ରାଣ ହରାଇଥିବା କହିଥିଲା। କିନ୍ତୁ, ଚୀନ୍‌ର ୫୦ରୁ ଅଧିକ ଯବାନ ସଂଘର୍ଷରେ ମୃତ୍ୟୁବରଣ କରିଥିଲେ ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଥିଲା।

# ହସାଇବ, ହିଟ୍ କରିବ



ଚଳିତ ବର୍ଷ କିଛି ସିନେମା ରିଲିଜ୍ ନ ହୋଇପାରି ଅଟକି ରହିଲା। ଗୋଟିଏ ପଟେ କିଛି ସିନେମା ମୁକ୍ତିଲାଭ ନ କରିଥିଲେ ବି ତାହାର ଗୀତ ତଥା କାହାଣୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏଇ ଯେମିତି ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ' ରିଲିଜ୍ ହୋଇ ନ ଥିବା ବେଳେ ଏହାର ଗୀତ 'ଜଲ୍‌ସା' ଖୁବ୍ ଲୋକପ୍ରିୟତା ସାଉଁଟି ପାରିଛି । ଅନ୍ୟପକ୍ଷରେ 'ମନ୍ତ୍ରମୁଗ୍ଧ', 'ଚକ୍ରାନ୍ତ', 'ଅପେକ୍ଷା' ଭଳି ଆହୁରି ଏକାଧିକ ସିନେମା ୨୦୨୬ରେ ମୁକ୍ତିଲାଭ କରି ଦର୍ଶକଙ୍କର ଭରପୂର ମନୋରଞ୍ଜନ କରିବା ଆଶା ରହିଛି । 'ଇକ୍କିସ୍'ରୁ ବଲିଉଡ୍‌ର ନୂଆ ଯାତ୍ରା: ୨୦୨୬ ମସିହାରେ ବଲିଉଡ୍‌ରେ ଅନେକ ବଡ଼ ବଜେଟ୍‌ର ସିନେମା ରିଲିଜ୍ ହେବ । ପ୍ରତ୍ୟେକ ସିନେମାର କାହାଣୀ, ଗୀତ, କଳାକାର, ଆକ୍ସନ ସବୁ ଦିଗରୁ ନୂଆପଣ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ତେବେ ବଲିଉଡ୍‌ର ନୂଆ ଯାତ୍ରା 'ଇକ୍କିସ୍'ରୁ ଆରମ୍ଭ ହେବ। କାରଣ ଦିବଂଗତ ଅଭିନେତା ଧର୍ମେନ୍ଦ୍ରଙ୍କ ଅଭିନୀତ ଏହା ହେଉଛି ଶେଷ ସିନେମା। ଜାନୁଆରୀ ୧ ତାରିଖରେ 'ଇକ୍କିସ୍' ମୁକ୍ତିଲାଭ କରିବ । ତେବେ ଅନୁରାଗ ସିଂହଙ୍କ ଦ୍ୱାରା ନିର୍ଦ୍ଦେଶିତ ସିନେମା 'ବର୍ଡର-୨' ଜାନୁଆରୀ ୨୩ରେ ପ୍ରେକ୍ଷାଳୟକୁ ଆସିବ। ଅନ୍ୟପଟେ ୨୦୨୬ରେ ରାଣୀ ମୁଖାର୍ଜୀ ପୁଣି ଥରେ ଶିବାନୀ ଶିବାଜୀ ରୟ ଚରିତ୍ରରେ ବଡ଼ ପରଦାକୁ ଫେରିବେ। ଅଭିରାଜ ମୀନାୱାଲାଙ୍କ ନିର୍ଦ୍ଦେଶିତ 'ମର୍ଦ୍ଦାନୀ-୩' ଫେବୃଆରୀ ୨୭ରେ ମୁକ୍ତିଲାଭ କରିବ। ସେହିପରି ଯଶ୍‌ଙ୍କ ଅଭିନୀତ ସିନେମାକୁ ବି ଦର୍ଶକେ ଉତ୍ସୁକତାର ସହ ଚାହିଁ ରହିଛନ୍ତି । ତାଙ୍କ ଅଭିନୀତ ସିନେମା 'ଟକ୍ସିକ୍' ପ୍ରଥମେ ୨୦୨୫ରେ ମୁକ୍ତିଲାଭ କରିଥାନ୍ତା । କୌଣସି କାରଣବଶତଃ ଏହା ଅଟକି ରହିଲା। ଏଣୁ ଏହା ୨୦୨୬ ମାର୍ଚ୍ଚ ୧୯ରେ ପ୍ରେକ୍ଷାଳୟକୁ ଆସିବା କୁହାଯାଉଛି। କେବଳ ସେତିକି ନୁହେଁ, 'ଭୂତ ବଙ୍ଗଳା', 'ଆୱାରାପନ -୨', 'ବ୍ୟାଟଲ ଅଫ୍ ଗଲୱାନ', 'ନାଗଜିଲା', 'ଦୃଶ୍ୟମ ୩', 'କିଙ୍ଗ', 'ଲଭ୍ ଆଣ୍ଡ ୱାର୍', 'ସ୍ପିରିଟ୍', 'ଲାହୋର -୧୯୪୭', 'ଗବରୁ', 'ଚାନ୍ଦ ମେରା ଦିଲ୍' ଭଳି ଆହୁରି କିଛି ସିନେମା ପ୍ରେକ୍ଷାଳୟକୁ ଆସିବାର ଯୋଜନା ଅଛି।

## 'ୱାଇଫ୍'ରୁ ଆରମ୍ଭ 'ଲଢ଼େଇ'ରେ ଶେଷ



୨୦୨୫ ପ୍ରାରମ୍ଭରେ ପ୍ରଥମେ ମୁକ୍ତିଲାଭ କରିଥିଲା ବର୍ଷା ପ୍ରିୟଦର୍ଶିନୀଙ୍କ ଅଭିନୀତ ସିନେମା 'ୱାଇଫ୍'। ଜାନୁଆରୀ ୩ରେ ଏହା ରିଲିଜ୍ ହୋଇଥିଲା ଏବଂ ଏହାର କାହାଣୀକୁ ଦର୍ଶକେ ପସନ୍ଦ କରିଥିଲେ । ମୁଖ୍ୟତଃ ସିନେମାଟିକୁ ବର୍ଷାଙ୍କ ଜୀବନୀ ସହିତ ଯୋଡ଼ି ଦେଖାଯାଇଥିଲା । ସେହିପରି ରଜରେ ପରଦାକୁ ଆସିଥିଲା ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ସିନେମା 'ଅନନ୍ତା' । ସିନେମାଟି ଏହି ବର୍ଷ ବିବାଦ ସହିତ ଖୁବ୍ ଚର୍ଚ୍ଚାର ପରିସରକୁ ଆସିଥିଲା। ପ୍ରଥମେ ସିନେମାଟି 'ରାଣ୍ଡୀ ପୁଅ ଅନନ୍ତା' ନାଁରେ ରିଲିଜ୍ ହୋଇଥାନ୍ତା । ହେଲେ ସିନେମାର ଏଭଳି ନାମକରଣ ନାରୀ ଜାତି ପାଇଁ ଅସମ୍ମାନ ବୋଲି ଚର୍ଚ୍ଚା ହେବାରୁ ନାଁରେ ପରିବର୍ତ୍ତନ ଅଣାଗଲା । ସେଇଠୁ ଏହା 'ଅନନ୍ତା' ଭାବେ ମୁକ୍ତିଲାଭ କଲା । କଥାସମ୍ରାଟ ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରାଣ୍ଡୀ ପୁଅ ଅନନ୍ତା'ର ଅବଲମ୍ବନରେ ଏହାର କାହାଣୀ ପ୍ରସ୍ତୁତ । ସେହିପରି ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ସିନେମା ବହୁ ସପ୍ତାହ ଧରି ହାଉସ୍ ଫୁଲ୍ ରହିଲା ଏବଂ ଦର୍ଶକେ ସିନେମାଟିକୁ ଖୁବ୍ ପସନ୍ଦ କଲେ । ସେହିପରି ଅର୍ଚ୍ଚିତାଙ୍କ ଅଭିନୀତ 'ପାଦେ ଆକାଶ' ଏବଂ 'ଡେଲିଭରି ବୟ-୨, 'ନବକଳେବର', ଏଲିନା ଏବଂ ଅର୍ଦ୍ଧେନ୍ଦୁ ଅଭିନୀତ ସିନେମା 'ଚ୍ୟାଲେଞ୍ଜ', ଅନୁଭବଙ୍କ ଅଭିନୀତ 'ଚାରିଧାମ' ବି ଦର୍ଶକଙ୍କୁ ହଲ୍ ମୁହାଁ କରାଇଛି । କେବଳ ସେତିକି ନୁହେଁ, 'ଘମାଘୋଟ୍', 'ଛିରେ ନନି', 'ଡଷ୍ଟବିନ୍', 'ଆଜିର ରେବତୀ' ଏବଂ 'ମଟରସାଇକେଲ୍' ଭଳି ଆହୁରି କିଛି ସିନେମା ଏହି ବର୍ଷ ଖୁବ୍ ଲୋକପ୍ରିୟତା ସାଉଁଟୁଛି । ଅନ୍ୟପଟେ ଏହି ବର୍ଷର ଶେଷ ଓଡ଼ିଆ ସିନେମା ହେଉଛି 'ଲଢ଼େଇ' ।




## ବ୍ଲକବଷ୍ଟର୍ 'ବୋଉ ବୁଟୁ ଭୂତ'

୨୦୨୫ରେ ରଜ ଅବସରରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ବୋଉ ବୁଟୁ ଭୂତ' । ସିନେମାଟିକୁ ବ୍ୟାବସାୟିକ ସଫଳତା ମିଳିଛି । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ ବାବୁସାନ, ଅର୍ଚ୍ଚିତା ଓ ଅପରାଜିତା । ଏହି ସିନେମାଟି ବକ୍ସ ଅଫିସ୍‌ରେ ଚହଳ ସୃଷ୍ଟି କରିଥିଲା । ସର୍ବାଧିକ ଆୟକାରୀ ଓଡ଼ିଆ ଚଳଚ୍ଚିତ୍ର ଭାବେ ରେକର୍ଡ କଲା । ଏପରିକି ବଲିଉଡ୍ ସିନେମା 'ଛାୱା'କୁ ପଛରେ ପକାଇଲା ଏହି ହରର୍ କମେଡି ସିନେମା । ସିନେମା ରିଲିଜ୍ ହେବାର ଦୁଇ ଦିନରେ ଏହା କୋଟିଏରୁ ଅଧିକ ଆୟ କରି ରେକର୍ଡ କରିଥିଲା । ଅନ୍ୟପଟେ ଏହି ସିନେମାଟି ସମୁଦାୟ ୨୦ କୋଟିରୁ ଅଧିକ ଆୟ କରିଛି । ତେବେ ଏହି ସିନେମାଟି ବଲିଉଡ୍ ପ୍ରଯୋଜନା ସଂସ୍ଥା ଧର୍ମା ପ୍ରଡକସନର ଦୃଷ୍ଟି ଆକର୍ଷଣ କରିପାରିଛି । ଏହାକୁ ହିନ୍ଦୀରେ ରିମେକ୍ କରିବା କୁହାଯାଇଥିଲା ।




## ଆରପାରିରେ

ଚଳିତ ବର୍ଷ ଉଭୟ ଓଲିଉଡ୍ ଏବଂ ବଲିଉଡ୍ ଅନେକ କଳାକାରଙ୍କୁ ହରାଇଛି । ଓଲିଉଡ୍‌ର ସୁପରଷ୍ଟାର ତଥା ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତି, ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପରଲୋକ ଘଟିଛି । ସେହିପରି ବଲିଉଡ୍‌ର 'ହି ମ୍ୟାନ୍' ଭାବେ ପରିଚିତ ଧର୍ମେନ୍ଦ୍ରଙ୍କର ୮୯ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ସେହିପରି ଗୋବର୍ଦ୍ଧନ ଆଶ୍ରାନୀ, ଶେଫାଲି ଜରିୱାଲା, ପଙ୍କଜ ଧୀର, ସୁଲକ୍ଷଣା ପଣ୍ଡିତଙ୍କର ପରଲୋକ ଖବର ସମସ୍ତଙ୍କୁ ମର୍ମାହତ କରିଥିଲା ।



## ସିକ୍ୱେଲର ବର୍ଷ

୨୦୨୫ରେ ବଲିଉଡ୍‌ରେ ଅନେକ ବହୁ ପ୍ରତୀକ୍ଷିତ ସିକ୍ୱେଲ ସିନେମା ମୁକ୍ତିଲାଭ କରିଛି । 'ରେଡ୍-୨', 'ୱାର୍-୨', 'ବାଗି-୪', 'ମସ୍ତି-୪', 'କେଶରୀ ଚାପ୍ଟର-୨', 'ହାଉସ୍ଫୁଲ-୫', 'ଦେ ଦେ ପ୍ୟାର୍ ଦେ-୨', 'ୱାର୍-୨', 'ଜଲି ଏଲ୍ଏଲ୍‌ବି-୩', 'ସିତାରେ ଜମିନ୍ ପର୍', 'ସନ୍ ଅଫ୍ ସର୍ଦ୍ଦାର-୨', 'ଧଡକ୍-୨', 'ମେଟ୍ରୋ ଇନ୍ ଦିନୋ' ସିନେମା ମୁକ୍ତିଲାଭ କରିଥିଲା । ଏଥିରୁ ଅନେକ ସିନେମା ବକ୍ସଅଫିସ୍ରେ ଭଲ ଆୟ କରିଥିବା ବେଳେ ଆଉ କିଛି ସିକ୍ୱେଲ ସିନେମାକୁ ଦର୍ଶକୀୟ ଆଦୃତି ମିଳିପାରି ନାହିଁ ।





ଅନ୍ୟପଟେ ଏହିବର୍ଷର ବଲିଉଡ୍ର ଚର୍ଚ୍ଚିତ ସିନେମା ମଧ୍ୟରୁ ଅନ୍ୟତମ 'ଛାବା' । ଫେବୃଆରୀ ୧୪ରେ ମୁକ୍ତିଲାଭ କରିଥିବା ଏହି ସିନେମା ବିଶ୍ୱବ୍ୟାପୀ ୮୦୭.୯୧ କୋଟି ଟଙ୍କା ଆୟ କରିଥିଲା । ଐତିହାସିକ ଆକ୍ସନ ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଭିକ୍କି କୌଶଲ ଏବଂ ରଶ୍ମିକା ମନ୍ଦାନା । ସେହିପରି କମ୍ ପ୍ରଚାର ପ୍ରସାରରେ ଜୁଲାଇ ୧୮ରେ ମୁକ୍ତିଲାଭ କରିଥିଲା 'ସୈୟାରା' । ଏହାର ଗୀତ ଖୁବ୍ ଭାଇରାଲ ହୋଇଥିଲା ।

## ସବ୍ୟ-ଦେବାଶିଷଙ୍କ 'ଫିଟ୍ ଟୁ ଫ୍ୟାଟ୍'

୨୦୨୫ ମସିହାରେ ଓଡ଼ିଆ ସିନେମା କେବଳ, କାହାଣୀ, ଗୀତ କିମ୍ବା ବକ୍ସଅଫିସ୍‌ର ଆୟକୁ ନେଇ ଚର୍ଚ୍ଚାରେ ରହିଲା, ତାହା ନୁହେଁ । ସିନେମାରେ ଏଥର କଳାକାରଙ୍କ 'ଫିଟ୍ ଟୁ ଫ୍ୟାଟ୍'ର ଯାତ୍ରା ବି ଦେଖିବାକୁ ମିଳିଲା । ସାଧାରଣତଃ ଅଭିନେତା ନିଜକୁ ଫିଟ୍ ରଖୁଥିବା ବେଳେ ଏଥର କିଭଳି ଓଜନ ବୃଦ୍ଧି କରିବେ, ତାହା ସେମାନଙ୍କ ପାଇଁ ଏକପ୍ରକାର ଆହ୍ୱାନ ସୃଷ୍ଟି କରିଥିଲା । ଅବଶ୍ୟ ଏ ଲାଗି ସେମାନଙ୍କୁ ବହୁତ ପରିଶ୍ରମ ବି କରିବାକୁ ପଡ଼ିଛି । ଯେମିତି ଖାଦ୍ୟ ଖାଇଲେ, ସେମିତି ଝାଳ ବି ବୁହାଇଲେ । ୨୦୨୫ରେ ଅଭିନେତା ସବ୍ୟସାଚୀ ଏବଂ ଦେବାଶିଷ ନିଜ ଓଜନ ବୃଦ୍ଧିକୁ ନେଇ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କଲେ । ସବ୍ୟସାଚୀ 'ଅନନ୍ତା' ସିନେମା ଲାଗି ନିଜ ଓଜନ ବଢ଼ାଇ ଥିବା ବେଳେ ଦେବାଶିଷ 'ଗଣ୍ଡ ଭୈରବ' ପାଇଁ ଓଜନ ବୃଦ୍ଧି କଲେ । ଅବଶ୍ୟ ଏଇ ଦୁଇ କଳାକାର ଯେମିତି ଓଜନ ବଢ଼ାଇଲେ ସେମିତି ଓଜନ କମ୍ ବି କଲେ । ଓଜନ କମ୍ ବେଶିକୁ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦେବାଶିଷ ୨୦ କେଜି ଓଜନ ବଢ଼ାଇବା ସହ ୩ ମାସରେ ସେ ୨୦ କେଜି ଓଜନ କମାଇଲେ । ସେହିପରି ସବ୍ୟ ଏବେ 'ଲ୍ୟାଣ୍ଡଫଲ' ସିନେମା ପାଇଁ ୨ ମାସ ମଧ୍ୟରେ ୩୦ କେଜି ଓଜନ ହ୍ରାସ କରିଛନ୍ତି ।


## ଶ୍ରେଷ୍ଠ ସିନେମା 'ପୁଷ୍କରା'

ଶଙ୍କର ତ୍ରିପାଠୀଙ୍କ ନାଦବିନ୍ଦୁ ଉପନ୍ୟାସ ଉପରେ ପର୍ଯ୍ୟବସିତ ସିନେମା 'ପୁଷ୍କରା'କୁ ୭୧ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କ୍ରମରେ ଆଞ୍ଚଳିକ ଭାଷା ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ କରାଯାଇଥିଲା । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ ସବ୍ୟସାଚୀ ଏବଂ ସୁପ୍ରିୟା । ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ ଏବଂ ରମେଶ ବାରିକଙ୍କ ପ୍ରଯୋଜିତ ଏହି ସିନେମାର କାହାଣୀକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ ।



## ବର୍ଷକର ବିବାଦ

ଚଳିତ ବର୍ଷ କିଛି ବିବାଦ ଏମିତି ଥିଲା ଯାହାର ଚର୍ଚ୍ଚା ବର୍ଷର ବିଭିନ୍ନ ସମୟରେ ଲାଗି ରହିଲା। ବର୍ଷ ପ୍ରାରମ୍ଭରେ ସୈଫ୍ ଅଲୀ ଖାନ୍‌ଙ୍କ ଉପରେ ଆକ୍ରମଣ ହୋଇଥିଲା। ସେହିପରି 'ହେରାଫେରୀ-୩'ରେ ଅକ୍ଷୟ କୁମାର, ସୁନୀଲ ସେଟ୍ଟି ଏବଂ ପରେଶ ରାୱଲ ନଜର ଆସିଥାନ୍ତେ । ତିନି ଜଣ ଫିଲ୍ମର ପ୍ରମୋସନାଲ୍ ସୁଟିଂ ମଧ୍ୟ କରିଥିଲେ। ହେଲେ ଅଚାନକ ପରେଶ ଫିଲ୍ମ କରିବେନି ମନା କଲେ। ଏହି ସିନେମାର ପ୍ରଯୋଜନା ଅକ୍ଷୟ କୁମାର କରୁଥିବା ବେଳେ ଏନେଇ ପରେଶଙ୍କୁ ଲିଗାଲ ନୋଟିସ୍ ପଠାଯାଇ ଥିଲା। ଦୀର୍ଘ ସମୟ ଧରି ଏହା ବିବାଦ ଓ ଚର୍ଚ୍ଚାରେ ରହିଲା ଏବଂ ଶେଷରେ ପରେଶ ଏହି ସିନେମାକୁ ଲେଉଟିଲେ । ଅନ୍ୟପଟେ ଦୀପିକା ପାଦ୍ୟୁକୋନ ଏବଂ ପ୍ରଭାସକୁ ନେଇ ସନ୍ଦୀପ ରେଡ୍ଡୀ ଭାଙ୍ଗା 'ସ୍ପିରିଟ୍' ସିନେମା ନିର୍ମାଣ କରିବାକୁ ଚାହୁଁଥିଲେ। ତେବେ ଏହି ସିନେମା ପାଇଁ ଦୀପିକା ଆଠ ଘଣ୍ଟା କାମ କରିବାକୁ କହିବା ସହ ଅନେକ କିଛି ଦାବି ମଧ୍ୟ ରଖିଥିଲେ । ତାଙ୍କ ଦାବିକୁ ଦେଖି ଦୀପିକାଙ୍କ ବଦଳରେ ସନ୍ଦୀପ ତୃପ୍ତି ଡିମରିଙ୍କୁ ନେଲେ। ଅବଶ୍ୟ ଏହି ମାମଲାକୁ ନେଇ ଇଣ୍ଡଷ୍ଟ୍ରିରେ କାମର ସମୟ ସୀମାକୁ ନେଇ ବିବାଦ ଓ ବିତର୍କ ଲାଗି ରହିଥିଲା । ଅନ୍ୟପଟେ ୨୦୨୫ରେ ଅଭିନେତା ଗୋବିନ୍ଦା ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଖୁବ୍ ଚର୍ଚ୍ଚାରେ ରହିଲେ । ବିଶେଷକରି ସୁନୀତାଙ୍କ ସହ ଗୋବିନ୍ଦାଙ୍କ ଛାଡ଼ପତ୍ର ଏବଂ ପରକୀୟା ପ୍ରୀତି ମାମଲା ଚର୍ଚ୍ଚା ହେବାରୁ ସମସ୍ତେ ଆଶ୍ଚର୍ଯ୍ୟ ରହିଲେ ।




## ୨୦୨୬ରେ ନୂଆ ସମ୍ଭାବନା ନେଇ ଆସୁଛି ଓଡ଼ିଆ ସିନେମା



ଅନେକ କିଛି ରେକର୍ଡ ଭାଙ୍ଗିଛି ୨୦୨୫ର କିଛିଟା ଓଡ଼ିଆ ସିନେମା। କେତେକ ସିନେମା ଦର୍ଶକଙ୍କୁ ନ୍ୟାୟ ଦେଇପାରି ନାହିଁ। ତେବେ ଅନେକ ଆଶା ଓ ସମ୍ଭାବନାକୁ ନେଇ ସ୍ୱାଗତ କରିବା ୨୦୨୬କୁ। Studio 3SIXTY 5...... ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର ଅନେକ ନୂଆ କଳାକାରଙ୍କ ଭବିଷ୍ୟତ ଗଢ଼ିବ ବୋଲି ମୋର ଆଶା ଓ ବିଶ୍ୱାସ. । ନିର୍ଦ୍ଦେଶକ ଆନନ୍ଦ କୁମାରଙ୍କ ଅତୀତରେ ନିର୍ଦ୍ଦେଶିତ ସିନେମା ଭିତରୁ 'ଅପେକ୍ଷା' କିଛି ସ୍ୱତନ୍ତ୍ରତା ବହନ କରେ। ଏହା ଏକ ପ୍ରେମକାହାଣୀ ଉପରେ ଆଧାରିତ ସିନେମା। ପ୍ରେତାତ୍ମାର ଭୟ ମଧ୍ୟ ଦେଖାଯାଇଛି ଏହି ଫିଲ୍ମରେ। ନୂଆ ହିରୋ ସାର୍ଥକଙ୍କ ମୁକ୍ତିଲାଭ କରିବାକୁ ଥିବା ଏହା ପ୍ରଥମ ଚଳଚ୍ଚିତ୍ର। ଯଦିଓ ସେ ଏହା ଭିତରେ ଆହୁରି କିଛି ସିନେମା କରିସାରିଛନ୍ତି । ସେହିପରି ବାରିପଦାର ଅଭିନେତ୍ରୀ ଶୁଭାଙ୍ଗୀ ସମ୍ପୂର୍ଣ୍ଣ ନୂଆ ନ ହେଲେ ମଧ୍ୟ ଏଥିରେ ଭଲ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ୨୦୨୬ ମସିହାରେ ମୁକ୍ତି ଲାଭ କରିବାକୁ ଥିବା 'ଅପେକ୍ଷା' ଚଳଚ୍ଚିତ୍ର ଓଡ଼ିଶାର ଦର୍ଶକମାନଙ୍କୁ ନିଶ୍ଚୟ ଭଲ ଲାଗିବ ଆଶା କରିବି । -ଡ. କେ. ତମନ୍ନା , ପ୍ରଯୋଜକ, 'ଅପେକ୍ଷା' ସିନେମା

## ବାଜିଲା ସାହାନାଇ



୨୦୨୫ ମସିହାରେ ଓଲିଉଡ୍ ତଥା ବଲିଉଡ୍‌ର ଅନେକ କଳାକାର ନୂଆ ବୈବାହିକ ଜୀବନ ଆରମ୍ଭ କରିଛନ୍ତି । ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି ଜାଗୃତି ଶୁକ୍ଲାଙ୍କୁ ବିବାହ କଲେ। ସେହିପରି ଅଭିନେତା ଜ୍ୟୋତି ଅଭିନେତ୍ରୀ ସିମରନଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଅନ୍ୟପଟେ ବଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ଅରମାନ ମଲିକ୍ ଇନଫ୍ଲୁଏନସର ଆସାନ ଶ୍ରଫ୍‌କୁ ବିବାହ କରିଛନ୍ତି । ବର୍ଷର ଶେଷ ମାସ ଡିସେମ୍ବରରେ ସାମନ୍ଥା ରୁଥ୍ ପ୍ରଭୁ ନିର୍ଦ୍ଦେଶକ ତଥା ପ୍ରଯୋଜକ ନିଦିମୋରୁଙ୍କ ବିବାହ କଲେ । ଏହାବାଦ୍ ଟିଭିର ଲୋକପ୍ରିୟ ଅଭିନେତ୍ରୀ ହୀନା ଖାନ୍ ରକି ଜୟସବାଲାଙ୍କୁ ବାହା ହୋଇଛନ୍ତି ।

## ୨୦୨୬କୁ ଅପେକ୍ଷା

କେଇ ଘଣ୍ଟାର ଅପେକ୍ଷା। ବିଦାୟ ନେବ ୨୦୨୫ ବର୍ଷ। ପ୍ରତିବର୍ଷ ଭଳି ଏଥର ମଧ୍ୟ ଓଲିଉଡ୍ ଓ ବଲିଉଡ୍‌ରେ ଅନେକ ସିନେମା ମୁକ୍ତିଲାଭ କରିଛି । ଅନେକ ସିନେମାରେ ଜବରଦସ୍ତ ଆକ୍ସନ, ହୃଦୟସ୍ପର୍ଶୀ କାହାଣୀ, ଦମ୍‌ଦାର କମେଡି, ସାମାଜିକ ବାର୍ତ୍ତା ଏବଂ ଆକର୍ଷଣୀୟ ଦୃଶ୍ୟର ଏକ ଭରପୂର ମନୋରଞ୍ଜନର ମିଶ୍ରଣ ଦେଖିବାକୁ ମିଳିଲା । ତା'ସହ ଐତିହାସିକ ତଥା ଆଧ୍ୟାତ୍ମିକ କାହାଣୀ, ଆକ୍ସନ-ୱାର୍ ସିନେମା ସିନେପ୍ରେମୀଙ୍କୁ ମଧ୍ୟ ହଲ୍ ମୁହାଁ କରାଇପାରିଛି । ତେଣୁ ୨୦୨୫ରେ ମୁକ୍ତିଲାଭ କରିଥିବା ସିନେମା କେବଳ ଦର୍ଶକଙ୍କ ମନୋରଞ୍ଜନ କରି ନାହିଁ, ବରଂ ହୃଦୟରେ ଏକ ସ୍ୱତନ୍ତ୍ର ଛାପ ମଧ୍ୟ ଛାଡ଼ି ଦେଇଛି । କିଛି ସିନେମା ବଡ଼ ବଜେଟ୍ ପାଇଁ ଚର୍ଚ୍ଚାରେ ରହିଥିବା ବେଳେ ଆଉ କିଛି ବ୍ୟାବସାୟିକ ସଫଳତା ଲାଭ କରିଛି । ଏହାରି ଭିତରେ କିଛି କଳାକାର ଦାମ୍ପତ୍ୟ ଜୀବନର ଶୁଭାରମ୍ଭ କରିଛନ୍ତି । ସେହିପରି ସିନେ ଜଗତରେ କିଛି ଦୁଃଖଦ ତଥା ବିବାଦୀୟ ଘଟଣା ବି ଘଟିଛି । ଆମେ ଆମର ଅନେକ ପ୍ରିୟ କଳାକାରଙ୍କୁ ବି ହରାଇଛୁ । ତମାମ ବର୍ଷ ମନୋରଞ୍ଜନ ଜଗତରେ ଘଟିଥିବା ସେଭଳି କେତେକ ଘଟଣା ଏବଂ ୨୦୨୬ ମୁକ୍ତିଲାଭ ଅପେକ୍ଷାରେ ଥିବା କିଛି ସିନେମାକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## 'ଧୁରନ୍ଧର'ର ଧୂଆଁଧାର୍ ବେପାର

୨୦୨୫ରେ ଏକାଧିକ ହିନ୍ଦୀ ସିନେମା ମୁକ୍ତିଲାଭ କରିଥିବା ବେଳେ ସେଥିରୁ ଗୋଟିଏ ସିନେମା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏହା କେବଳ ୧୯ ଦିନରେ ୧୦୦୦ କୋଟି କ୍ଲବ୍‌ରେ ପ୍ରବେଶ କରିଥିଲା । ଡିସେମ୍ବର ୫ ତାରିଖରେ ମୁକ୍ତିଲାଭ କରିଥିଲା 'ଧୁରନ୍ଧର' । ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ତଥା ରଣବୀର ସିଂହଙ୍କ ଅଭିନୀତ ଏହି ସିନେମା ବିଶ୍ୱସ୍ତରରେ ହଜାରେ କୋଟି ଟଙ୍କା ଅତିକ୍ରମ କରିଛି। ସ୍ପାଇ-ଆକ୍ସନ-ଥ୍ରିଲର ଉପରେ ଆଧାରିତ ଏହି ସିନେମାଟିକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି ।




## ଖୁସି ଖବର

ଓଡ଼ିଆ ସିନେମାର ଆଗଧାଡ଼ିର ଅଭିନେତା ଅର୍ଦ୍ଧେନ୍ଦୁଙ୍କ ଘରକୁ ନୂଆ ଅତିଥିଙ୍କ ଆଗମନ ହୋଇଛି । ପୁତ୍ର ସନ୍ତାନର ବାପା-ମାଆ ହୋଇଛନ୍ତି ଅର୍ଦ୍ଧେନ୍ଦୁ ଓ ପଲ୍ଲବୀ । ଦୁହେଁ ଏହି ଖୁସି ଖବରକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ । ସେହିପରି ଖୁବ୍ ଶୀଘ୍ର ସବ୍ୟସାଚୀ ଏବଂ ଅର୍ଚ୍ଚିତାଙ୍କ ଘରକୁ ନୂଆ ଅତିଥି ଆସିବାର ଖୁସି ଖବର ଦେଇଛନ୍ତି ଏଇ ଦୁଇ ତାରକା ସ୍ୱାମୀ-ସ୍ତ୍ରୀ । କାରଣ ଅର୍ଚ୍ଚିତା ଏବେ ଗର୍ଭବତୀ ଅଛନ୍ତି । ଆଗକୁ ବାପା-ମାଆ ହେବା ଖବର ଦୁହେଁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ସମସ୍ତଙ୍କ ଆଶୀର୍ବାଦ କାମନା କରିଛନ୍ତି । ତାଙ୍କ ପ୍ରଶଂସକମାନେ ଅପେକ୍ଷା କରି ରହିଛନ୍ତି ।

# ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍‌ରୁ ଶ୍ରେୟସ ଆୟର ଆଉଟ୍



ବେଙ୍ଗାଲୁରୁ,୩୦।୧୨(ଏଜେନ୍ସି): ଫିଟନେସ ଲାଗି ଓଜନ ହରାଇବା ଜରୁରୀ। କିନ୍ତୁ ଅଧିକ ଓଜନ ହରାଇବା ଯେ କ୍ଷତିକାରକ ତାହା ଶ୍ରେୟସ ଆୟରଙ୍କ ଘଟଣାରୁ ସ୍ପଷ୍ଟ ହୋଇଛି। ଆଘାତ ପାଇବା ପରେ ଫିଟ୍ ହେବାକୁ ସଂଘର୍ଷ କରୁଥିବା ଆୟରଙ୍କ ଓଜନ ଏବେ ଅଧିକ କମିଯାଇଛି। ଯାହା ଫଳରେ ଫିଟ୍ ହୋଇଥିଲେ ମଧ୍ୟ ତାଙ୍କୁ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିବାକୁ ଅନୁମତି ଦେଇ ନାହାନ୍ତି ବିସିସିଆଇ ମେଡିକାଲ ଟିମ୍। ଯାହା ଫଳରେ ଏବେ ଚାଲିଥିବା ଘରୋଇ ଦିନିକିଆ କ୍ରିକେଟ ବିଜୟ ହଜାରେ ଟ୍ରଫି ଓ ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ସହ ଆରମ୍ଭ ହେବାକୁ ଯାଉଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ତାଙ୍କ ନାମ ବିଚାରକୁ ନିଆଯିବ ନାହିଁ। ଏବେ ସେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଫିଟ୍‌ନେସ ଫେରିପାଇବା ଲାଗି ଚିକିତ୍ସିତ ହେଉଛନ୍ତି ଓ ଅତିକମ୍‌ରେ ଆଉ ଏକ ସପ୍ତାହ ଏଠାରେ ରହିବେ ବୋଲି ଜଣାଯାଇଛି। ଆୟରଙ୍କ ଓଜନ ୬ କେଜି କମିଛି, ଯାହା ଫଳରେ ତାଙ୍କ ମାଂସପେସୀ ଠିକ୍ ଭାବେ କାମକରୁନାହିଁ। ମେଡିକାଲ ଟିମ୍‌ର ଆଶା ଆଉ ଏକ ସପ୍ତାହ ଟ୍ରେନିଂ କଲାପରେ ଆୟର ଫିଟ୍ ହୋଇଯିବେ।

# ଆଇସିସି ଟି-୨୦ ମାନ୍ୟତାରେ ଶେଫାଳିଙ୍କ ଉନ୍ନତି



ଦୁବାଇ,୩୦।୧୨(ଏଜେନ୍ସି): ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ମାନ୍ୟତାରେ ଭାରତୀୟ ମହିଳା କ୍ରିକେଟରଙ୍କ ମାନ୍ୟତାରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଏହା ମଧ୍ୟରେ ଓପନର ଶେଫାଳି ବର୍ମା ସବୁଠାରୁ ଅଧିକ ଲାଭବାନ ହୋଇଛନ୍ତି। ଦିନିକିଆ ବିଶ୍ୱକପ୍ ଫାଇନାଲରେ ୮୦ ରନ୍ କରି ଭାରତକୁ ଚାମ୍ପିଅନ କରାଇବା ପରେ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଶେଫାଳି ୩ଟି ଚମତ୍କାର ଇନିଂସ ଖେଳି ଟି-୨୦ ମାନ୍ୟତାରେ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏକଦା ନଂ-୧ ସ୍ଥାନରେ ଥିବା ଏହି ୨୧ ବର୍ଷୀୟ ଓପନର ଶ୍ରୀଲଙ୍କା ବିପକ୍ଷରେ ୪୨ ବଲ୍‌ରୁ ୭୯, ୪୬ ବଲରୁ ୭୯ ଓ ୩୪ ବଲ୍‌ରୁ ଅପରାଜିତ ୬୯ ରନ୍ କରି ଭାରତର ସିରିଜ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ସିରିଜ୍‌ରେ ସଂଘର୍ଷ କରିବା ପରେ ଚତୁର୍ଥ ଟି-୨୦ରେ ୮୦ ରନ୍ କରିଥିବା ଭାରତୀୟ ଉପଅଧିନାୟିକା ହରମନପ୍ରୀତ୍ କୌର ପୂର୍ବପରି ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। କିନ୍ତୁ ଜେମିମା ରୋଡ୍ରିଗ୍ସେଜ୍‌ଙ୍କର ଗୋଟିଏ ସ୍ଥାନରେ ଅବନତି ହୋଇ ୧୦ମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂରେ ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା ପୂର୍ବପରି ନଂ-୧ ସ୍ଥାନ ବଜାୟ ରଖିଛନ୍ତି। ମିଡିୟମ୍ ପେସ୍ ବୋଲର ରେଣୁକା ସିଂ ଯୁଗ୍ମ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଦୁଇ ଯୁବ ସ୍ପିନର ଶ୍ରୀ ଚରଣି ୫୨ତମ ଓ ଡେବ୍ୟୁଟାଣ୍ଟ ବୈଷ୍ଣବୀ ଶର୍ମା ୧୨୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

## ହରମନପ୍ରୀତ୍ ଫାଇନାଲର ଓ ଶେଫାଳି ସିରିଜ୍‌ର ଶ୍ରେଷ୍ଠ ଖେଳାଳି

# ଭାରତ ୫-୦ରେ ଟି-୨୦ ସିରିଜ୍ ପୋଛିନେଲା

ତିରୁଅନନ୍ତପୁରମ,୩୦।୧୨(ଏଜେନ୍ସି)



ହରମନପ୍ରୀତ୍ କୌର

ଅଧିନାୟିକା ହରମନପ୍ରୀତ୍ କୌର (୪୩ ବଲ୍‌ରେ ୬୮ ରନ୍)ଙ୍କ ଉପଯୋଗୀ ଅର୍ଦ୍ଧଶତକ ଓ ବୋଲରଙ୍କ ମିଳିତ ଉଦ୍ୟମ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ପଞ୍ଚମ ତଥା ଶେଷ ଟି-୨୦ରେ ଭାରତ ୧୫ ରନ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଶେଷ ହୋଇଥିବା ଟି-୨୦ ସିରିଜ୍‌କୁ ଭାରତ ୫-୦ରେ କ୍ଲିନ୍ ସୁଇପ୍ କରିଛି। ଏହି ମ୍ୟାଚ୍‌ରେ ୬୮ ରନ୍ କରି ଭାରତକୁ ବିପଦରୁ ଉଦ୍ଧାର କରିଥିବା ଅଧିନାୟିକା ହରମନପ୍ରୀତ୍ କୌରଙ୍କୁ ମ୍ୟାଚ୍‌ର ଓ ଶେଫାଳି ବର୍ମାଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍ ପରେ ଆସନ୍ତାବର୍ଷ ଜାନୁଆରୀ ୯ରୁ ମହିଳା ପ୍ରିମିୟର ଲିଗ୍ ଆରମ୍ଭ ହେବ।

ଏଠାରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟରେ ୧୭୫ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ସମାନ ସଂଖ୍ୟକ ଓଭର ଓ ସମାନ ସଂଖ୍ୟକ ୱିକେଟ ହରାଇ ୧୬୦ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ଓପନର ହାସିନୀ ପରେରା ୪୨ ବଲ୍‌ରେ ୮ ଚୌକା ଓ ୧ଛକା ସହ ୬୫ ଏବଂ ନଂ-୩ ଇମେଶ ଦୁଲାନି ୩୯ ବଲ୍‌ରେ ୮ ଚୌକା ସହ ୫୦ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଘରୋଇ ଦଳର ବୋଲିଂ କରିଥିବା ସମସ୍ତ ୬ଜଣ ଯାକ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଭାରତ ପକ୍ଷରୁ ଏହି ମ୍ୟାଚ୍‌ରେ ୪ଜଣ ନିୟମିତ ଖେଳାଳି ସ୍ମୃତି ମନ୍ଧାନା, ଶେଫାଳି ରୋଡ୍ରିଗ୍ସେଜ୍, ରେଣୁକା ସିଂ ଓ କ୍ରାନ୍ତି ଗୌଡ଼ଙ୍କୁ ବିଶ୍ରାମ ଦିଆଯାଇଥିଲା।

ଏହି ସିରିଜ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା। ଦଳର ସଫଳ ଓପନର ଶେଫାଳି ବର୍ମା ୫, ଡେବ୍ୟୁଟାଣ୍ଟ ଗୁନ୍‌ଲାନ କମଳିନୀ ୧୨, ହର୍ଲିନ ଦେଓଲ ୧୩, ରିଚା ଘୋଷ ୫ ଓ ଦୀପ୍ତି ଶର୍ମା ୭ ରନ୍‌ରେ ଆଉଟ ହୋଇଥିଲେ। ଫଳରେ ଭାରତ ୧୦.୪ ଓଭରରେ ୭୭ ରନ୍ କରିଥିଲାବେଳେ ଅଧା ବା ୫ ୱିକେଟ ହରାଇଥିଲା। ଏହି ସମୟରେ ହରମନପ୍ରୀତ୍‌ଙ୍କ ସହ ଅମନଜୋତ କୌର ୬ଷ୍ଠ ୱିକେଟରୁ ୩୭ ବଲ୍‌ରେ ୬୧ ରନ୍ ଉଠାଇ ଭାରତର ସମ୍ମାନ ରଖିଥିଲେ। କିନ୍ତୁ ବଡ଼ ସ୍କୋର କରିବା ପୂର୍ବରୁ ହରମନପ୍ରୀତ୍ ୪୩ ବଲ୍‌ରୁ ୯ ଚୌକା ଓ ୧ଛକା ସହ ୬୮ ରନ୍ କରି ଆଉଟ ହୋଇଥିଲେ। ଅମନଜୋତ ୧୮ ବଲ୍‌ରୁ ୨୧ ରନ୍ ଯୋଗଦାନ କରିଥିଲେ। ୮ମ ୱିକେଟରେ ଅରୁନ୍ଧତି ରେଡ୍ଡୀ ଓ ସ୍ନେହ ରାଣା ୧୪ ବଲ୍‌ରୁ ୩୩ ରନ୍ ଉଠାଇବା ଫଳରେ ଦଳ ୭ ୱିକେଟରେ ୧୭୫ ରନ୍ କରିଥିଲେ। ଅରୁନ୍ଧତି ମାତ୍ର ୧୧ ବଲ୍‌ରୁ ୪ ଚୌକା ଓ ୧ଛକା ସହ ୨୭ ଓ ସ୍ନେହ ୬ ବଲ୍‌ରୁ ୮ ରନ୍ କରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ପକ୍ଷରୁ ଏହି ମ୍ୟାଚ୍‌ରେ ଅଧିନାୟିକା ଚାମରି ଆଟାପାଟ୍ଟୁ, ରଶ୍ମିକା ସେୱାଣ୍ଡି ଓ କାଭିସ୍ ଦିଲହରୀ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ**: ୧୭୫/୭, ୨୦ ଓଭର (ହରମନପ୍ରୀତ୍-୬୮, ଅରୁନ୍ଧତି- ୨୭*, ଦିଲହାରୀ-୨/୧୧, ଚାମରି-୨/୨୧)।
**ଶ୍ରୀଲଙ୍କା**: ୧୬୦/୭, ୨୦ ଓଭର (ହାସିନି-୬୫, ଦୁଲାନି-୫୦, ଅରୁନ୍ଧତି-୧/୧୬, ଅମନଜୋତ୍-୧/୧୭)।

# ସୂର୍ଯ୍ୟକୁମାର ମୋତେ ବାରମ୍ବାର ମେସେଜ୍ କରୁଥିଲେ: ଖୁସି ମୁଖାର୍ଜୀ



ମୁମ୍ବଇ,୩୦।୧୨(ଏଜେନ୍ସି): ବଲିଉଡ୍ ନାୟିକା ଓ ମଡେଲ ଖୁସି ମୁଖାର୍ଜୀ ଆଜି କ୍ରିକେଟ ଖେଳାଳିଙ୍କୁ ନେଇ ଏକ ବିସ୍ଫୋରକ ତଥ୍ୟ ଗଣମାଧ୍ୟମ ଆଗରେ ରଖିଛନ୍ତି। ଏହା ମଧ୍ୟରେ ରହିଛି ଭାରତୀୟ ଦଳର ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ରୋଚକ ତଥ୍ୟ। ସୂର୍ଯ୍ୟକୁମାରଙ୍କ ସହ ତାଙ୍କର ବହୁ ପୁରୁଣା ସମ୍ପର୍କ ରହିଛି ଓ ସେ ମୋତେ ଆଗରୁ ବାରମ୍ବାର ମେସେଜ୍ କରନ୍ତି ବୋଲି ଖୁସି ଆଜି ଗଣମାଧ୍ୟମରେ କହିଛନ୍ତି। ଜଣେ କ୍ରିକେଟ ଖେଳାଳିଙ୍କ ସହ ଡେଟ୍ କରିବାକୁ ପସନ୍ଦ କରିବେ କି ବୋଲି ପ୍ରଶ୍ନର ଉତ୍ତରରେ ଖୁସି ଏହା କହିଥିଲେ। କେବଳ ସୂର୍ଯ୍ୟକୁମାର ନୁହଁନ୍ତି, ଅନେକ କ୍ରିକେଟର ମୋ ପଛରେ ପଡ଼ିଛନ୍ତି। କିନ୍ତୁ ମୁଁ କୌଣସି କ୍ରିକେଟରଙ୍କ ସହ ଜଡିତ ହେବାକୁ ଚାହିଁନାହିଁ। ସୂର୍ଯ୍ୟକୁମାରଙ୍କ ସହ ଏବେ ମୋର ବିଶେଷ ସମ୍ପର୍କ ନାହିଁ। ଏବେ ଆମେ ବେଶି କଥାବାର୍ତ୍ତା ହେଉନାହୁଁ। ମୁଁ ମଧ୍ୟ କୌଣସି କ୍ରିକେଟ ଖେଳାଳିଙ୍କ ସହ ଯୋଡି ହେବାକୁ ଚାହୁଁନାହିଁ ବୋଲି ଖୁସି କହିଛନ୍ତି। ଖୁସିଙ୍କ ଏହି ବିସ୍ଫୋରଣାତ୍ମକ ମନ୍ତବ୍ୟ ଉପରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ସୂର୍ଯ୍ୟକୁମାର। ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଓ ତାଙ୍କ ପତ୍ନୀ ଦେବୀଶା ସେଟ୍ଟୀ ଏବେ ଆନ୍ଧ୍ରପ୍ରଦେଶର ତିରୁମାଲାସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରୁ ପରିଦର୍ଶନ କରିଥିଲେ। ବୈକୁଣ୍ଠ ଏକାଦଶୀରେ ସେମାନେ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ସୂର୍ଯ୍ୟକୁମାର ଏବେ ଭଲ ଫର୍ମରେ ନାହାନ୍ତି। ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତ ୩-୧ରେ ବିଜୟୀ ହୋଇଥିଲା। ଏହା ପରେ ଆସନ୍ତାବର୍ଷ ଜାନୁଆରୀ ୧୧ରୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଓ ଏହା ପରେ ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍‌ରେ ନେତୃତ୍ୱ ନେବାକୁ ସୂର୍ଯ୍ୟକୁମାର ମନୋନୀତ ହୋଇଛନ୍ତି। ଖୁସିଙ୍କ ଏହି ବୋମା ସୂର୍ଯ୍ୟକୁମାରଙ୍କୁ କିପରି ଆଘାତ ଦେଉଛି ନା ଫର୍ମ ଫେରାଇବାରେ ସହାୟକ ହେବ ତାହା ଆସନ୍ତାଦିନରେ ଜଣାପଡ଼ିବ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

# ୩୦୫/୬ରେ ଓଡ଼ିଶାର ପାଳି ଘୋଷଣା

କଟକ,୩୦।୧୨(ସମିସ): ୧୬ ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଜାରି ରହିଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଥିବା ପଣ୍ଡିଚେରୀ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ୬ ୱିକେଟ ହରାଇ ୩୦୫ରନ କରିଥିବା ବେଳେ ଆଜି ପ୍ରଥମ ପାଳି ଘୋଷଣା କରିଛି। ଓପନର ମିଧାଂଶୁ ଦାସ ୧୩୬, ଅରୋବିନ୍ଦ ୫୬ରନ ଏବଂ ଓମପ୍ରକାଶ ୨୩ରନରେ ଆଉଟ ହେବା ପରେ ଦଳ ପାଳି ଘୋଷଣା ପାଇଁ ନିଷ୍ପତ୍ତି ନେଇଥିଲା। ଅନ୍ୟପଟେ ପଣ୍ଡିଚେରୀ ୪ ୱିକେଟ ବିନିମୟରେ ୧୮୬ରନ ସଂଗ୍ରହ କରି ଓଡ଼ିଶାକୁ ଜବାବ ଦେଇଛି। ଅଭୟ ସିଂହ(୭୦ରନ) ଏବଂ ଏସ୍ ପ୍ରନଶୁ(୬୭) ଉଭୟ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଦଳ ୧୧୯ରନ ପଛୁଆ ଥିବା ବେଳେ ହାତରେ ୬ ୱିକେଟ ବଳକା ଥିବା ହେତୁ ପଣ୍ଡିଚେରୀ ଇନିଂସ ଅଗ୍ରଣୀ କରିବାର ସମ୍ଭାବନା ରହିଛି।

# ଜ୍ଞାନରଞ୍ଜନ ଦାସଙ୍କ ପରଲୋକ

କଟକ,୩୦।୧୨(ସମିସ): ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଜ୍ଞାନରଞ୍ଜନ ଦାସଙ୍କର ୬୩ବର୍ଷ ବୟସରେ ପରଲୋକ ଘଟିଛି। ଜ୍ଞାନରଞ୍ଜନ ଦୀର୍ଘବର୍ଷ ଧରି ସନ୍ତୋଷ ଟ୍ରଫିରେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଏହାଛଡ଼ା ୱେଷ୍ଟର୍ଣ୍ଣ ମହାବୀର କ୍ଲବର ଖେଳାଳି ରହିବା ସହ କ୍ଲବର ପ୍ରଶିକ୍ଷକ ଦାୟିତ୍ୱ ମଧ୍ୟ ବହନ କରିଥିଲେ। ଜ୍ଞାନରଞ୍ଜନ ୟଙ୍ଗ ଉତ୍କଳ କ୍ଲବର ପ୍ରଶିକ୍ଷକ ମଧ୍ୟ ରହିଥିଲେ। ଏ.ଜି କାର୍ଯ୍ୟାଳୟରୁ ଅବସର ପରେ ଫୁଟବଲ ଜଗତରେ ସେ ସକ୍ରିୟ ରହିଥିଲେ। ତାଙ୍କ ବିୟୋଗରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଶୋକ ପ୍ରକାଶ ପାଇଛି।

# ସୌମ୍ୟଙ୍କୁ ୮୬ତମ ଟାଇଟଲ; ଏଥର ଆମେରିକାରେ



ଭୁବନେଶ୍ୱର,୩୦।୧୨ (ସମିସ): ଓଡ଼ିଶାର ଜଣାଶୁଣା ଚେସ୍ ଖେଳାଳି ତଥା ଫିଡେ ମାଷ୍ଟର ଏଥର ଆମେରିକାର ଲାସ୍‌ଭେଗାସରେ ଅନୁଷ୍ଠିତ ନର୍ଥ ଆମେରିକାନ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ସେ ଏହି ଟାଇଟଲ ୭ ରାଉଣ୍ଡ ବିଶିଷ୍ଟ ମାଷ୍ଟର୍ସ ବିଭାଗରେ ଜିତିଛନ୍ତି। ଏଥିରେ ତାଙ୍କୁ ୪.୫ ପଏଣ୍ଟ ମିଳିଥିଲା ଓ ବୁକୋଲଜ୍‌ରେ ସେ ପ୍ରଥମ ସ୍ଥାନ ଅଧିକାର କରି ଟାଇଟଲ ଜିତିଥିଲେ। ଟାଇଟଲ ଜିତିବା ସହ ତାଙ୍କୁ ମଧ୍ୟ ୨୮ଟି ରେଟିଂ ପଏଣ୍ଟ ମିଳିଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ମ ସିଡ୍ ମାନ୍ୟତା ପାଇଥିବା ସୌମ୍ୟ ଶେଷ ରାଉଣ୍ଡରେ ହାରିଯାଇଥିଲେ ମଧ୍ୟ ଟାଇଟଲ ହାତଛଡ଼ା କରି ନ ଥିଲେ।

# ପୂର୍ବ ଭାରତ ବଡ଼ି ବିଲ୍ଡିଂ ଚାମ୍ପିଅନସିପ୍ ୧୦ରୁ




ଭୁବନେଶ୍ୱର,୩୦।୧୨(ସମିସ): ସ୍ଥାନୀୟ ବଉଳଗଡ଼ କ୍ଲବ ଓ ଓଡ଼ିଶା ବଡ଼ି ବିଲ୍ଡିଂ ମିଳିତ ଆନୁକୂଲ୍ୟରେ ଏବଂ ପୂର୍ବ ଭାରତ ବଡି ବିଲ୍ଡର୍ସ ଆସୋସିଏସନ ତତ୍ୱାବଧାନରେ ଜାନୁଆରୀ ୧୦ରୁ ୧୨ ତାରିଖ ମଧ୍ୟରେ ୩ ଦିନ ଧରି ଦ୍ୱାଦଶ ପୂର୍ବ ଭାରତ ପୁରୁଷ ଓ ମହିଳା ବଡ଼ି ବିଲ୍ଡିଂ ଓ ଶାରୀରୀକ କ୍ରୀଡ଼ା ଚାମ୍ପିଅନସିପ୍ ଆୟୋଜନ ହେବ। ୧୯୭୫ରୁ ବଉଳଗଡ଼ କ୍ଲବ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ବଉଳଗଡ଼ କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏହି ପ୍ରତିଯୋଗତା ଆୟୋଜନ ହେବାକୁ ଯାଉଛି। ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ଭଞ୍ଜକଳା ମଣ୍ଡପରେ ଏହି ପ୍ରତିଯୋଗତା ଆୟୋଜନ ହେବ। ଏହି ପ୍ରତିଯୋଗିତାରେ ପୂର୍ବ ଭାରତର ୧୨ଟି ରାଜ୍ୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଏହି ରାଜ୍ୟଗୁଡିକରୁ ୪୦୦ ବଡ଼ିବିଲ୍ଡର ଓ ୧୦୦ଜଣ ଅଫିସିଆଲ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ୨୫ ପୁରୁଷ ଓ ୫ ମହିଳା ସମେତ ମୋଟ ୩୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଭୁବନେଶ୍ୱରର ଏକାମ୍ର ବିଧାୟକ ତଥା ଚାମ୍ପିଅନସିପ୍‌ର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବାବୁ ସିଂହଙ୍କ ଦିଗଦର୍ଶନରେହିଁ ଏହି ପ୍ରତିଯୋଗିତା ଆୟୋଜନ ହେବ ବୋଲି ମଙ୍ଗଳବାର ସମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର ତରଫରୁ ସୂଚନା ଦିଆଯାଇଛି। ଏଥିରେ ବାବୁ ସିଂହଙ୍କ ସମେତ ବଉଳଗଡ଼ କ୍ଲବ ସମ୍ପାଦକ ରାଧାନାଥ ମହାପାତ୍ର ପୂର୍ବ ଭାରତ ବଡ଼ି ବିଲ୍ଡର୍ସ ଆସୋସିଏସନ ଓ ଓଡ଼ିଶା ବଡ଼ି ବିଲ୍ଡିଂ ଆସୋସିଏସନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ରାଧାମାଧବ ପଣ୍ଡା, ଚକ୍ରଧର ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ତାରକା ବଡ଼ି ବିଲ୍ଡର ଅମିତ କୁମାର ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଇଡେନ ପିଚ୍ ସନ୍ତୋଷଜନକ

ମୁମ୍ବଇ,୩୦।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କୋଲକାତାରେ ନଭେମ୍ବର ୧୪ରୁ ୧୬ ଯାଏ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍ ପିଚ୍‌କୁ ଆଇସିସି ସନ୍ତୋଷଜନକ ରେଟିଂ ପ୍ରଦାନ କରିଛି। ଏହି ମ୍ୟାଚ୍‌ର ପ୍ରଥମ ଦିନରୁ ଖେଳ ଦକ୍ଷିଣ ଆଫ୍ରିକା କବ୍‌ଜାରେ ରହିଥିଲା ଓ ଭ୍ରମଣକାରୀ ଦଳ ଏହାକୁ ୩୦ ରନ୍‌ରେ ଜିତିଥିଲା। ଏହା ପରେ ଗୁଆହାଟୀ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୪୦୮ ରନ୍‌ରେ ଜିତିବା ସହ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିନେଇଥିଲା। ଏହା ଫଳରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଦୀର୍ଘ ୨୫ ବର୍ଷ ପରେ ଟେଷ୍ଟ ସିରିଜ୍ ଜିତିବାକୁ ସମର୍ଥ ହୋଇଥିଲା। କୋଲକାତା ଟେଷ୍ଟ ୩ ଦିନରେ ଶେଷ ହୋଇଥିବାରୁ ଏହାକୁ ଅନୁପଯୁକ୍ତ କରାଯିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନ ଏହାକୁ ସନ୍ତୋଷଜନକ ରେଟିଂ ଦେବା ପରେ ବିସିସିଆଇ ଓ ଭାରତୀୟ ସମର୍ଥକ ଆଶ୍ୱସ୍ତ ହୋଇଛନ୍ତି।

**ଛିନ୍ଦେଇକେଲା କ୍ରିକେଟ କପ୍**

# ରାଞ୍ଚି ମେକନ ଚାମ୍ପିଅନ

ପାଇକମାଳ,୩୦।୧୨(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୨୯ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍‌ର ମଙ୍ଗଳବାର ଶେଷ ହୋଇଛି। ଫାଇନାଲରେ ପ୍ରୟାଗରାଜକୁ ହରାଇ ରାଞ୍ଚି ମେକନ ଚାମ୍ପିଅନ ହୋଇଛି। ରାଞ୍ଚି ମେକନ ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଙ୍କିତ ରାଜ ଗୁପ୍ତା ୫୧, ବିସ୍ତଳ ତିୱାରୀ ୩୧, ରଣବୀର ୨୭ ରନ ସଂଗ୍ରହ କରିଥିଲେ। ୧୭୫ ରନ ବିଜୟ ଲକ୍ଷ୍ୟ ନେଇ ପ୍ରୟାଗରାଜ ଦଳ ବ୍ୟାଟିଂ ଆରମ୍ଭ କରିଥିଲା। ହେଲେ ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୨ ରନ ସଂଗ୍ରହ କରି ୨୨ ରନରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ଏମ କ୍ରିଷ୍ଣା ୮୮, ଏମଡି ଉମର ୨୮ରନ ସଂଗ୍ରହ କରିଥିଲେ। ରାଞ୍ଚି ଦଳରୁ ସୁମିତ ସୌରଭ ୩, ଆକାଶ ସିଂ ୩, ଅନୁଜ ସିଂ, ଅକସତ ଝା, ଅନିବନ ଚାଟାର୍ଜୀ ୧ ୱିକେଟ ଲେଖାଏଁ ନେଇଥିଲେ। ଓସିଏ ଅମ୍ପାୟାର ଅମିୟ ଭୂଷଣ ସାହୁ ଓ ଓସିଏ ଅମ୍ପାୟାର ସୁଶାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଓ ସମ୍ମାନିତ ଅତିଥି ଭାବେ ଅଶୋକ ଜିନ୍ଦଲ ଯୋଗ ଦେଇଥିଲେ। ଅତିଥି ମାନେ ଚାମ୍ପିଅନ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ନଗଦ ୩୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ରାଞ୍ଚି ଦଳର ଅଙ୍କିତରାଜ ଗୁପ୍ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ପ୍ରୟାଗରାଜ ଦଳ କ୍ରିଷ୍ଣା ସରୋଜଙ୍କୁ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ସଚ୍ଚିଦାନନ୍ଦ ପଣ୍ଡା ସଭା ପରିଚାଳନା କରିଥିଲେ। ଆୟୋଜକ ସଭାପତି ଯତୀନ ସାହୁ, ଉପସଭାପତି ଆଦର୍ଶ ସାହୁ, ସମ୍ପାଦକ କାହ୍ନୁଚରଣ ସାହୁ, କୋଷାଧ୍ୟକ୍ଷ ଆକାଶ ସାହୁଙ୍କ ସମେତ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପଦେଷ୍ଟା ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।



**ଫେଡେରେସନ କପ୍ ଉଷୁ ଚାମ୍ପିଅନସିପ୍**

# ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୩୧ ପଦକ



ଭୁବନେଶ୍ୱର,୩୦।୧୨ (ସମିସ): ଛତିଶଗଡ଼ର ରାଜନନ୍ଦନଗାଁଓଠାରେ ଚଳିମାସ ୨୬ରୁ ୩୦ ଯାଏ ଅନୁଷ୍ଠିତ ନବମ ଫେଡେରେସନ କପ୍ ଉଷୁ ଚାମ୍ପିଅନସିପ୍‌ରେ ଓଡ଼ିଶା ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨୨ କାଂସ୍ୟ ସହ ୩୧ଟି ପଦକ ଜିତି ଭଲ ସଫଳତା ହାସଲ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୫୩ ଜଣ ପ୍ରତିଯୋଗୀ ଭାଗ ନେଇ ଏହି ପଦକ ଜିତିଛନ୍ତି। ସ୍ୱର୍ଣ୍ଣ ବିଜେତା ପ୍ରତିଯୋଗୀମାନେ ହେଲେ ସବ୍‌ଜୁନିଅର ବିଭାଗ ୨୨ କେଜିରେ କ୍ରିଷ୍ଟା ମୁଣ୍ଡା, ୨୮ କେଜିରେ ମଞ୍ଜୁ ମୁଣ୍ଡା, ୨୬ କେଜିରେ ସାବିତ୍ରୀ ମୁଣ୍ଡା, ସିନିଅର ୫୨ କେଜି ବିଭାଗରେ ରାଜକୁମାର ମୁଣ୍ଡା, ଆୟୁଷ ଅଂଶୁମାନ ସାହୁ। ପଙ୍କଜ ମହାନ୍ତ ଓ ସୁଜନ ରଥ କୋଚ୍ ରହିଥିଲାବେଳେ ପ୍ରଦ୍ୟୁମ୍ନ ବେହେରା ହେଡ୍ ଜଜ୍, ସାଣ୍ଡାରେ ସୁଶାନ୍ତ ନାୟକ ଓ ତାଓଲୁରେ ଟିକା ବାହାଦୁର ଜଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶା ଉଷୁ ସଂଘ ଅଧ୍ୟକ୍ଷ ଇଂ ସୁଧାଂଶୁ ଶେଖର ହରିଚନ୍ଦନ ଓ ସଭାପତି ବିଷ୍ଣୁ ମୋହନ ମହାନ୍ତି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ରାଜ୍ୟ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ**

# କଟକ ଚାମ୍ପିଅନ, ସୁନ୍ଦରଗଡ଼ ରନର୍ସଅପ୍

କଟକ,୩୦।୧୨(ସମିସ)




ବକ୍ସିବଜାର ସ୍ଥିତ ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟ ଆଥଲେଟିକ ମିଟ ଆଜି ଉଦ୍‌ଯାପିତ ହୋଇଯାଇଛି। ମୋଟ୍ ୪୦୦ ପଏଣ୍ଟ ସଂଗ୍ରହ କରି କଟକ ଦଳଗତ ଚାମ୍ପିଅନ ହୋଇଥିବା ବେଳେ ୩୩୬ ପଏଣ୍ଟ ହାସଲ କରିଥିବା ସୁନ୍ଦରଗଡ ରନର୍ସଅପ ହୋଇଛି। ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ଓଡ଼ିଶା ପୁଲିସ ସର୍ବାଧିକ ପଏଣ୍ଟ ହାସଲ କରିଛି। ଅନ୍ୟପକ୍ଷରେ ଚାରିଦିନିଆ ଏହି ରାଜ୍ୟ ଚାମ୍ପିଅନସିପ୍‌ରେ ୨୫ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ଆଥଲେଟିକ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

ମିଟ୍‌ର ପ୍ରଥମ ଦିବସରେ ୫ଟି ନୂତନ ରେକର୍ଡ ହୋଇଥିଲା। ମହିଳା ୫ହଜାର ମିଟର ଦୌଡ଼ରେ ସୁସ୍ମିତା ଟିଗା, ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋରେ ଆଲୋକିକା ସ୍ୱାଇଁ, ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝୀ, ମହିଳା ଲଙ୍ଗଜମ୍ପରେ ମନୀଷା ମେରେଲ, ୨୦ବର୍ଷରୁ କମ୍ ବାଳକ ସଟପୁଟରେ ଓମକାର ପ୍ରସାଦ ନନ୍ଦ ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ୨୦ବର୍ଷରୁ କମ୍ ବାଳକ ହାମର ଇଭେଣ୍ଟରେ ଓମକାର ପ୍ରସାଦ ନନ୍ଦ, ୨୩ବର୍ଷରୁ କମ୍ ବାଳିକା ହାଇଜମ୍ପରେ ମେହକ ନରସିମ, ପୁରୁଷ ଲଙ୍ଗଜମ୍ପରେ ଶରୁଣ ପାୟାସିଂହ, ଡିକାଥଲନରେ ଯଶବୀର ନାୟକ, ତୃତୀୟ ଦିବସରେ ୧୪ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋ ଇଭେଣ୍ଟରେ ଦେବରାଜ ଗଣ୍ଡୁଆ, ୧୪ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋରେ ଭାରତୀ ଗଣ୍ଡୁଆ, ୨୩ବର୍ଷରୁ କମ୍ ବାଳକ ପୋଲଭଲ୍ଟରେ ଦୁର୍ଗାଚରଣ କିସକୁ, ୨୦ବର୍ଷରୁ କମ୍ ବାଳିକା ହାମରରେ ଅଙ୍କିତା ମହାପାତ୍ର, ୨୩ବର୍ଷରୁ କମ୍ ବାଳକ ଡିସକସ ଥ୍ରୋରେ ନିର୍ମଳ ଜେନା ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତେବେ ଆଜି ଖେଳର ଅନ୍ତିମ ଦିନରେ ନୂତନ ୧୧ଟି ମିଟ ରେକର୍ଡ ହୋଇଛି। ୧୮ ବର୍ଷରୁ କମ ବାଳକ ଜାଭେଲିନ ଥ୍ରୋରେ ସତ୍ୟରଞ୍ଜନ ନାୟକ, ୨୩ବର୍ଷରୁ କମ୍ ବାଳକ ଟ୍ରିପଲ ଜମ୍ପରେ ସ୍ୱାଗତ କୁମାର ବେହେରା,୨୩ବର୍ଷରୁ କମ୍ ବାଳିକା ସଟପୁଟରେ ଅଂଶିକା ରାଉତରାୟ, ମହିଳା ହେପ୍ଟାଥଲନରେ ପୂର୍ଣ୍ଣିମା ହେମ୍ବ୍ରମ, ୨୩ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋରେ ରତ୍ନାକର ପାଲଟାସିଂହ, ପୁରୁଷ ୧୦ହଜାର ମିଟର ଦୌଡ଼ରେ ଅଶୋକ ଦଣ୍ଡସେନା, ୨୩ବର୍ଷରୁ କମ୍ ବାଳକ ୩ହଜାର ମିଟର ଷ୍ଟିପଲ ଚେଜ୍‌ରେ ଶୁଭମ ବେହେରା, ୧୫ଶହ ମିଟର ଦୌଡ଼ରେ ଦୟାନିଧି ମୁଣ୍ଡା, ୮୦୦ମିଟର ଦୌଡ଼ରେ ବଳଭଦ୍ର ଭତ୍ର, ମହିଳା ୪୦୦ ମିଟର ଦୌଡ଼ରେ ସୁଖୀ ବସ୍କି ଏବଂ ୨୩ବର୍ଷରୁ କମ୍ ବାଳକ ୧୦ହଜାର ମିଟର ଦୌଡ଼ରେ ପଙ୍କଜ ସୋରେନ ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

## ଅଂଶିକାଙ୍କ ରେକର୍ଡ



ଏହି ପ୍ରତିଯୋଗିତାରେ ୨୩ ବର୍ଷରୁ କମ୍ ମହିଳା ସଟ୍‌ପୁଟ୍ ଥ୍ରୋରେ ଅଂଶିକା ରାଉତରାୟ ନୂଆ ମିଟ୍ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୧୨.୧୭ ମିଟର ଦୂରତାକୁ ସଟ୍‌ପୁଟ୍ ଫିଙ୍ଗି ଏହି ରେକର୍ଡ କରିଥିଲେ। ପୂର୍ବରୁ ଏହି ରେକର୍ଡ ୯.୫୫ ମିଟର ଥିଲା। ଅଂଶିକା ମଧ୍ୟ ଡିସ୍‌କସ୍ ଥ୍ରୋରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ହର୍ଡଲ୍ସ କୁଇନ୍ ଭାବେ ବିବେଚିତ ଓଡ଼ିଶାର କିଂବଦନ୍ତୀ ଆଥ୍‌ଲେଟ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ହେଉଛନ୍ତି ଅଂଶିକା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS